

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୩ ଜୁନ୍ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 23 JUNE 2021
Vol.No. 32 ■ No. 157 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଆସନ୍ତା ସେପ୍ଟେମ୍ବର-ଅକ୍ଟୋବରରେ ଆସିପାରେ କରୋନାର ତୃତୀୟ ଲହର

ଟ୍ୱିଟ୍ କରି ସତର୍କ କରାଇଲା ଆଇଆଇଟି କାନପୁର

ଭୁବନେଶ୍ୱର,୨୨/୦୬(ନି.ପ୍ର): କରୋନାର ଦ୍ୱିତୀୟ ଲହର ଭୟ ଏଯାଏଁ ଟଳି ନାହିଁ । ତୃତୀୟ ଲହରକୁ ନେଇ ଆକଳନ କରାଗଲାଣି । ତୃତୀୟ ଲହର ସଂପର୍କରେ ତଥ୍ୟ ଦେବା ସହ ଟ୍ୱିଟ୍ କରି ସତର୍କ କରାଇ ଦେଇଛି ଆଇଆଇଟି କାନପୁର । ଦେଶରେ ସେପ୍ଟେମ୍ବର-ଅକ୍ଟୋବରରେ କରୋନାର ତୃତୀୟ ଲହର ଆସିପାରେ । ଆଇଆଇଟି କାନପୁର ଏକ ରିପୋର୍ଟ ପ୍ରକାଶ କରି କହିଛି, ସେପ୍ଟେମ୍ବରରୁ ଅକ୍ଟୋବରରେ ତୃତୀୟ ଲହର ଆସିବ । ଏଥିପାଇଁ ୩ଟି ଆକଳନ କରାଯାଇଛି । ଅକ୍ଟୋବରରେ ଶିଖର ଛୁଇଁପାରେ ତୃତୀୟ ଲହରର ସଂକ୍ରମଣ । କିନ୍ତୁ ଏହା ଦ୍ୱିତୀୟ ଲହର ଅପେକ୍ଷା କିଛି ମାତ୍ରାରେ କମ୍ ରହିପାରେ । ଦ୍ୱିତୀୟ ଆକଳନ ଅନୁସାରେ, ତୃତୀୟ ଲହର ପିକ୍ ଯଦି ସେପ୍ଟେମ୍ବରରେ ଆସେ, ତେବେ ସଂକ୍ରମଣହାର ଅଧିକ ରହିବ । ଆଇଆଇଟି କାନପୁରର ତୃତୀୟ ଆକଳନ କହୁଛି, ତୃତୀୟ ଲହର ସଂକ୍ରମଣ ପିକ୍ ଅକ୍ଟୋବର ଶେଷରେ ଆସିବ । ଆଇଆଇଟି କାନପୁର ଅନୁଧ୍ୟାନ । ଅଧିକାଂଶ ରାଜ୍ୟରେ ଦ୍ୱିତୀୟ ଲହର ସରି ଆସିଲାଣି । ଏବେ ଉତର ଭାରତର ରାଜ୍ୟଗୁଡ଼ିକରେ ଅଧିକ ସଂକ୍ରମଣ ରହିଛି । ଭାରତରେ ଦୈନିକ ସଂକ୍ରମଣ ହାର କମିଛି । ଅଧିକାଂଶ ରାଜ୍ୟରେ ପିଜିଟିଭ ହାର ୫% ତଳେ ରହିଛି ।

କମ୍ପାନୀ ଠାରୁ ସିଧା ଟିକା କିଣିବେ ଘରୋଇ ହସ୍ପିଟାଲ

ଭୁବନେଶ୍ୱର,୨୨/୦୬ (ନି.ପ୍ର): କେନ୍ଦ୍ର ସରକାରଙ୍କ ପରିବର୍ତିତ ଟିକାକରଣ ନୀତି ଲାଗୁ ହେବା ପରେ ଘରୋଇ ହସ୍ପିଟାଲ ଗୁଡିକ ସର୍ଭିସ ଚାର୍ଜ ନେଇ ଦେଉଥିବା ଟିକାକୁ ବନ୍ଦ କରି ଦିଆଯାଇଛି । ଘରୋଇ ହସ୍ପିଟାଲ ଗୁଡିକ ଚାହିଁଲେ ଆଜି ଠୁ ସିଧାସଳଖ ଭ୍ୟାକ୍ସିନ ପ୍ରସ୍ତୁତକାରୀ କମ୍ପାନୀ ଠୁ ଟିକା କିଣି ଦେଇପାରିବେ । ସରକାର ଯେଉଁ ଦର ଧାର୍ଯ୍ୟ କରିଛନ୍ତି ସେହି ଦର ଅନୁଯାୟୀ ଟିକାକରଣ କରିବେ । କୋଭିସିଲ୍ଡ ଟିକା ୭୮୦ ଟଙ୍କା ଓ କୋଭାକ୍ସିନ ଟିକା ୧୪୧୦ ଟଙ୍କା ଧାର୍ଯ୍ୟ କରାଯାଇଛି । ସେହି ଦର ଅନୁଯାୟୀ ସେମାନେ ଟିକାକରଣ କରି ପାରିବେ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି । ଏଥିସହିତ ତୃତୀୟ ଲହର ଆସିବା ପୂର୍ବରୁ ଅଧିକରୁ ଅଧିକ ଲୋକଙ୍କୁ ଟିକାକରଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଗତକାଲି ୧୬୧୩ଟି ଟିକାକରଣ କେନ୍ଦ୍ରରେ ୩ ଲକ୍ଷ ୩୨ହଜାର ୭୧୭ ଜଣଙ୍କୁ ଟିକାକରଣ କରାଯାଇଛି । ରାଜ୍ୟରେ ୧ କୋଟିରୁ ଅଧିକ ଟିକାକରଣ ହୋଇଛି । ରାଜ୍ୟର ବର୍ତମାନ କୋଭିସିଲ୍ଡ ଟିକା ୬ ଲକ୍ଷ ୯୮ହଜାର ଓ କୋଭାକ୍ସିନ ଟିକା ୪ ଲକ୍ଷ ୩୦ ହଜାର ମହଜୁଦ ରହିଛି । ଆଜି ମଧ ୧ ଲକ୍ଷ ୭୪ ହଜାର ୪୬୦ କୋଭିସିଲ୍ଡ ଟିକା ପହଂଚିବ ବୋଲି କହିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ।

୧୦ଟି ଅକ୍ସିଜେନ୍ କନ୍‌ସେନ୍‌ଟ୍ରେଟର ଦେଲା ଆଇସିଆଇସିଆଇ ବ୍ୟାଙ୍କ

ଭୁବନେଶ୍ୱର,୨୨/୦୬ (ନି.ପ୍ର): ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ଅସିତ୍ ତ୍ରିପାଠୀଙ୍କୁ ଆଇସିଆଇସିଆଇ ଫାଉଣ୍ଡେସନ୍ ଓ ଆଇସିଆଇସିଆଇ ବ୍ୟାଙ୍କ ତରଫରୁ କୋଭିଡ୍ ଆକ୍ରାନ୍ତ ବରଗଡ଼ ଓ ବଲାଙ୍ଗୀର ଜିଲ୍ଲା ପାଇଁ ୧୦ଟି ଅକ୍ସିଜେନ୍ କନ୍‌ସେନ୍‌ଟ୍ରେଟର ପ୍ରଦାନ କରାଯାଇଛି । ଫାଉଣ୍ଡେସନ୍ ଓ ବ୍ୟାଙ୍କ ତରଫରୁ ଓଡ଼ିଶା ଜୋନ୍ ର ମୁଖ୍ୟ ପ୍ରଦୋଷ ରଞ୍ଜନ ରାଉତ, ଆଂଚଳିକ ମୁଖ୍ୟ, ସରକାରୀ ବ୍ୟାଙ୍କିଂ, ଓଡ଼ିଶା ଅରୂପ କୁମାର ମହାପାତ୍ର ଓ ଅରୁଣ କୁମାର ମିଶ୍ର ଏହି ଉପକରଣକୁ ପ୍ରଦାନ କରିଥିଲେ। କୋଭିଡ୍ ଚିକିତ୍ସା ନିମନ୍ତେ ପଶ୍ଚିମ ଓଡ଼ିଶାର ବହୁଳ ଭାବେ ପ୍ରଭାବିତ ବରଗଡ଼ ଓ ବଲାଙ୍ଗୀର ଜିଲ୍ଲାର ଜିଲ୍ଲାପାଳମାନଙ୍କ ନିକଟକୁ ଏହି କନ୍‌ସେନ୍‌ଟ୍ରେଟର ଗୁଡ଼ିକ ପଠାଇ ଦିଆଯିବ । ପ୍ରତି ଅକ୍ସିଜେନ୍ କନ୍‌ସେନଟ୍ରେଟର ୧୦ଲିଟର କ୍ଷମତା ବିଶିଷ୍ଟ ଏବଂ ଏଗୁଡ଼ିକୁ ହସ୍‌ପିଟାଲ୍ ଗୁଡ଼ିକରେ ମଧ ବ୍ୟବହାର କରାଯାଇପାରିବ ।

ପ୍ରଧାନମନ୍ତ୍ରୀଙ୍କ ସର୍ବ ଦଳୀୟ ବୈଠକରେ ଯୋଗଦେବେ ଫାରୁକ୍ ଅବଦୁଲ୍ଲା ଓ ମେହବୁବା ମୁଫତି

ସ୍ୱତନ୍ତ୍ର ରାଜ୍ୟ ଦାବି ପାଇଁ ପ୍ରସ୍ତାବ ରଖିବ ଗୁପକାର ମେଂଟ

ଭୁବନେଶ୍ୱର,୨୨/୦୬(ନି.ପ୍ର): ଆସନ୍ତା ୨୪ ତାରିଖ ଅର୍ଥାତ ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜମ୍ମୁ-କାଶ୍ମୀରର ନେତା ମାନଙ୍କ ସହ ଆଲୋଚନା କରିବାକୁ ଥିବାବେଳେ ଘାଟିରେ ରାଜନୈତିକ ଗହଳି ଚହଳି ବଢି ଯାଇଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧକ୍ଷତାରେ ହେବାକୁ ଥିବା ଏହି ବୈଠକରେ ଯୋଗଦେବେ ଗୁପକାର ମେଂଟ ନେତା । କେନ୍ଦ୍ର ସରକାରଙ୍କ ପକ୍ଷରୁ ଜମ୍ମୁ-କାଶ୍ମୀରର ୧୬ଟି ନେତାଙ୍କୁ ବୈଠକ ପାଇଁ ଡକାଯାଇଥିଲା । ଜମ୍ମୁ-କାଶ୍ମୀରରୁ ଧାରା ୩୭୦ ଓ ୩୫ ଏ ହଟାଯିବା ପରେ କେନ୍ଦ୍ର ଦ୍ୱାରା ଘାଟିର ନେତାଙ୍କ ସହ ଆଲୋଚନା ପାଇଁ ଏହା ସବୁଠୁ ବଡ ପଦକ୍ଷେପ । ପ୍ରଧାନମନ୍ତ୍ରୀଙ୍କ ସହ ବୈଠକ ପାଇଁ ଜମ୍ମୁ କାଶ୍ମୀରର ଗୁପକାରମେଂଟ ରାଜି ହୋଇଛି । ଆସନ୍ତା ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ଜମ୍ମୁ-କାଶ୍ମୀରର ନେତା ମାନଙ୍କସହ ଆଲୋଚନା କରିବାକୁ ଥିବା ବେଳେ ଘାଟିରେ ରାଜନୈତିକ ଗହଳିଚହଳି ବଢିଯାଇଛି । ନ୍ୟାସନାଲ କନଫରେନ୍ସ ନେତା ଫାରୁକ ଅବଦୁଲ୍ଲାଙ୍କ ବାସଭବନରେ ମେଂଟର ବୈଠକ ପରେ ଏହି ନିଷ୍ପତି ନିଆଯାଇଛି । ପ୍ରଧାନମନ୍ତ୍ରୀଙ୍କ ସହ ବୈଠକରେ ଫାରୁକ ଅବଦୁଲ୍ଲାଙ୍କସମେତ ପିଡିପି ନେତା ମେହବୁବା ମୁଫତି ଓ ସିପିଆଇଏମ ନେତା ମହମ୍ମଦ ୟୁସୁଫ ତାରିଗାମୀ ଯୋଗ ଦେବାକୁ ନିଷ୍ପତିହୋଇଛି । ପିଟୁସି -ଜମ୍ମୁ କାଶ୍ମୀରକୁ ପୁଣିଥରେ ସ୍ୱତନ୍ତ୍ର ରାଜ୍ୟମାନ୍ୟତା ଦେବା ଦାବିରେ ଗତ ବର୍ଷ ଗଠନ ହୋଇଛି ଗୁପକାର ମେଂଟ । ଜମ୍ମୁ କାଶ୍ମୀରର

▶▶ପୃଷ୍ଠା ୭

୪୭୭ଟି ପୋଲିସ୍ ଏସ୍‌ଆଇ ନିଯୁକ୍ତି ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର,୨୨/୦୬ (ନି.ପ୍ର): ଆଜିଠୁ ୪୭୭ଟି ପୋଲିସ୍ ଏସ୍ ଆଇ ପଦବୀ ପୂରଣ ପାଇଁ ପ୍ରକ୍ରିୟା ହୋଇଛି । ଏଥିପାଇଁ ମଙ୍ଗଳବାର ଠାରୁ ଅନ୍‌ଲାଇନ୍‌ରେ ଆବେଦନ ଆରମ୍ଭ ହୋଇଛି । ନିଯୁକ୍ତି ପଦ୍ଧତି ସଂପର୍କରେ ସୂଚନା ଦେଇ ଏଡିଜି ଯଶୋବନ୍ତ ଜେଠୱା କହିଛନ୍ତି, ଅନଲାଇନ ଆବେଦନ ପାଇଁ ଆଜିଠୁ ପୋର୍ଟାଲ ଖୋଲା ଯାଇଛି । ଏଯାଏ ୨୮୩୧ ପ୍ରାର୍ଥୀ ରେଜିଷ୍ଟ୍ରେସନ, ୭୭୨ ଆବେଦନ କରିସାରିଲେଣି । ଅଗଷ୍ଟ ୬ରୁ ୧୬ ମଧରେ କମ୍ପ୍ୟୁଟର ବେସ୍‌ଡ ଲିଖିତ ପରୀକ୍ଷା କରାଯିବ । ୨ଟି ପେପର ବିଶିଷ୍ଟ କେବଳ ସଂକ୍ଷିପ୍ତ ଉତରମୂଳକ ପରୀକ୍ଷା ହେବ । ଏସଆଇ ନିଯୁକ୍ତି ପରୀକ୍ଷାରେ ଭିଡାଭୋସ୍ ହେବନି କହିଛନ୍ତି ଏଡିଜି ଜେଠୱା । ଆସନ୍ତା ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ଏହି ପଦ ନିମନ୍ତେ ଆବେଦନ କରିହେବ । ଦୀର୍ଘ ୨୭ ବର୍ଷ ପରେ ଓଡ଼ିଶା ପୋଲିସ୍ ରିକ୍ୟୁଟମେଂଟ ବୋର୍ଡ ସବଇନ୍ସପେର ନିଯୁକ୍ତି ପ୍ରକ୍ରିୟାକୁ ପରିଚାଳନା କରୁଛି । ପୂର୍ବରୁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ୍ ଏହି ଦାୟିତ୍ୱ ତୁଲାଉଥିଲା । ଏଥର ପ୍ରଥମଥର ପାଇଁ କିନ୍ନରମାନେ ପୋଲିସ୍ ସବ୍‌ଇନ୍ସପେକ୍ଟର ପଦବୀ ପାଇଁ ଆବେଦନ କରିପାରିବେ । ୪୭୭ଟି ସବ୍‌ଇନ୍ସପେକ୍ଟର ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ସେହିଭଳି ୨୪୪ଟି କନଷ୍ଟେବଳ (କମ୍ୟୁନିକେସନ) ପଦବୀ ପାଇଁ ମଧ ବିଜ୍ଞପ୍ତି ପ୍ରକାଶ ପାଇଛି ।

ବିଶ୍ୱର ୯ଟି ଦେଶରେ ଡେଲଟା ପ୍ଲସ ଭାରିଏଣ୍ଟ ଚିହ୍ନଟ

ଭାରତରେ ୨୨ ଜଣ ଡେଲଟା ପ୍ଲସ ଆକ୍ରାନ୍ତ

ଭୁବନେଶ୍ୱର,୨୨/୦୬(ନି.ପ୍ର): ଦେଶରେ ବୃଦ୍ଧି ପାଉଛି କରୋନାର ନୂଆ ପ୍ରଜାତି ଡେଲଟା ପ୍ଲସ ମ୍ୟୁଟାଂଟ ଭାରିଆଂଟ ଭୂତାଣୁ ସଂକ୍ରମଣ । ୨୨ କେସରୁ ୧୬ କେସ ମହାରାଷ୍ଟ୍ରରୁ ଚିହ୍ନଟ ହୋଇଛି । ମୁମ୍ବାଇ, ପାଲଘର, ରତ୍ନଗିରିରୁ ଡେଲଟା ପ୍ଲସ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି କେରଳ ଓ ମଧପ୍ରଦେଶରେ ଏହି ନୂଆ ଭାରିଆଂଟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବିଶ୍ୱରେ ୮୦ଟି ଦେଶରେ ଡେଲଟା ଭାରିଏଣ୍ଟ ଚିହ୍ନଟ ହୋଇଛି । ଏହାସହ ୯ଟି ଦେଶରେ ଡେଲଟା ପ୍ଲସ ଭାରିଏଣ୍ଟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେଗୁଡିକ ହେଲା ଆମେରିକା, ଇଂଲଣ୍ଡ, ପର୍ତ୍ତୁଗାଲ, ସ୍ୱିଜରଲାଣ୍ଡ, ଜାପାନ, ପୋଲାଣ୍ଡ, ଚାଇନା, ଋଷ ଓ ଭାରତ । ଦ୍ରୁତ ସଂକ୍ରମିତ ହେଉଥିବା ଡେଲଟା ପ୍ରଜାତିର ଭୂତାଣୁ ବି ୧.୬୧୭.୨ ରୂପ ବଦଳାଇ ଡେଲଟା ପ୍ଲସ ବା ଏଓୱାଇ -୧ ପ୍ରଜାତି ସୃଷ୍ଟି ହୋଇଛି । ଏହି ନୂଆ ପ୍ରଜାତି ଭୂତାଣୁ ସଂକ୍ରମଣର ବେଗ, ଗୁଣ ଓ ଲକ୍ଷଣ ଉପରେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ନଜର ରଖିଛନ୍ତି । ଗତ ମାର୍ଚ୍ଚ ମାସରେ ଏହି ପ୍ରଜାତିର ଭୂତାଣୁ ୟୁରୋପରେ ଦେଖାଦେଇଥିଲା ।

ସିବିଏସଇ ଓ ଆଇସିଏସଇର ମୂଲ୍ୟାୟନ ପଦ୍ଧତିକୁ ସୁପ୍ରିମକୋର୍ଟଙ୍କ ଅନୁମତି

ନୂଆଦିଲ୍ଲୀ,୨୨/୦୬: ସିବିଏସଇ ଓ ଆଇସିଏସଇର ମୂଲ୍ୟାୟନ ପଦ୍ଧତିକୁ ଆଜି ଅନୁମତି ଦେଇଛନ୍ତି ସୁପ୍ରିମକୋର୍ଟ । ସିବିଏସଇ ଓ ଆଇସିଏସଇର ମୂଲ୍ୟାୟନ ପଦ୍ଧତିକୁ ନେଇ ପୂର୍ବରୁ ଅସନ୍ତୋଷ ତେଜିଥିଲା । ନିଷ୍ପତ୍ତିକୁ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ କିଛି ଛାତ୍ରଛାତ୍ରୀ । ଆବେଦନକାରୀ ଛାତ୍ରଛାତ୍ରୀମାନେ ଅସନ୍ତୋଷ ଜାହିର କରିବା ସହ କେତେକ ପ୍ରସ୍ତାବ ଦେଇଥିଲେ । ମୂଲ୍ୟାୟନରେ କମ୍ପାର୍ଟମେଂଟ, ଫେଲ ହୋଇ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀ, ଡ୍ରପ ଆଉଟ ଓ ଘରୋଇ ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟବସ୍ଥା କରିବାକୁ ଆବେଦନକାରୀ ଦାବି କରିଥିଲେ । ସିବିଏସଇର ନିଷ୍ପତି ସମ୍ବିଧାନ ଦେଇଥିବା ଅଧିକାରକୁ କ୍ଷୁର୍ଣ୍ଣ କରୁଛି

▶▶ପୃଷ୍ଠା ୭

ବିଳମ୍ବ ହୋଇପାରେ ପଞ୍ଚାୟତ ନିର୍ବାଚନ !

ଭୁବନେଶ୍ୱର,୨୨/୦୬(ନି.ପ୍ର): ରାଜ୍ୟରେ ବିଳମ୍ବିତ ହୋଇପାରେ ପଞ୍ଚାୟତ ନିର୍ବାଚନ । ଏ ନେଇ ଆଶଙ୍କା ପ୍ରକଟ କରିଛନ୍ତି ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ । ଆସନ୍ତା ମାର୍ଚ୍ଚ ୧୦, ୨୦୨୨ରେ ପଞ୍ଚାୟତ ପ୍ରତିନିଧିଙ୍କ କାର୍ଯ୍ୟକାଳ ସରିବ । ତାହା ପୂର୍ବରୁ ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ପ୍ରକ୍ରିୟା ଶେଷ ହେବା କଥା । କିନ୍ତୁ ଏହି କାର୍ଯ୍ୟ ଶେଷ ହୋଇନଥିବାରୁ ନିର୍ବାଚନ ବିଳମ୍ବ ହେବାର ସମ୍ଭାବନା ରହିଛି । ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ କାର୍ଯ୍ୟ ଯଥା ଶୀଘ୍ର ଶେଷ କରିବାକୁ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ବାରମ୍ବାର ରାଜ୍ୟ ସରକାରଙ୍କୁ ପତ୍ର ଲେଖାଯାଇଥିଲେ ମଧ ଏପର୍ଯ୍ୟନ୍ତ ଏହି କାର୍ଯ୍ୟ ଶେଷ ହୋଇନାହିଁ । ଗତ ମାର୍ଚ୍ଚ ୧୦ରେ କମିଶନଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ପତ୍ର ଲେଖି ଏପ୍ରିଲ ୩୦ ସୁଦ୍ଧା ଏହି କାର୍ଯ୍ୟ ସାରିବାକୁ କୁହାଯାଇଥିଲା । ତାପୂର୍ବରୁ ଜାନୁଆରିମାସରେ ବି କମିଶନଙ୍କ ପକ୍ଷରୁ ସମାନ ପ୍ରସଙ୍ଗରେ ପତ୍ର ଲେଖାଯାଇଥିଲା । ଏହା ସତ୍ତ୍ୱେ ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ କାର୍ଯ୍ୟ ସରିନଥିବାରୁ ନିର୍ବାଚନ ଯଥା ସମୟରେ ହେବା ନେଇ ଆଶଙ୍କା ଦେଖାଦେଇଛି ।

ତୃତୀୟ ପର୍ଯ୍ୟାୟ ଟ୍ରାଏଲରେ ୭୭.୮ ପ୍ରତିଶତ ପ୍ରଭାବୀ ହେଲା କୋଭାକ୍ସିନ

ଭୁବନେଶ୍ୱର,୨୨/୦୬(ନି.ପ୍ର): ଭାରତର ସ୍ୱଦେଶୀ ଟିକା କୋଭାକ୍ସିନ ତାର ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ଟ୍ରାଏଲରେ ୭୭.୮ ପ୍ରତିଶତ ପ୍ରଭାବୀ ହୋଇଛି । ଭାରତ ବାୟୋଟେକ ତରଫରୁ କେନ୍ଦ୍ର ସରକାରଙ୍କୁ ଏହାର ରିପୋର୍ଟ ପ୍ରଦାନ କରାଯାଇଛି । ଆଜି ସକାଳେ ଭାରତ ବାୟୋଟେକ ଡିସିଜିଆଇକୁ ଡାଟା ହସ୍ତାନ୍ତର କରିଛି । ତୃତୀୟ ପର୍ଯ୍ୟାୟ ଡାଟା ମିଳିବା ପରେ ସବଜେକ୍ଟ ଏକ୍ସପର୍ଟ କମିଟି ଆଜି ଏକ ମିଟିଂ କରିଥିଲେ । ଏଥିରେ କୋଭାକ୍ସିନ ତରଫରୁ ଏହି ତଥ୍ୟ ପ୍ରଦାନ କରାଯାଇଥିଲା । ଏକ୍ସପର୍ଟ କମିଟି ଏହି ତଥ୍ୟ ଦେଖି ସାରିଛନ୍ତି ହେଲେ ଏଥିପାଇଁ କୌଣସି ପ୍ରକାର ମଞ୍ଜୁରୀ ଦେଇନାହାନ୍ତି । ବର୍ତ୍ତମାନ ସିଇସି ଏହି ଡାଟାକୁ ଡିସିଜିଆଇକୁ ପ୍ରଦାନ କରିଛି । କୋଭାକ୍ସିନକୁ ୫ ମାସ ପୂର୍ବରୁ ବ୍ୟବହାର ପାଇଁ ଅନୁମତି ମିଳି ସାରିଛି । ସେତେବେଳେ ଏହି ଟ୍ରାଏଲ ହୋଇନଥିବାରୁ ଅନେକ ବିବାଦ ସୃଷ୍ଟି ହୋଇଥିଲା । ବର୍ତ୍ତମାନ ଏହାର କ୍ଲିନିକାଲ ଟ୍ରାଏଲ ଶେଷ ହୋଇଛି ।

ମାଲକାନଗିରି ଜିଲ୍ଲାପାଳଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ

ପଥର ଖାଦାନ ଟେଣ୍ଡର ଫିକ୍ସିଂ ଅଭିଯୋଗ ଆଣିଲେ ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ ମାଝି

ଭୁବନେଶ୍ୱର,୨୨/୦୬(ନି.ପ୍ର): ଜିଲ୍ଲାପାଳଙ୍କ ନାଁରେ ଟେଣ୍ଡର ଫିକ୍ସିଙ୍ଗ ଅଭିଯୋଗ । ମାଲାକନଗିରି ଜିଲ୍ଲାପାଳଙ୍କ ବିରୁଦ୍ଧରେ ଆସିଛି ସାଂଘାତିକ ଅଭିଯୋଗ । ଆନ୍ଧ୍ରର ଏକ ଘରୋଇ କମ୍ପାନି ହାତରେ ଜିଲ୍ଲାର ଅଧିକାଂଶ ଖଣି ଖାଦାନ ଟେକି ଦେଇଥିବା ନେଇ ଅଭିଯୋଗ ଆଣିଛି କଂଗ୍ରେସ । ଲଘୁ ଖଣି ଖାଦାନର ନିଲାମୀ ଲାଗି ସ୍ଥାନୀୟ ତହସିଲଦାର ମାନଙ୍କୁ କ୍ଷମତା ଦିଆଯାଇ ଥିବା ବେଳେ ଆନ୍ଧ୍ରର ଏକ ଘରୋଇ କମ୍ପାନୀକୁ ଅନୁକମ୍ପା ଦେଖାଇ ନିଜେ ଜିଲ୍ଲାପାଳ ଟେଣ୍ଡର ଆହ୍ୱାନ କରିଥିଲେ । ଏତିକି କି ଟେଣ୍ଡର ବକ୍ସକୁ ନିଜ ଘରେ ରଖି କାଗଜପତ୍ରକୁ ପରିବର୍ତନ କରାଯାଇ ଥିବା ଅଭିଯୋଗ କରିଛନ୍ତି ପୂର୍ବତନ ସାଂସଦ ପ୍ରଦୀପ ମାଝି । ତେବେ ଏ ନେଇ ଖୁବ ଶୀଘ୍ର

▶▶ପୃଷ୍ଠା ୭

୨୭ ଯାଏଁ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୨/୦୬ (ନି.ପ୍ର): ଟ୍ରଫ-ଲାଇନର ପ୍ରଭାବ ଏବଂ ଦକ୍ଷିଣ ବଙ୍ଗଳାଦେଶ ତଥା ତାର ସଂଲଗ୍ନ ଉତର-ପୂର୍ବ ବଙ୍ଗୋପସାଗର ଅଂଚଳରେ ସମୁଦ୍ରପତଥାନ ଠାରୁ ୨.୧ ରୁ ୭.୬ କିମି ଯାଏଁ ବ୍ୟାପିଥିବା ଘୁର୍ଣ୍ଣି ବଳୟ ପ୍ରଭାବରେ ଆଜି ଉପକୂଳ ଓଡ଼ିଶାର ଜିଲ୍ଲାଗୁଡିକରେ ମୌସୁମୀ ଜନିତ ବର୍ଷା ଲାଗିରହିଛି । ବିଶେଷ କରି ଉତର ଓଡିଶା ଜିଲ୍ଲା ଏବଂ ଦକ୍ଷିଣ ଓଡିଶାର କିଛି ଜିଲ୍ଲାରେ ବର୍ଷା ଲାଗି ରହିଛି । ଆଗାମୀ ୨୭ ତାରିଖ ପର୍ଯ୍ୟନ୍ତ ଏଭଳି ପାଗ ଲାଗି ରହିବ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧରେ କେନ୍ଦୁଝର, ମୟୁରଭଞ୍ଜ, ଢ଼େଙ୍କାନାଳ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏଥିସହିତ ଏହି ସମୟ ମଧରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୁରଭଞ୍ଜ, ଢ଼େଙ୍କାନାଳ, କନ୍ଧମାଳ, ରାୟଗଡ଼ା, କୋରାପୁଟ, କଳାହାଣ୍ଡି ଓ ନବରଙ୍ଗପୁର

▶▶ପୃଷ୍ଠା ୭

ବରବାଙ୍କ ଗ୍ରାମର ରାସ୍ତା ଓ ପୋଲ ନିର୍ମାଣ ପାଇଁ ଭଏସ ଅଫ ବାଲେଶ୍ୱରର ଦାବି

ବାଲେଶ୍ୱର,୨୨/୬ (ନି.ପ୍ର): ରେମୁଣା ବ୍ଲକ ଅନ୍ତର୍ଗତ ବରବାଙ୍କ ଗ୍ରାମକୁ ରାସ୍ତା ନିର୍ମାଣ ଦାବିରେ ‘ଭଏସ ଅଫ ବାଲେଶ୍ୱର’ ନେତୃତ୍ୱରେ ଗ୍ରାମବାସୀମାନେ ଜିଲାପାଳଙ୍କୁ ସାକ୍ଷାତ କରିଛନ୍ତି। ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ଏହି ବରବାଙ୍କ ଗ୍ରାମକୁ ରାସ୍ତାଟିଏ ନଥିବା ବେଳେ ସେଥିପ୍ରତି ପ୍ରଶାସନ କିମ୍ବା ନିର୍ବାଚିତ ଲୋକ ପ୍ରତିନିଧିମାନେ ବି କୌଣସି ପଦକ୍ଷେପ ନେଉନଥିବା ଭଏସ ଅଫ ବାଲେଶ୍ୱରର କର୍ମକର୍ତ୍ତାମାନେ କହିଛନ୍ତି। କେବଳ ରାସ୍ତା ନୁହେଁ ୨ଶହରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ଏହି ଗାଁ’କୁ ଯିବାକୁ ଗଙ୍ଗାହାର ଓ ପ୍ରସନ୍ନ ନଦୀ ପାର ହେବାକୁ ପଡ଼ିଥାଏ ବୋଲି ସେମାନେ ଜିଲାପାଳଙ୍କୁ ଅବଗତ କରିଥିଲେ। ଗ୍ରାମବାସୀମାନେ ନିଜସ୍ୱ ଅର୍ଥ ଓ ଶ୍ରମରେ ନିର୍ମାଣ କରିଥିବା ଦୁଇଗୋଟି ବାଉଁଶ ପୋଲ ଉପରେ ଏବେ ଲୋକେ ଯାତାୟତ କରୁଛନ୍ତି। ଗ୍ରାମବାସୀଙ୍କୁ ମୌଳିକ ସୁବିଧା ପ୍ରଦାନରେ ତୁରନ୍ତ ତୁରନ୍ତ ପଦକ୍ଷେପ ନେବାକୁ ଭଏସ ଅଫ ବାଲେଶ୍ୱରର ସଭାପତି ଅରଜିତ ଘୋଷାଲ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସହ ଆଲୋଚନା କରିଥିଲେ।ଏହି ଅବସରରେ ସଂଗଠନ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ସଂଗଠନର ଉପସଭାପତି ସୁଶୀଳ ଜେନା, ସରୋଜ ସାହୁ, ରେମୁଣା ଶାଖା ସଭାପତି ଅଜୟ କୁମାର ଦାସ, ଯୁବ ଶାଖା ଜିଲା କାର୍ଯ୍ୟକାରୀ ସଭାପତି ଅଭିଷେକ ବେହେରା, ଛାତ୍ରଶାଖା ଜିଲା କାର୍ଯ୍ୟକାରୀ ସଭାପତି ସମୀର କୁମାର ବେହେରା ପ୍ରମୁଖଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

କଣ୍ଟ୍ରୋଲ ଡିଲରଙ୍କଠାରୁ କାର୍ଡ ପ୍ରତ୍ୟାହାର ଦାବିରେ ଜିଲ୍ଲାପାଳଙ୍କୁ ଅଭିଯୋଗ

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଭଦ୍ରକ

ଭଦ୍ରକ,୨୨/୬ (ନି.ପ୍ର): ଧାମନଗର ବ୍ଲକ ଭଗବାନପୁର ଗ୍ରାମ ପଞ୍ଚାୟତର ନିଲମ୍ବିତ କଣ୍ଟ୍ରୋଲ ଡିଲର ଶ୍ରୀଧର ସାହୁଙ୍କୁ ପୁନଃ ନିଯୁକ୍ତି ପୂର୍ବକ ରାସନ ସାମଗ୍ରୀ ବଣ୍ଟନ ଦାୟିତ୍ୱ ପ୍ରଦାନକୁ ପଞ୍ଚାୟତର ବହୁ ହିତାଧିକାରୀ ବିରୋଧ କରିଛନ୍ତି। ଏ ନେଇ ଆଜି ଜିଲ୍ଲାପାଳଙ୍କୁ ଅଭିଯୋଗ କରିବାକୁ ଆସି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ମଧୁସୂଦନ ଦାସ ଏହାର ତଦନ୍ତ ଦାୟିତ୍ୱ ଉପଜିଲ୍ଲାପାଳଙ୍କୁ ଦେଇଥିବା ଜଣା ଯାଇଛି। ମିଳିଥିବା ଅଭିଯୋଗ ଅନୁଯାୟୀ ପୂର୍ବରୁ ଡିଲର ଶ୍ରୀ ସାହୁ ରାସନ ସାମଗ୍ରୀ ହେରଫେର କରିବା, ଖାଉଟିଙ୍କୁ ସଠିକ୍ ଓଜନର ସମାଗ୍ରୀ ନ ଦେବା, ହିତାଧିକାରୀଙ୍କ ସାମଗ୍ରୀ ହଡ଼ପ କରିବା ଆଦି ବିଭିନ୍ନ ଅଭିଯୋଗରେ ତାଙ୍କ ଡିଲରଶିପ୍ ରଦ୍ଦ ହୋଇଥିଲା। ସେବେଠାରୁ ପଞ୍ଚାୟତବାସୀ ବଜରଙ୍ଗି ସ୍ୱୟଂ ସାହାୟିକା ଗୋଷ୍ଠୀଙ୍କ ଜରିଆରେ ରାସନ ସମାଗ୍ରୀ ସୁଚାରୂ ରୂପେ ପାଇ ଆସୁଛନ୍ତି। ମାତ୍ର ଏବେ ପୁଣି ଶ୍ରୀ ସାହୁଙ୍କୁ ଡିଲର ଭାବେ ପୁନଃ ଅବସ୍ଥାପିତ କରାଯାଇଥିବାରୁ କେତେକ ଖାଉଟି ସେମାନଙ୍କ ରାସନ ପାଇବା ନେଇ ସନ୍ଦେହ ପ୍ରକଟ କରିଛନ୍ତି। ତେଣୁ କେତେକ ଖାଉଟି ତାଙ୍କ ରାସନ କାର୍ଡ ଶ୍ରୀ ସାହୁଙ୍କଠାରୁ ବାହାର କରିଆଣି ବଜରଙ୍ଗି ସ୍ୱୟଂ ସହାୟିକା ଗୋଷ୍ଠୀ ଅଧୀନରେ ରଖିବାକୁ ଶାନ୍ତିଲତା ରାଉତ, ଚୈତନ ଜେନା, ସୀତା ରାଉତ, ପାର୍ବତୀ ସେଠୀ, ପଞ୍ଚାନନ ଦାସ, ଶଶଧର ପ୍ରଧାନ, ଦିବାକର ପ୍ରଧାନ, ବାଇଧର ପ୍ରଧାନ, ରତ୍ନାକର ଖଟୁଆ, ରଞ୍ଜିତା ଖଟୁଆ, କୁନିରାଣି ବହେରା, ଲମ୍ବୋଦର ଖଟୁଆ, ନାରାୟଣ ସେଠୀ ପ୍ରମୁଖ ଖାଉଟୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।

ଭଦ୍ରକ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

ଭଦ୍ରକ,୨୨/୬ (ନି.ପ୍ର): ଭଦ୍ରକ ଭାରତୀୟ ଜନତା ପାର୍ଟି ତରଫରୁ ଜିଲ୍ଲା କାର୍ଯ୍ୟାଳୟରେ ବିଶ୍ୱ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଭଦ୍ରକ ବିଧାନସଭା ନେତା ଡା. ପ୍ରଦୀପ କୁମାର ନାୟକ, ଭଦ୍ରକ ସଂସଦୀୟ ନେତା ଅଭିମନ୍ୟୁ ସେଠି, ଭଣ୍ଡାରିପୋଖରୀ ବିଧାନସଭା ନେତା ବଦ୍ରିନାରାୟଣ ଧଳ, ଜିଲ୍ଲା ଉପସଭାପତି ଶ୍ରୀହର୍ଷ ସ୍ୱାଇଁ, ଅଶୋକ ପରିଜା, ଜିଲ୍ଲା ସାଧାରଣ ସମ୍ପାଦକ ଶଶିକାନ୍ତ ବିଶ୍ୱାଳ, ଦୁର୍ଗାପ୍ରସନ୍ନ ଦାସ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବିକାଶ ଶ୍ରେଷ୍ଠା, ମହିଳା ମୋର୍ଚ୍ଚା ସଭାନେତ୍ରୀ ହରପ୍ରିୟା ସାହୁ, ମଣ୍ଡଳ ସଭାପତି ପ୍ରଭାକର ସାମଲ, ଶଶାଙ୍କ ଶେଖର ଦାଶ, ଭାଗିରଥି ମହାକୁଡ଼, ବୃଷଭାନୁ ସାହୁ, ବିଷ୍ଣୁପ୍ରିୟା ଲେଙ୍କା, ସମ୍ବିତ ପଣ୍ଡା, ପଦ୍ମଲୋଚନ ସିଂହ, ବିଜୟ ନାୟକ, ରବି ସିଂହ, ବିଜୟ ଦଳେଇ, କାମେଶ ପାତ୍ର, ରଜନୀକାନ୍ତ ଦାସ, ବଣ୍ଟି ନାୟକ ଓ ଅନ୍ୟ କାର୍ଯ୍ୟକର୍ତ୍ତା ଯୋଗ ଦାନ କରିଥିଲେ । ଏହି ଯୋଗ ଦିବସରେ ଡା. ପ୍ରଦୀପ ନାୟକ ପ୍ରଥମେ ଉଦବୋଧନ ଦେଇ ପ୍ରିୟ ପ୍ରଧାନ ମନ୍ତ୍ରୀ ସାରା ବିଶ୍ୱରେ ଯୋଗକୁ ଲୋକଲୋଚନକୁ ଆଣି ଆମ୍ଭକୁ ସୁସ୍ଥ ରଖିଥିବାରୁ ଧନ୍ୟବାଦ ଜଣେଇଥିଲେ। ଏହି ଯୋଗ କରୋନା ସମୟରେ ଫଳପ୍ରଦ ହୋଇଥିବାରୁ ଯୋଗ ପ୍ରତିଦିନ କରିବା ଆଉ ଜନସାଧାରଣଙ୍କୁ କରାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଯୋଗ ଦିବସରେ ଯୋଗ ଗୁରୁ ପ୍ରଶାନ୍ତ କୁମାର ସାହୁ ଯୋଗ ଶିକ୍ଷା ଦେଇଥିଲେ।

ସମ୍ପୂର୍ଣ୍ଣ ରୀତି ନୀତିରେ ମା’ ବୁଢ଼ୀ ଜାଗୁଳାଈଙ୍କ ଆସ୍ଥାନ ବିଜେ

ଧାମନଗର ,୨୨/୬ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଂଚାୟତ ପଳିକିରୀ ଗ୍ରାମର ଆରାଧ୍ୟା ଦେବୀ ମା’ ବୁଢ଼ୀ ଜାଗୁଳାଈ । ସ୍ଥାନୀୟ ଅଂଚଳର ଲୋକ ମାନଙ୍କୁ ବିପଦ ଆପଦ ସମୟରେ କାନି ଘୋଡାଇ ସୁରକ୍ଷା ପ୍ରଦାନ କରୁଥିବା ଅଭୟଦାୟିନୀ ମା’ଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମସ୍ତ ରୀତିନୀତି ଅନୁଯାୟୀ କୋଭିଡ -୧୯ କଟକଣା ପାଳନ ପୂର୍ବକ ଅନୁଷ୍ଠିତ ହୋଇଯାଇଛି । ଜୁନ ୨୦ ତାରିଖ ରବିବାର ମନ୍ଦିର ପ୍ରତିଷ୍ଠା ଅଧିବାସ କାର୍ଯ୍ୟର ଶୁଭାରମ୍ଭ ହୋଇଥିବା ବେଳେ ସୋମବାର ନିର୍ଜ୍ଜଳା ଏକାଦଶୀ, ସ୍ୱାତୀନକ୍ଷତ୍ର, ତୁଳା ଚନ୍ଦ୍ରର ପବିତ୍ର ଅମୃତ ବେଳାରେ ମା’ଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସହ ବିଶ୍ୱକଲ୍ୟାଣ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ବେଦଜ୍ଞ ପଣ୍ଡିତଙ୍କ ଦ୍ୱାରା ପ୍ରାତଃରୁ ସୂର୍ଯ୍ୟପୂଜା, ପାର୍ଶ୍ୱଦେବାଦେବୀ ପୂଜା, ଶୁଭକୁମ୍ଭ ସ୍ଥାପନ ସହ ମଙ୍ଗଳାରୋପଣ କାର୍ଯ୍ୟ ଇତ୍ୟାଦି ସମାହିତ ହୋଇଥିଲା । ସନ୍ଧ୍ୟାରେ ମା’ଙ୍କ ପ୍ରତିମା ସମ୍ପୂର୍ଣ୍ଣ ରୀତିନୀତି ଅନୁଯାୟୀ ଘଂଟଘଂଟା, ହରିବୋଲ ହୁଳହୁଳି ଧ୍ୱନିରେ ଏକ ବର୍ଣ୍ଣାଢ୍ୟ ଭକ୍ତିମୟ ପରିବେଶ ମଧ୍ୟରେ ମନ୍ଦିର ପ୍ରବେଶ ସହ ସିଂହାସନ ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଗ୍ରାମବାସୀ ତଥା ବହୁ ମାତୃଭକ୍ତ ଶ୍ରଦ୍ଧାଳୁଙ୍କ ଏକନିଷ୍ଠ ପ୍ରଚେଷ୍ଟା ଓ ଆର୍ଥିକ ଅନୁଦାନରେ ମା’ଙ୍କ ମନ୍ଦିର ନିର୍ମାଣ ଏବଂ ପ୍ରତିଷ୍ଠା କାର୍ଯ୍ୟ ସମାପନ ହୋଇଥିଲା । ସ୍ଥାନୀୟ ପଳିକିରୀ ଗ୍ରାମବାସୀଙ୍କ ସମେତ ବହୁ ମାତୃଭକ୍ତ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ମା’ଙ୍କ ଦର୍ଶନ କରି କୃପାଭିକ୍ଷା କରିବାକୁ ଏହି ପାବନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

ହେଲଦି ଲାଇଫ ପକ୍ଷରୁ ବିଶ୍ୱ ଯୋଗ ଦିବସ

ବାଲେଶ୍ୱର,୨୨/୬ (ନି.ପ୍ର): ବିଶ୍ୱ ଯୋଗ ଦିବସ ଅବସରରେ ଇନଷ୍ଟିଚ୍ୟୁଟ ଅଫ ନେଚର କିୟର ଏଣ୍ଡ ଯୌଗିକ ସାଇନ୍ସ-‘ହେଲଦି ଲାଇଫ’କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ଚତ୍ତରଂଜନ ସାହୁ ଭର୍ଚୁଆଲ ମୋଡ଼ରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିରୋଗ ଶରୀର ଗଠନ ସାଙ୍ଗକୁ ସଂଯମ ଓ ମାନସିକ ଭାରସାମ୍ୟ ରକ୍ଷାରେ ଯୋଗର ଭୂମିକା ସମ୍ପର୍କରେ ଉପସ୍ଥିତ ଶିକ୍ଷାର୍ଥୀଙ୍କୁ ବୁଝାଇଥିଲେ। ଏହି ଅବସରରେ ଡାକ୍ତର ସାହୁ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଁ ବିଭିନ୍ନ ଯୋଗାସନ ଓ ପ୍ରାଣାୟମ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ତେବେ କରୋନା ସଂକ୍ରମଣ ପ୍ରତି ସତର୍କତା ଅବଲମ୍ବନ ପୂର୍ବକ ଆଜିର ବିଶ୍ୱ ଯୋଗ ଦିବସରେ ଜୁମ ଆପ ଲାଇଭ କନ୍‌ଫେରେନ୍ସି ମାଧ୍ୟମରେ ବାଲେଶ୍ୱର ସହରର ବିଭିନ୍ନ ଅଂଚଳର ବ୍ୟକ୍ତିଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶିକା ଦେବୀ ଅର୍ଚ୍ଚନା ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

ଧାମନଗର ବିଡିଓ ଓ ନଦୀଗାଁ ସରପଂଚଙ୍କୁ ସମ୍ବର୍ଦ୍ଧନା

ଧାମନଗର ,୨୨/୬ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ନଦୀଗାଁ ପଂଚାୟତର ବର୍ଷୀୟାନ କଳାକାର ବାସୁଦେବ ମିଶ୍ରଙ୍କ କୋଭିଡରେ ମୃତ୍ୟୁ ପରେ ସାଇ ଭାଇ କେହି ପାଖ ମାଡିନଥିଲେ । ଏହି ସମୟରେ ଦେବଦୂତ ପରି ସମ୍ପୃକ୍ତ ପଂଚାୟତର ସରପଂଚ ମନୋଜ କୁମାର ରାୟ ମହାପାତ୍ର ଓ ଧାମନଗର ବିଡିଓ ତଥା ଭାରପ୍ରାପ୍ତ ତହସିଲଦାର ଦୁର୍ଗା ଚରଣ ମୁର୍ମୁ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ମୀଙ୍କୁ ଧରି ଶବକୁ କାନ୍ଧରେ ନେଇ ଗ୍ରାମ ଶ୍ମଶାନରେ ସଂସ୍କାର କରିଥିଲେ । ଏ ଖବର କ୍ରାନ୍ତିଧାରା ସମ୍ବାଦପତ୍ର ସମେତ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ପରେ ଉଭୟ ଅଧିକାରୀଙ୍କୁ ଶୁଭେଚ୍ଛାର ସୁଅ ଛୁଟିଥିଲା । ଏହି ପରିପ୍ରେକ୍ଷୀରେ ଆଦର୍ଶ କାର୍ଯ୍ୟ କରିବାକୁ ପ୍ରେରଣା ସ୍ୱରୂପ ନଦୀଗାଁ ସରଂପଚ ଓ ଧାମନଗର ବିଡିଓଙ୍କୁ ଖପରପଦା ପଂଚାୟତ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସ୍ଥାନୀୟ ସରଂପଚ ଗୟାଧର ନାୟକଙ୍କ ଅଧ୍ୟକ୍ଷତାରେ ପଂଚାୟତ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅସୁରାଳୀ ଜିଲ୍ଲାପରିଷଦ ସଭ୍ୟା ଉମାମଣୀ ସାହୁ, ସମିତି ସଭ୍ୟା ସଂଜୁଲତା ସାହୁ ଯୋଗଦେଇ ଦୁଇ ପ୍ରତିଭା ଶ୍ରୀ ମୁର୍ମୁ ଓ ଶ୍ରୀ ମହପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ୱାର୍ଡ ସଭ୍ୟ ଗୋବିନ୍ଦ ଚନ୍ଦ୍ର ସାହୁ, ସରୋଜ ମହାନ୍ତି, କେଶବ ମଲିକ, ଲକ୍ଷ୍ମୀଧର ମଙ୍ଗର, ରମାକାନ୍ତ ପାଢୀ, ଦେବାଶିଷ ନାୟକ, ଧନେଶ୍ୱର ମହାରଣା, ସଂଜୟ ପୃଷ୍ଟି, ସୀତାରାମ ପତି, ସନ୍ତୋଷ ସାହୁ, ଅଜୟ ମଳିକ, ଯୁଧିଷ୍ଠିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର: ହତ୍ୟା ସନ୍ଦେହ

ଗଞ୍ଜାମ,୨୨/୬ (ନି.ପ୍ର): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ପଇତା ଗାଁ ନିକଟ ରାସ୍ତା ପାର୍ଶ୍ୱରୁ ଆଜି ସକାଳେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର ହୋଇଛି । ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଉଥିବା ସନ୍ଦେହ କରାଯାଉଛି । ଖବର ପାଇ ଭଞ୍ଜନଗର ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ଭଞ୍ଜନଗର ଡ଼ାକ୍ତରଖାନାକୁ ପଠାଇଛି । ଏ ସଂକ୍ରାନ୍ତରେ ଥାନାରେ ହତ୍ୟା ମାମଲା ରୁଜ୍ଜୁ କରି ଘଟଣାର ତଦନ୍ତ ଚଳାଇଛି ପୋଲିସ ।

ପ୍ରଶାସନ କଠୋର ନ ହେଲେ ପରିସ୍ଥିତି ହେବ ଅଣାୟତ୍ତ : ଡରେଇଲାଣି କରୋନାର ତୃତୀୟ ଲହର

ଜଳେଶ୍ୱର ,୨୨/୬ (ନି.ପ୍ର): କରୋନା ସମଗ୍ର ବିଶ୍ୱକୁ କବଳିତ କରିଛି । ଏଥିରେ କେବଳ ସଂକ୍ରମିତ ରୋଗୀଙ୍କ ମୃତ୍ୟୁ ହେଉନାହିଁ, ବରଂ ଲକ୍‌ଡାଉନ୍, ସଟ୍‌ଡାଉନ୍ ଯୋଗୁଁ ଦେଶର ଅର୍ଥନିତୀ କିମ୍ବା ସାଧାରଣ ଜନତାଙ୍କ ଆର୍ଥିକ ମାନଦଣ୍ଡ ସଂପୂର୍ଣ୍ଣ ଭୁଷୁଡି ପଡିଛି । କରୋନାର ପ୍ରଥମ ଲହର ସମୟରେ ରାଜ୍ୟକୁ ଲକ୍ଷ ଲକ୍ଷ ପ୍ରବାସୀ ଫେରିଥିବାରୁ ସଂକ୍ରମଣ ବଢିଥିଲା । ସେତେବେଳେ ପ୍ରଶାସନ କଡା ଆଭିମୁଖ୍ୟ ଗ୍ରହଣ କରିଥିଲେ ମଧ୍ୟ ରାଜ୍ୟର ସୀମାସିଲରେ ହୁଗୁଳା ଥିବାରୁ ବାଲେଶ୍ୱର ଜିଲା ଜଳେଶ୍ୱର ଅଂଚଳରେ ୧୯ଶହରୁ ଅଧିକ ଆକ୍ରାନ୍ତ ହୋଇଥିଲେ । ସେଥିମଧ୍ୟରୁ ୯ଜଣ ମୃତ୍ୟୁବରଣ କରିଥିଲେ । ବିଶେଷଜ୍ଞଙ୍କ ସୂଚନା ଅନୁଯାୟୀ ୨ୟ ଲହର ପୂର୍ବରୁ ରାଜ୍ୟ ସରକାରଙ୍କ ତତ୍ପରତା ଯୋଗୁଁ ସୀମା ସିଲ କଡାକଡି କରାଯାଇଥିଲେ ମଧ୍ୟ ବହୁ ଲୋକ ଗଳାବାଟ ଦେଇ ପଶ୍ଚିମବଂଗରୁ ଓଡିଶାକୁ ପ୍ରବେଶ କରିଥିଲେ । ଫଳରେ ଜଳେଶ୍ୱର ଅଂଚଳରେ ଆକ୍ରାନ୍ତ ହୋଇଥିବା ୧୬ଶହ ମଧ୍ୟରୁ ଅଦ୍ୟାବଧି ୧୫ଜଣ ମୃତ୍ୟୁବରଣ କରିଛନ୍ତି । ସାମାଜିକ ଦୂରତା ଓ ମାକ୍ସ ପିନ୍ଧିବା ଏକମାତ୍ର ବିକଳ୍ପ ହୋଇଥିବାରୁ ପ୍ରଥମ ଲହରରେ ପୋଲିସ୍ ଅମାନିଆ ମାନଙ୍କୁ ଲାଠି ପ୍ରହାର କରୁଥିବା ବେଳେ ୨ୟ ଲହରରେ କେବଳ ଫାଇନ୍ କାଟି ନିଜର କର୍ତ୍ତବ୍ୟ ସାରିଛି । ସରକାରଙ୍କ ନିୟମ ଅନୁଯାୟୀ ଭିଡ ହେଉଥିବା ଦୋକାନୀଙ୍କ ଉପରେ ଫାଇନ୍ କଟାଯାଉଥିବା ବେଳେ ଭିଡ ଜମାଉଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଶୂନ । କାରଣ ଦୋକାନୀ କେବେ ହେଲେ ଗ୍ରାହକକୁ ନାଲି ଆଖି ଦେଖାଇବା ସମ୍ଭବ ହୋଇନଥାଏ । ତେଣୁ ହାଟ ବଜାରରେ ଅମାନିଆମାନେ ଅଯଥା ଭିଡ ଜମାଉଥିବାରୁ ପୋଲିସ୍ କେବଳ ନିରିହ ଲୋକଙ୍କ ଉପରୁ ଫାଇନ୍ କାଟି ପାରିବାପଣିଆ ଦେଖାଉଛି । କିଛି ପ୍ରଭାବଶାଳୀ ଓ ରାଜନୈତିକ ଛତ୍ରଛାୟା ତଳେ ରହୁଥିବା ଅମାନିଆମାନଙ୍କ ଠାରୁ ପୁଲିସ୍ ଫାଇନ୍ କାଟୁନାହିଁ । ଜଳେଶ୍ୱର ସାପ୍ତାହିକ ହାଟ ବନ୍ଦ ଥିଲେ ମଧ୍ୟ ଓଡିଶାର ବହୁ ଲୋକ ପଶ୍ଚିମବଂଗର ଉପାନ୍ତ ସୁନାକଣିଆ, ଖଡିକା ଓ ଗୁରୁବାର ହାଟକୁ ଯାଇଥାନ୍ତି । ଏପରିକି ପଶ୍ଚିମବଂଗର ବେପାରୀମାନେ ଅବାଧରେ ଓଡିଶା ମଧ୍ୟରେ ପ୍ରବେଶ କରିଥାନ୍ତି । ଜଳେଶ୍ୱର ବ୍ଲକକୁ ଲାଗି ପଶ୍ଚିମବଂଗର ୫୨ଟି ଗାଁ ସହିତ ଓଡିଶାର ୪୫ଟି ଗାଁ ପାଖାପାଖି ଲାଗିଥିବାରୁ ଏଠାରେ ବିବାହବ୍ରତ ପାଳନ ବେଳେ କେତେକ ଗଳାବାଟ ଦେଇ ଉଭୟ ରାଜ୍ୟର ଲୋକଙ୍କ ଅନୁପ୍ରବେଶ ଲାଗିଥାଏ । ତେଣୁ ପ୍ରଶାସନର ହୁଗୁଳା ନିତୀ ଜଳେଶ୍ୱରରେ ୩ୟ ସଂକ୍ରମଣ ବଢାଇବାର ସମ୍ଭାବନା ଦେଖା ଦେଇଛି । ବେଶୀ ସଂକ୍ରମଣର ଆଶଙ୍କା ଥିବା ଉପାନ୍ତରେ ୧୮-୪୪ ବୟସର ଲୋକଙ୍କୁ ଭେକ୍ସିନ୍ ଦେବା ଆରମ୍ଭ ହୋଇ ନାହିଁ । ଜଳେଶ୍ୱରରେ କୋଭିଡ୍‌କେୟାର ସେଣ୍ଟର ଲାଗି ବହୁ ସଂଗଠନ ପକ୍ଷରୁ ଦାବୀ କରାଯାଇଥିଲେ ମଧ୍ୟ ଜିଲା ପ୍ରଶାସନର ଉଦାସୀନତା ଯୋଗୁଁ ସମ୍ଭବ ହୋଇନାହିଁ କି ହୁ (ଡବ୍ଲୁଏଚ୍‌ଓ)ପକ୍ଷରୁ ୯୬ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍‌ପିଟାଲର ସର୍ଭେକ୍ଷଣ ସରିଥିଲେ ମଧ୍ୟ ତାହା ଶେଷରେ ବାଲେଶ୍ୱରରେ କାର୍ଯ୍ୟ ଆରମ୍ଭ କରିଥିବାରୁ ଜଳେଶ୍ୱରକୁ ଉପେକ୍ଷା କରାଯାଉଥିବା ବୁଦ୍ଧିଜିବୀ ମହଲରେ ନିନ୍ଦା କରାଯାଇଛି । ତେଣୁ ପ୍ରଶାସନ କଠୋର ହେବା ସହିତ ମହାରାଷ୍ଟ ଓ ପଶ୍ଚିମବଂଗର ଡେଲଟା ପ୍ଲସ ଷ୍ଟ୍ରେନ୍ ସଂକ୍ରମଣରୁ ଜଳେଶ୍ୱରକୁ ରକ୍ଷା କରିବାକୁ ସାଧାରଣରେ ଦାବି ହେଉଛି ।

ଡାକ ବିଭାଗର ମୋହର ରଦ୍ଦିକରଣ ଉଦ୍‌ଘାଟିତ

ଭଦ୍ରକ,୨୨/୬ (ନି.ପ୍ର): ବିଶ୍ୱ ଯୋଗ ଦିବସ ଅବସରରେ ଡାକ ବିଭାଗ ଆନୁକୁଲ୍ୟରେ ମୋହର ରଦ୍ଦିକରଣ ଓ ଉଦ୍‌ଘାଟନ ଅନୁଷ୍ଠିତ ହୋଇ ଯାଇଛି। ଏଥି ନିମନ୍ତେ ଭଦ୍ରକ ଡାକ ମଣ୍ଡଳ ଓ ଭଦ୍ରକ ମୁଖ୍ୟ ଡାକଘର ମିଳିତ ସହଯୋଗରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଭଦ୍ରକ ମୁଖ୍ୟ ଡାକଘର ପ୍ରାଙ୍ଗଣରେ ଅଧୀକ୍ଷକ ବିଜୟ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଶାନ୍ତନୁ କୁମାର ଦାଶ ଯୋଗଶିକ୍ଷା ଓ ଯୋଗାଭ୍ୟାସ କରାଯାଇଥିଲେ। ମୁଖ୍ୟ ଡାକଘରର ପୋଷ୍ଟମାଷ୍ଟର ଅନିରୁଦ୍ଧ ମହାପାତ୍ରଙ୍କ ଉପସ୍ଥିତିରେ ମୋହରର ରଦ୍ଦିକରଣ କରାଯାଇ ଡାକରେ ଆସିଥିବା ଓ ଡାକରେ ଯିବାକୁ ଥିବା ସମସ୍ତ ଚିଠି ଉପରେ ଅବସ୍ଥାପିତ କରାଯାଇଥିଲା। ଏହି ଅବସରରେ ଡାକ ଟିକେଟ ସଂଗ୍ରହକାରୀ କିଛି ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଡାକଘର ପରିସରରେ ବିଭିନ୍ନ ଔଷଧୀୟ ଚାରା ରୋପଣ କରାଯାଇଥିଲା। ଡାକ ଅଧୀକ୍ଷକ ଡାକ କର୍ମଚାରୀଙ୍କୁ ‘ଆୟୁଷ ମନ୍ତ୍ରାଳୟ’ ମାଧ୍ୟମରେ ଶପଥପାଠ କରାଇଥିଲେ। ବିଶ୍ୱ ଯୋଗ ଦିବସର ସଫଳ ରୂପାୟନ ପାଇଁ ଭଦ୍ରକ ଡାକମଣ୍ଡଳ ପକ୍ଷରୁ ଅଧୀକ୍ଷକ ଶ୍ରୀଯୁକ୍ତ ମହାନ୍ତି ସମସ୍ତଙ୍କୁ ସାଧୁବାଦ ଅର୍ପଣ କରିଥିଲେ।

ଅବସରପ୍ରାପ୍ତ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପକ୍ଷରୁ ଅକ୍ସିଜେନ କନସେନଟ୍ରେଟର ପ୍ରଦାନ

ବାଲେଶ୍ୱର,୨୨/୬ (ନି.ପ୍ର): ବାଲେଶ୍ୱର ମହିଳା କଲେଜର ଅବସରପ୍ରାପ୍ତ ୪ର୍ଥ ଶ୍ରେଣୀ କର୍ମଚାରୀ ବଳରାମ ବେହେରା ନିଜର ସଞ୍ଚିତ ଅର୍ଥରୁ ଅମ୍ଳଜାନ ମାପକ ଯନ୍ତ୍ର (ଅକ୍ସିଜେନ କନସେନଟ୍ରେଟର) ଜିଲା ସ୍ୱାସ୍ଥ୍ୟ ବିଭାଗକୁ ସୋମବାର ପ୍ରଦାନ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲସେନ ଜଗଦ୍ଦେବଙ୍କୁ ସେ ଏହି ଅମ୍ଳଜାନ ମାପକ ଯନ୍ତ୍ର ପ୍ରଦାନ କରିଥିଲେ। ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀରଙ୍କ ଏଭଳି ଉଦ୍ୟମକୁ ଉଭୟ ଅଧିକାରୀ ଭୂୟସୀ ପ୍ରଶଂସା କରିବା ସହିତ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ପାରିଛି ବୋଲି କହିଥିଲେ। ଏହି ସମୟରେ ବାଲେଶ୍ୱର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ଉପଦେଷ୍ଟା ଇଂ. ବନମାଳି ନାୟକ, ବରିଷ୍ଠ ସଭ୍ୟ ଶଶାଙ୍କ ଶେଖର ଦତ୍ତ, ସମ୍ବାଦପତ୍ର ‘ପ୍ରମେୟ’ର ବାଲେଶ୍ୱର ସଂସ୍କରଣ ପରିଚାଳନା ମୁଖ୍ୟ ସତ୍ୟଶିବ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ବେହେରାଙ୍କ ଏତାଦୃଶ କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଥିଲେ।

ଧାନ ମଣ୍ଡିରେ ଅନଶନରେ ବସିଲେ ଚାଷୀ : ଦାବି ପୂରଣ ନ ହେଲେ ଆତ୍ମାହୁତୀ

ଜଳେଶ୍ୱର ୨୧/୬ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ଥିବା ୧୯ଟି ସେବା ସମବାୟ ସମିତିରେ ଧାନ କିଣାକୁ କେନ୍ଦ୍ର କରି ବିକ୍ଷୋଭ, ଧର୍ମଘଟ ଲାଗି ରହିଛି । ଆଜି ସୋମବାର ପୂର୍ବ ସୂଚନା ଅନୁଯାୟୀ ଲକ୍ଷ୍ମଣନାଥ ସେବା ସମବାୟ ସମିତିର ଚାଷୀମାନେ ଧାନ ମଣ୍ଡିରେ ସକାଳ ୧୦ଟାରୁ ଅନଶନ ଧର୍ମଘଟରେ ବସିଛନ୍ତି । ୟାସ ବାତ୍ୟ ଯୋଗୁଁ ଧାନ ବିକ୍ରି କରିପାରିନଥିବା ଚାଷୀଙ୍କ ଲେପ୍ସ ହୋଇଥିବା ଟୋକନ୍‌କୁ କାର୍ଯ୍ୟକ୍ଷମ କରାଯିବା, ସମସ୍ତ ଚାଷୀଙ୍କୁ ଟୋକନ୍ ଯୋଗାଇବା, ଅଖାର ମୂଲ୍ୟ ପ୍ରଦାନ କରାଯିବା, ଟୋକନ୍‌ର ସମୟସୀମା ୧୨ ଦିନ ପରିବର୍ତ୍ତେ ୧ ମାସ କରାଯିବା, କଟନୀ ଛଟନୀ ବନ୍ଦ କରାଯିବା, ଉତ୍ପାଦନର ୩୦ ଶତକଡା ପରିବର୍ତ୍ତେ ଚାଷୀଙ୍କ ଉତ୍ପାଦିତ ସମସ୍ତ ଧାନକୁ କ୍ରୟ କରାଯିବା ଇତ୍ୟାଦି ଦାବି ନେଇ ଅନଶନରେ ଚାଷୀମାନେ ବସିଛନ୍ତି । ସୁଦାମ ପାତ୍ର, ନିତ୍ୟାନନ୍ଦ ଗିରି, ଲକ୍ଷ୍ମୀଧର ଗିରି, ରବିନ୍ଦ୍ର ପାତ୍ର, ନରୋତ୍ତମ ଗିରି, ଗୋପିନାଥ ଜେନା, କାର୍ତ୍ତିକଚନ୍ଦ୍ର ଗିରି ପ୍ରମୁଖ ବହୁ ଚାଷୀ ଅନଶନରେ ବସିଥିବା ବେଳେ ଜଳେଶ୍ୱର ଏମ୍.ଆଇ ସାଗରିକା ରାଉତରାୟ ସଂଧ୍ୟାରେ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଆଲୋଚନା ବିଫଳ ହେଲେ ଚାଷୀମାନେ ଆତ୍ମାହୁତୀ ଦେବେ ବୋଲି ପ୍ରଶାସନକୁ ରୋକଠୋକ କହିଛନ୍ତି । ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇନଥିବା ଜଣାଯାଇଛି ।

ଅସରାଏ ବର୍ଷାରେ ନୀଳଗିରି ଏନ.ଏ.ସି. ୮ନଂ. ୱାର୍ଡରେ ଆଣ୍ଠୁଏ ପାଣି : ଯାତାୟତରେ ଅଞ୍ଚଳବାସୀ ହିନସ୍ତା

ନୀଳଗିରି,୨୨/୬ (ନି.ପ୍ର): ନୀଳଗିରି ଏନ.ଏ.ସି.ର ନାକତଳେ ୮ନଂ. ୱାର୍ଡର ଥାନା ପଡ଼ିଆ ରାସ୍ତାରେ ଏବେ ବି ଆଣ୍ଠୁଏ ଲେଖାଏ ପାଣି ଜମାଟ ବାନ୍ଧୁଥିବା ବେଳେ ୱାର୍ଡ ବାସୀ ଯାତାୟତରେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ବହୁ ବର୍ଷ ଧରି ଉକ୍ତ ସ୍ଥାନରେ ପାଣି ନିଷ୍କାସନରେ ଏନ.ଏ.ସି. କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ପାଣି ଜମା ହେତୁ ଯାତାୟତରେ ବାଧା ଉପୁଜିଛି । ଉକ୍ତ ରାସ୍ତା ଦେଇ କୁନି କୁନି ସ୍କୁଲ ପିଲା ମାନେ ଯାତାୟାତ କରୁଥିବା ବେଳେ ଉକ୍ତ ପଡ଼ିଆରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏଥିପାଇଁ ଅଞ୍ଚଳବାସୀ ବହୁବାର ଏନ.ଏ.ସି. କର୍ତ୍ତୃପକ୍ଷଙ୍କୁ ଜଣାଇଲା ପରେ ବି ସଫଳ ମିଳୁ ନାହିଁ। ଥାନା ସମ୍ମୁଖରେ ଏଭଳି ରାସ୍ତାକୁ ଏନ.ଏ.ସି. କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବୀ ହେଉଛି ।

ଭାରତୀୟ ଆୟୁର୍ବେଦ

କରୋନା ସଂକ୍ରମଣ ଭୟାବହତା ମଧ୍ୟରେ ମଣିଷ ନିଜ ସ୍ୱାସ୍ଥ୍ୟ ପ୍ରତି ପୂର୍ବାପେକ୍ଷା ଅଧିକ ସଚେତନ ହୋଇପଡ଼ିଛି । ବିଶ୍ୱର ସ୍ୱାସ୍ଥ୍ୟ ମଧ୍ୟରେ ଭାରତୀୟ ଆୟୁର୍ବେଦର ସ୍ୱତନ୍ତ୍ର ସ୍ଥାନ ରହିଛି । ଦେଶର ଏପରି ପ୍ରମୁଖ ପାଞ୍ଚଟି ଆୟୁର୍ବେଦୀୟ ସ୍ଥାନ ସମ୍ପର୍କରେ ଜାଣନ୍ତୁ, ଯେଉଁଠାରେ ଉଭୟ ସ୍ୱାସ୍ଥ୍ୟ ଏବଂ ପର୍ଯ୍ୟଟନର ସୁଖ ପାଇପାରିବେ ।



ଆନନ୍ଦ ଇନ୍ ଦି ହିମାଳୟ, ଉତ୍ତରାଖଣ୍ଡ:

ଏଠାରେ ଋଷିକେଶ ନିକଟରେ ଅବସ୍ଥିତ ଆନନ୍ଦ ଭାରତର ସର୍ବୋତ୍ତମ ଆରାମଦାୟକ ସ୍ପା ରିସୋର୍ଟସ ମଧ୍ୟରୁ ଅନ୍ୟତମ । ପ୍ରାୟ ୧୦୦ ଏକର ପରିବ୍ୟାପ୍ତ ଏହି ରିସୋର୍ଟ ଅଞ୍ଚଳରେ ଆୟୁର୍ବେଦୀୟ ସ୍ୱାସ୍ଥ୍ୟ ସେବା ପାଇବା ସହ ହିମାଳୟ ପାର୍ବତ୍ୟାଞ୍ଚଳର ସୌନ୍ଦର୍ଯ୍ୟ ଉପଭୋଗ କରିହେବ । ଆନନ୍ଦରେ ଆୟୁର୍ବେଦ ଡାକ୍ତର, କୁଶଳୀ ଥେରାପିଷ୍ଟ, ପୋଷକ ତତ୍ତ୍ୱ ଏବଂ ଯୋଗ ବିଶେଷଜ୍ଞ ରହିଛନ୍ତି । ତେବେ ଏହାର ସ୍ପା ସବୁଠାରୁ ଭିନ୍ନ । ଏଠାରେ ପାରମ୍ପରିକ ଆୟୁର୍ବେଦ ଏବଂ ଆଧୁନିକ ସ୍ପା କୌଶଳର ମିଶ୍ରଣରେ ୮୦ରୁ ଅଧିକ ପ୍ରକାର ସ୍ପା ସେବା ଯୋଗାଇ ଦିଆଯାଏ ।

ଦେବୟା ଆୟୁର୍ବେଦ ଆଣ୍ଡ୍ ନେଚର କିୟୋର ସେଣ୍ଟର, ଗୋଆ:

ଏଠାରେ ଦିୱାର ଦ୍ୱୀପରେ ଥିବା ଏହି ରିସୋର୍ଟରେ ଯେଉଁଳି ସ୍ୱାସ୍ଥ୍ୟ ସେବା ଦିଆଯାଏ, ଶରୀର ଏବଂ ମନ ସହ ଆତ୍ମା ବି ସତେଯେପରି ସତେଜ ହୋଇଯାଏ । ସୁସ୍ଥ ଏବଂ ଚିନ୍ତାମୁକ୍ତ ଜୀବନ ଜିଇବା ଲାଗି ଏଠାରେ ଆଧୁନିକ ଯୋଗ ପ୍ରକ୍ରିୟା ଶିକ୍ଷା କରିପାରିବେ । ନଡ଼ିଆ ଗଛ ଓ ଅନ୍ୟ ସବୁଜିମା ଭରା ପରିବେଶ ଏହି ରହଣିକୁ ଅଧିକ ଆନନ୍ଦିତ କରେ । ପଞ୍ଚକର୍ମ, ନ୍ୟାଚୁରୋଥେରାପି, ସ୍ପା ଆଦିର ସୁବିଧା ଏଠାରେ ଉପଲବ୍ଧ ।

ସୋମାଥିରମ୍ ଆୟୁର୍ବେଦ ଗ୍ରାମ, କେରଳ:

ଏଠାକାର ଚୋୱାରା ବେଳାଭୂମିରେ ଥିବା ସୋମାଥିରମ୍‌ରେ ରିସୋର୍ଟର ସୁବିଧା ସହ ଆୟୁର୍ବେଦୀୟ ଚିକିତ୍ସା ପାଇପାରିବେ । ତ୍ରିଭେନ୍ଦ୍ରମ ଆନ୍ତର୍ଜାତୀୟ ବିମାନ ବନ୍ଦର ଏହାର ନିକଟତର । ଏଠାରେ ପଞ୍ଚକର୍ମ ସହ ମାଲିସ୍, ଶିରୋଧାରା, ବସ୍ତି, ଶିରୋବସ୍ତି, ଅଭ୍ୟଙ୍ଗମ୍, ନାସ୍ୟମ ଆଦି ଆୟୁର୍ବେଦୀୟ ପଦ୍ଧତିରେ ଶରୀରକୁ ବିଷାକ୍ତ, ତତ୍ତ୍ୱମୁକ୍ତ କରିପାରିବେ । ନିଜସ୍ୱ ଔଷଧୀୟ ଉଦ୍ୟାନରୁ ଆସୁଥିବା ଜଡ଼ିବୁଟି ଏଠାରେ ବ୍ୟବହାର କରାଯାଏ । ପଦ୍ମନାଭସ୍ୱାମୀ ମନ୍ଦିର, ଚିଡ଼ିଆଖାନା, ଏକାଧିକ ସଂଗ୍ରହାଳୟ ଏହା ନିକଟରେ ରହିଛି ।

ଆୟୁର୍ବେଦଗ୍ରାମ ହେରିଟେଜ ୱେଲନେସ ସେଣ୍ଟର, ବେଙ୍ଗାଲୁରୁ:

ସହର ବାହାରେ ଥିବା ଏହି ଆୟୁର୍ବେଦଗ୍ରାମରେ ଚିକିତ୍ସା କରିବା ଲାଗି ଆୟୁର୍ବେଦ ଏବଂ ଯୋଗର ସହାୟତା ନିଆଯାଏ । ୯ ଏକର ପରିବ୍ୟାପ୍ତ ଏହି ସେଣ୍ଟରରେ ଆୟୁର୍ବେଦୀୟ ସ୍ୱାସ୍ଥ୍ୟ ସେବା, ସ୍ପା, ଯୋଗ, ପ୍ରାଣାୟମ, ଶାକାହାରୀ ଭୋଜନ ଜୀବନକୁ ଏକ ନୂଆ ଦିଶା ଦେଇପାରେ । ଏଠାକୁ ଆସୁଥିବା ଅତିଥିମାନେ ନିଜ ବଜେଟ୍ ଅନୁସାରେ ପ୍ୟାକେଜ୍ ବାଛିଥାନ୍ତି ।

କଫି, ସେଓ ଓ ଏନର୍ଜି

ଅଫିସରେ ହେଉ ଅବା ଘରେ ହେଉ ସମସ୍ତେ ରିଫ୍ରେସ୍‌ମେଣ୍ଟ ପାଇଁ କଫି ପିଇଥାନ୍ତି । କଫି ଟିକେ ପିଇଦେଲେ ହାଲ୍‌କା ଲାଗିବା ସହ କାମ କରିବାକୁ ଆଗ୍ରହ ହୋଇଥାଏ । ତେବେ ଅନେକ ଲୋକ ଜାଣିନାହାନ୍ତି, କଫିଠାରୁ ମଧ୍ୟ ଏନର୍ଜିଯୁକ୍ତ କିଛି ଜିନିଷ ଅଛି ଯାହା ଥକ୍କାପଣକୁ ଦୂର କରେ ଓ ଅଧିକ ଏନର୍ଜି ବି ପ୍ରଦାନ କରେ । ସେଓ ଖାଉଥିବା ଲୋକ ଯଦି କଫିକୁ ବର୍ଜନ କରିବେ, ସେମିତି କିଛି ଅସୁବିଧା ନାହିଁ । କାରଣ ସେଓରେ ଅନେକ ପରିମାଣରେ କାର୍ବୋହାଇଡ୍ରେଟ, ଭିଟାମିନ ସି, ଫାଇବର ଓ ଅନେକ ଖଣିଷଜ ପୋଷକ ଥାଏ । ଯାହା ଶରୀରକୁ ଅଧିକ ପରିମାଣରେ ଶକ୍ତି ଯୋଗାଇବା ସହ ଥକ୍କାପଣ ବି ଦୂରକରେ । ଏଥିରେ ଚର୍ବି, କୋଲେଷ୍ଟୋରେଲ ଆଦି ନଥିବାରୁ ସ୍ୱାସ୍ଥ୍ୟପାଇଁ ମଧ୍ୟ ଖୁବ୍ ହିତକର । ଯେଉଁମାନେ କଫି ଅଭ୍ୟାସରୁ ମୁକୁଳିବା ପାଇଁ ଚାହୁଁଛନ୍ତି, ସେମାନେ ନିଶ୍ଚିତ ଭାବରେ ସେଓ ଖାଆନ୍ତୁ, ଶରୀର ପାଇଁ ଅନେକ ଭିଟାମିନ ମିଳିବା ସହ ସୁସ୍ଥ ଅନୁଭବ କରିପାରିବେ ।

ଭୁଲି ଯାଆନ୍ତୁ ଔଷଧ

ପ୍ରତିଦିନ ରାତିରେ ୫ଟି ପିସ୍ତା ବାଦାମକୁ ଭିଜାଇ, ସକାଳେ ଏହାକୁ ଖାଇ ଆପଣ ପିଅନ୍ତୁ । ଦେଖିବେ ଲୋ ବ୍ଲଡ ପ୍ରେସରରୁ ଆରାମ ମିଳିବା ସହ ସ୍ମରଣ ଶକ୍ତିକୁ ବି ପ୍ରଖର ହେବ । ଗଣ୍ଠି ଯନ୍ତ୍ରଣାରୁ ବ୍ୟସ୍ତ ଅଛନ୍ତି, ତା ହେଲେ ଅମୃତଭଣ୍ଡାର କୋମଳ ପତ୍ରକୁ ବାଟି ଯନ୍ତ୍ରଣା ହେଉଥିବା ସ୍ଥାନରେ ଲଗାନ୍ତୁ ଆରାମ ମିଳିବ । ତୁଳସୀ ମଞ୍ଜିକୁ ବଡ଼ ଦାନା ମୁକ୍ତ ଚିନି ଓ କ୍ଷୀର ସହିତ ମିଶାଇ ପିଇଲେ ମୂତ୍ରାଶୟରେ ଅଟକି ଥିବା ଷ୍ଟୋନ ଦୂର ହୋଇଥାଏ । ପ୍ରତିଦିନ ସକାଳୁ ଖାଲି ପେଟରେ ଅଧା ଚାମଚ ମେଥି ଚୂର୍ଣ୍ଣକୁ ନଖ ଉଷୁମ ପାଣିରେ ମିଶାଇ ସେବନ କଲେ ଗଣ୍ଠି ଯନ୍ତ୍ରଣାରୁ ଉପଶମ ମିଳିବ ।

କିପରି ବଢ଼େ ଭୋଜନର ସ୍ୱାଦ ?

ପାଶ୍ଚାତ୍ୟ ରାଷ୍ଟ୍ରରେ ଚାମଚରେ ଖାଇବା ସେମାନଙ୍କ ପରମ୍ପରା, ଆମ ଦେଶରେ କିନ୍ତୁ ହାତରେ ଖାଇବା ହିଁ ନିୟମ । କାହିଁ କେଉଁ କାଳରୁ ଲୋକେ ଏଇ ନିୟମ ପାଳନ କରି ସୁସ୍ଥ ଜୀବନ କେତେକ ପ୍ରାନ୍ତରେ ଭାରତୀୟ ଲୋକ ଆଧୁନିକତାର ବଶବର୍ତ୍ତୀ ହୋଇ ଚାମଚରେ ଖାଇବାକୁ ଷ୍ଟାଇଲ୍ ବୋଲି ମନେକରୁଥିବାର ଦେଖାଯାଉଛି । ନ୍ୟୁୟର୍କରେ ହୋଇଥିବା ଏକ ଅନୁସନ୍ଧାନରୁ ପ୍ରମାଣିତ ହୋଇଛି ଯେ ହାତରେ ଭୋଜନ କଲେ ପ୍ରମାଣିତ ସ୍ୱାଦ ବଢ଼ିଥାଏ । ଭାରତୀୟମାନଙ୍କ ଏଇ ଖାଦ୍ୟ ଖାଇବାର ଶୈଳୀକୁ ଗବେଷକଦଳ ପ୍ରଶଂସା ମଧ କରିଛନ୍ତି । ରେଟିଲିଙ୍ଗ ନାମକ ପତ୍ରିକାରେ ମଧ ସମାନ ତଥ୍ୟ ପ୍ରକାଶିତ ହୋଇଛି । ଭୋଜନ ପୂର୍ବରୁ ହାତକୁ ଭଲଭାବେ ପରିଷ୍କାର କରି ଖାଇଲେ କୌଣସି ପ୍ରକାର ରୋଗ ହେବାର ଭୟ ନଥାଏ । ଏହା ସହ ଆପଣ ଯଦି ଓଜନ ବଢାଇବାକୁ ଚାହିଁଛନ୍ତି, ନିୟମିତ ହାତରେ ହିଁ ଭୋଜନ କରନ୍ତୁ । କାରଣ ଚାମଚରେ ଖାଇଲେ ଜଣେ ବ୍ୟକ୍ତି ଅଳ୍ପ ପରିମାଣର ଖାଉଥିବାର ବିଶେଷଜ୍ଞ ଅନୁଧ୍ୟାନରୁ ପ୍ରକାଶ କରିଛନ୍ତି । ହାତରେ ଖାଇଲେ ଆମ ମସ୍ତିଷ୍କର ସମ୍ବେଦନଶୀଳ ସ୍ନାୟୁ ସକ୍ରିୟ ହେବା ସହ ଭୋଜନ କଲାବେଳେ ଆତ୍ମସନ୍ତୋଷ ମିଳୁଥିବାର ୪୫% ରୁ ଅଧିକ ଲୋକଙ୍କ ମତ ।

ସ୍ମୃତି ଶକ୍ତି ବଢ଼ାଇବାରେ ସହାୟକ ପାଣି

ସୁସ୍ଥ ଜୀବନଶୈଳୀ ନିମନ୍ତେ ଆବଶ୍ୟକ ପରିମାଣର ପାଣି ପିଇବା ନିତାନ୍ତ ଜରୁରୀ । ଖାଦ୍ୟ ବିଶେଷଜ୍ଞମାନେ ବରାବର ଏ ବାବଦରେ ଜନସାଧାରଣଙ୍କୁ ଅବଗତ କରାଉଛନ୍ତି । ଏହା ସତ୍ତ୍ୱେ ଲୋକେ ପାଣି ପିଇବାରେ ଅବହେଳା କରିଥାନ୍ତି । ଜାପାନୀ ଗବେଷକଙ୍କ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି, ପାଣି ନ ପିଇବା କାରଣରୁ ଆମ ସ୍ମୃତି ଶକ୍ତି ଓ ମାନସିକ ବିକାଶ ବାଧାପ୍ରାପ୍ତ ହୋଇଥାଏ ।



- ଅଧିକାଂଶ ଧାରଣା ଯେ ଶୋଷ ଲାଗିଲେ ହିଁ ପାଣି ପିଇବା ଦରକାର । ଶରୀରର ପ୍ରତ୍ୟେକ ଆବଶ୍ୟକତା ସମ୍ପର୍କରେ ଆମେ ଭଲଭାବେ ଅବଗତ ନଥାଉ । ଏଣୁ ପ୍ରତି ଘଣ୍ଟେ-ଦୁଇ ଘଣ୍ଟାରେ ଥରେ ପାଣି ପିଇବାର ଅଭ୍ୟାସ ଆରମ୍ଭ କରନ୍ତୁ । ସାଧା ପାଣି ନପିଇ ଜଣେ ଲେମ୍ବୁ ପାଣି, ମିଶ୍ରି ପାଣି କିମ୍ବା ଅନ୍ୟ କୌଣସି ପ୍ରକାର ଘରୋଇ ସରବତ ମଧ ପିଇପାରିବେ ।

ମା' କ୍ଷୀର ଅଭାବର ଆୟୁର୍ବେଦୀୟ ଉପଚାର

ମା' କ୍ଷୀର ଶିଶୁ ପାଇଁ ଏକମାତ୍ର ଜୀବନ ଜିଇଁବାର ଆହାର। ଆୟୁର୍ବେଦରେ ବର୍ଣ୍ଣନା ଅଛି ସ୍ତନ୍ୟଂ ତୁ ଜୀବନଂ ମରଣ ତଦାଭାବେ ଚ। ଅର୍ଥାତ୍ ଶିଶୁ ପାଇଁ ମା' କ୍ଷୀର ଠାରୁ ବଳି ଅମୃତ ସଂସାରରେ ଆଉ କିଛି ନାହିଁ। ତେବେ ମା' କ୍ଷୀର ଶିଶୁ ପାଇଁ କାହିଁକି ଓ କିପରି ମୂଲ୍ୟବାନ ତାହା ଆଜିକାଲି ଅନେକ ମା' ଭୁଲିଯାଉଛନ୍ତି। କେତେକ ନିଜର ଯୌବନକୁ ଦୀର୍ଘକାଳୀନ କରିବା ଲାଗି ସ୍ତନ୍ୟପାନ କରାଇବାକୁ ଅବହେଳା କରିଥାନ୍ତି। ଯଦିଓ ପ୍ରକୃତି ମା' ସ୍ତନରେ ତା' ଶିଶୁପାଇଁ ଯଥେଷ୍ଟ ସ୍ତନ୍ୟ ଯୋଗାଇ ଦେଇଥାଏ ହେଲେ ବେଳେବେଳେ ମା' ନିଜ ଶିଶୁକୁ ଯଥେଷ୍ଟ ପରିମାଣରେ ସ୍ତନ୍ୟପାନ କରାଇ ପାରି ନଥାଏ। ହୁଏତ ଏଥିପାଇଁ ମା' ଶରୀର ଭିତରେ ହରମୋନର ପ୍ରଭାବ, ମା'ଙ୍କୁ ଆବଶ୍ୟକ ପୋଷକ ତତ୍ତ୍ୱର ଅଭାବ, ଗର୍ଭ ନିରୋଧ ବଟିକା ସେବନ ତଥା ମାନସିକ ଚିନ୍ତା, କାର୍ଯ୍ୟର ଚାପ, ଶାରୀରିକ ରୋଗ ଭଳି ବିଭିନ୍ନ କାରଣ ଦାୟୀ।

ଆୟୁର୍ବେଦରେ ଏପରି ଶିଶୁ ପାଇଁ ପ୍ରଚୁର ଦୁଗ୍ଧ ମା' ସ୍ତନରେ ସୃଷ୍ଟି କରିବା ଲାଗି ଅନେକ ବିଧି ଓ ଔଷଧର ବ୍ୟବସ୍ଥା ରହିଛି। ମହର୍ଷି ଚରକ ତାଙ୍କ ପୁସ୍ତକ ସୂତ୍ର ସ୍ଥାନରେ କେତୋଟି ଔଷଧୀୟ ଦ୍ରବ୍ୟର ଉଲ୍ଲେଖ କରି କରିଛନ୍ତି ଯାହା ମା' ସ୍ତନରେ ପ୍ରଚୁର ପରିମାଣରେ କ୍ଷୀର ଉତ୍ପନ୍ନ କରିଥାଏ। ଯଥା ଶାଳୀଚାଉଳ, ଷଷ୍ଟିକ ଚାଉଳ, ଗୁଡୁଚୀ ଏବଂ କେତେକ ଜାତିର ତୃଣ ଭେଦ ଯଥା ଆଖୁ, କାଶତଣ୍ଡୀ, କୁଶ, ରୋହିସତୃଣ ଇତ୍ୟାଦି ଯାହା ଉପରେ ଅନେକ ଗବେଷଣା କରାଯାଇ ପ୍ରତ୍ରକ୍ଷଧ ମଧ୍ୟ ହୋଇସାରିଛି। ଏହାବ୍ୟତୀତ ମହର୍ଷି ସୁଶ୍ରୁତ ସ୍ତନ୍ୟକ୍ଷୟରେ ଶ୍ଳେଷ୍ମବର୍ଦ୍ଧକ (କଫ ବର୍ଦ୍ଧକ)ଦ୍ରବ୍ୟର ପ୍ରୟୋଗ କରିବା ପାଇଁ ସୂତ୍ର ସ୍ଥାନରେ କହିଛନ୍ତି ଯେପରି- ମାଷପର୍ଣ୍ଣୀ, ମୁଦ୍‌ଗପର୍ଣ୍ଣୀ, କକଡ଼ାଶୃଙ୍ଗୀ, ଯଷ୍ଟିମଧୁ, ଦ୍ରାକ୍ଷା (କିସମିସ), ଗୁଡୁଚୀ, ପଦ୍ମକ କିମ୍ବା କଇଁ ନାଡ଼ ଆଦି ଅନେକ ପ୍ରକାର ଚୂର୍ଣ୍ଣ କ୍ୱାଥ (ସିଝେଇ) ରୂପରେ ନେବାକୁ ଉପଦେଶ ଦେଇଛନ୍ତି। ତେବେ ଏ ସମ୍ପର୍କରେ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ମା' ସ୍ତନରେ ସୃଷ୍ଟିଲାଗି ଅନ୍ୟ କେତେକ ମସଲା ଓ ପରିବା ଜାତୀୟ ଦ୍ରବ୍ୟ ରହିଛି, ସେଗୁଡ଼ିକୁ ମଧ୍ୟ ପ୍ରୟୋଗ କରାଯାଇପାରେ। ଯେପରି ମେଥି ଏକ ପ୍ରଭାବଶାଳୀ କ୍ଷୀର ଉତ୍ପାଦନ ଦ୍ରବ୍ୟ। ଏହାକୁ ଅଳ୍ପ ମାତ୍ରାରେ ପାଣିରେ ବଟୁରାଇ ଖାଲି ବା କ୍ଷୀର ସହ ଦୈନନ୍ଦିନ ସେବନ କଲେ ଉତମ ଫଳ ମିଳେ। ମେଥି ମୋଦକ ମଧ୍ୟ ନେଲେ ଭଲ। ସଜନା ଛୁଇଁ ମଧ୍ୟ ଏକ ଉତ୍କୃଷ୍ଟ ଦ୍ରବ୍ୟ ଯାହାକୁ ଦୈନନ୍ଦିନ ଖାଦ୍ୟରେ ସାମିଲ କରାଯାଇପାରେ। ସେହିପରି ଶତାବରୀର ବା ଛତୁଆରୀର କୋମଳ ଶୃଙ୍ଗ ବା ମୂଳକୁ ଭଲ ଭାବେ ଧୋଇ କ୍ଷୀର ତଥା ମିଶ୍ରିତ ସହିତ ପ୍ରତିଦିନ ଖାଇଲେ ମା' କ୍ଷୀର ବୃଦ୍ଧି ହୋଇଥାଏ। ସେହିପରି ପାନମଧୁରୀର ଚୂର୍ଣ୍ଣ ବା ଭିଜା ପାଣି ଦୈନନ୍ଦିନ ନେଲେ କ୍ଷୀର ବୃଦ୍ଧିହୁଏ। ନିର୍ଗୁଣ୍ଡୀ ପତ୍ର (ବେଗୁନିଆ ପତ୍ର) ରସ, ଏରଣ୍ଡ ପତ୍ର (ଜଡ଼ାଗଛ ପତ୍ର) ରସ ମଧ୍ୟ ମା'ର କ୍ଷୀର ବୃଦ୍ଧିରେ ସାହାଯ୍ୟ କରେ। ସ୍ତନ୍ୟଦାତ୍ରୀର କ୍ଷୀର ଅଭାବ ବା କ୍ଷୟରେ ଏହାକୁ ବୃଦ୍ଧି କେଉଁ କାଳରୁ ଆୟୁର୍ବେଦୀୟ ବର୍ଣ୍ଣିତ ଦ୍ରବ୍ୟର ପ୍ରୟୋଗ ହୋଇଆସୁଛି। ହେଲେ ଯୁଗ ବଦଳିବା ସହିତ ମନୁଷ୍ୟର ଜୀବନଶୈଳୀ ବଦଳିବା ଯୋଗୁଁ ମନୁଷ୍ୟ ଏହି ଚିରାଚରିତ ପ୍ରଥାକୁ ଭୂଲିଯାଇ କେମିକାଲ ଯୁକ୍ତ ଦ୍ରବ୍ୟ ପ୍ରୟୋଗ କରି ଅନେକ ରୋଗର ଶିକାର ହେଉଛି। ଏହପ୍ରୈରି ସମସ୍ତ ବର୍ଣ୍ଣିତ ଦ୍ରବ୍ୟ ମଧ୍ୟରୁ କେତେକାଂଶରେ ଗର୍ଭାବସ୍ଥାରେ ମନା କରାଯାଇଥିବା ବେଳେ ପ୍ରସବ ପରେ କ୍ଷୀର ବୃଦ୍ଧି ପାଇଁ ପରାମର୍ଶ ଦିଆଯାଇଛି। ତେବେ ଏହାର ପ୍ରୟୋଗ ଅତ୍ୟନ୍ତ ସତର୍କ ଓ ଯତ୍ନ ସହିତ କରାଯିବା ଆବଶ୍ୟକ। କାରଣ ସମୟ ଓ ପ୍ରକୃତି ଅନୁସାରେ ଶରୀରରେ ଏହାର ପ୍ରଭାବ ବେଳେ,ବେଳେ ନକାରାତ୍ମକ ପ୍ରଭାବ ପକାଇପାରେ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ମହାରାଷ୍ଟ୍ରରେ ରାଜନୈତିକ ଅସ୍ଥିରତା...

ନିକଟରେ ସମାପ୍ତ କେତୋଟି ରାଜ୍ୟର ବିଧାନସଭା ନିର୍ବାଚନ ପରେ ଜାତୀୟ ରାଜନୀତିରେ ସାମାନ୍ୟ ହଲ୍‌ଚଲ୍ ଦେଖାଦେଉଛି। କେଉଁଠି ମୂଳ ଦଳ ଛାଡ଼ି ବିପକ୍ଷ ଶିବିରରେ ସାମିଲ ହୋଇସାରିଥିବା ନେତା ଓ କର୍ମୀମାନଙ୍କର 'ଘର୍ ୱାପସି' ଆରମ୍ଭ ହେଲାଣି ତ ଆଉ କେତେକ ରାଜ୍ୟରେ ଆଗୁଆଲି ଦଳମାନଙ୍କ ଭିତରେ ସାନବଡ଼ ଫାଟ ଦେଖାଦେଲାଣି। କ୍ଷମତା-ରାଜନୀତିରେ ଏଭଳି ଦୃଶ୍ୟରେ କିଛି ନୂତନତା ନଥିଲେ ସୁଦ୍ଧା ସାମ୍ପ୍ରତିକ ରାଜନୀତିରେ କେତେକ ଅସ୍ୱସ୍ତିର କାରଣ ଭଳି ପ୍ରତୀତ ହୋଇଛି। ପଞ୍ଚୁବର୍ଣ୍ଣୀ ଚାଉଳ ଯେମିତି ଅଲଗା ହୋଇ ଫୁଟୁଥାଏ, ସେମିତି ବିଭିନ୍ନ ଆଦର୍ଶ ଓ ବିଚାରରେ ପରିଚାଳିତ ଦଳଗୁଡ଼ିକ ଏକାଠି ରହିବାରେ ଯେଉଁ ବିଷମତା ଉପୁନ୍ନ ହୋଇଥାଏ, ତାହା ବର୍ତ୍ତମାନ ସାମ୍ନାକୁ ଚାଲିଆସିଲାଣି। ବିହାରରେ କମ୍ ପ୍ରଭାବସମ୍ପନ୍ନ ହେଲେ ସୁଦ୍ଧା ରାମ ବିଳାସ ପାଶ୍ୱାନଙ୍କ ପ୍ରତିଷ୍ଠିତ ଦଳ ଲୋକ ଜନଶକ୍ତି ପାର୍ଟିରେ ରାମ ବିଳାସଙ୍କ ପୁତ୍ର ଚିରାଗଙ୍କ ବିରୋଧରେ ବିଦ୍ରୋହ ହୋଇଛି। ଚିରାଗଙ୍କୁ ପାର୍ଟିର ସଭାପତି ପଦରୁ ବିଦା କରି ତାଙ୍କର ଆତ୍ମୀୟ ପାରସ ଦଳର ରଙ୍ଗ ଧରିବାକୁ ପଛାଇ ନାହାଁନ୍ତି। ବହିଷ୍କୃତ ଚିରାଗଙ୍କ ଦଳ ଚାରି-ପାଞ୍ଚ ଜଣ ସାଂସଦ ନିଜର ପୃଥକ୍ ସ୍ଥିତି ଜାହିର କରିଛନ୍ତି। ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସରୁ ଆଗରୁ ଚାଲିଯାଇଥିବା ମୁକୁଲ ରୟ ତାଙ୍କ ପୁତ୍ରଙ୍କୁ ଧରି ବିଜେପି ତ୍ୟାଗ କରି ଫେରିଆସିଛନ୍ତି ମମତାଙ୍କ ତୃଣମୂଳ କଂଗ୍ରେସକୁ। ମୁକୁଲଙ୍କ ପଦାଙ୍କ ଅନୁସରଣ କରି ବିଜେପିରୁ କର୍ମୀମାନେ ମମତାଙ୍କ ଦଳକୁ ଫେରିବା ଆରମ୍ଭ କଲେଣି। ଯେଉଁମାନେ ବିଜେପିର ବିଧାୟକ ଅଛନ୍ତି, ସେମାନଙ୍କ ଭିତରୁ କୁଆଡ଼େ ଚବିଶି ଜଣ ଘର ୱାପସି ପାଇଁ ଗୋଡ଼ ଟେକିଲେଣି ବୋଲି ଭିତିରି ମହଲ କହୁଛି। ମହାରାଷ୍ଟ୍ରରେ ମାସ ମାସର କସରତ୍ ପରେ ଶିବସେନା ନେତୃତ୍ୱରେ ଯେଉଁ ମହାବିକାଶ ଅଘାଡ଼ି ନାମରେ ତିନିଦଳିଆ ମେଣ୍ଟ ସରକାରକୁ ଆସିଥିଲା, ସେଥିରେ ଆରମ୍ଭ ହୋଇଯାଇଛି ଝୁମ୍ପାଝୁମ୍ପି। ପାଞ୍ଚ ବର୍ଷ ପାଇଁ ସରକାରରେ ରହିବାର ମହାରାଷ୍ଟ୍ରବାସୀଙ୍କୁ ପ୍ରତିଶ୍ରୁତି ଦେଇ ବିଜେପିକୁ ଦୂରେଇ ରଖିବା ଏହି ଅଘାଡ଼ିର ଏଜେଣ୍ଡା ଥିଲା। ମାତ୍ର ବର୍ଷେ ଯାଇଛି କି ନାହିଁ, ଆରମ୍ଭ ହୋଇଗଲାଣି କ୍ଷମତାନ୍ଦଳ। ତିନିଦଳିଆ ସରକାରର ପ୍ରତି ଭାଗୁଆଳି ନିଜର ଅଭିଳାଷ ଏମିତି ଢଙ୍ଗରେ ବାହାରେ ପ୍ରକାଶ କରିବେ ବୋଲି କେହି ଭାବିନଥିବେ। କିଛି ଦିନ ତଳେ ଗୃହମନ୍ତ୍ରୀ ଅମିତ୍ ଶାହଙ୍କ ସହ ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ସାକ୍ଷାତ ପରଠାରୁ ଚକ ଏମିତି ଗଡୁଛି ଯେ, କେଉଁ ସମୟରେ କଥିତ ଅଘାଡ଼ି ଗାଡ଼ି ଓଲଟିଯିବ, କହି ହେଉନାହିଁ। କଂଗ୍ରେସର ମହାରାଷ୍ଟ୍ର ସଭାପତି ପାଟୋଲ ନିଜକୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ଉପଯୁକ୍ତ ଚେହେରା ବୋଲି ଗଣମାଧ୍ୟମରେ ଦାବି ରଖିବା ଅଘାଡ଼ିର ତୃତୀୟ ଅଂଶୀଦାର ହୋଇ ସୁଦ୍ଧା ଏକାକୀ ଭୋଟ୍ ଲଢ଼ିବାର ଆସ୍ପର୍ଦ୍ଧା ଚର୍ଚ୍ଚାକୁ ଆସିଯାଇଛି। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା, ଶିବସେନା ସାଂସଦ ସଂଜୟ ରାଉତଙ୍କ ମୁହଁରେ ମୋଦିଙ୍କର ଉଚ୍ଚ ପ୍ରଶଂସା ସମଗ୍ର ପ୍ରକରଣକୁ ଅଲଗା ମୋଡ଼ ଦେଇସାରିଛି। ଯଦି ପରିସ୍ଥିତି ଉପୁଜିବ, ତେବେ ନିଜ ବଳରେ ନିର୍ବାଚନ ଲଢ଼ିପାରେ ବୋଲି ଶିବସେନାର ଦୃଢ଼ୋକ୍ତି ଭିତରେ ଶରଦ ପାୱାର ଲୋକସଭା ଭୋଟ୍ ଏକାଠି ଲଢ଼ିବା ସପକ୍ଷରେ ବକ୍ତବ୍ୟ ରଖିଛନ୍ତି। ଏଭଳି ପୃଷ୍ଠଭୂମିରେ ନିର୍ବାଚନ ରଣନୀତିକାର କୁହାଯାଉଥିବା ପ୍ରଶାନ୍ତ କିଶୋର ଶରଦ ପାୱାରଙ୍କୁ ଏକାନ୍ତ ବୈଠକରେ ଭେଟିଛନ୍ତି। ତିନି ଦଳ ଭିତରେ ଯଦି ଏମିତି ଖୁମ୍ପାଖୁମ୍ପି ଚାଲୁ ରହେ, ମହାରାଷ୍ଟ୍ର ଭଳି ରାଜ୍ୟରେ ଯେଉଁ ଅଣ-ବିଜେପି ପରୀକ୍ଷା ଚାଲୁଥିଲା, ତାହାର ଭବିଷ୍ୟତ କ'ଣ ହେବ, ତାହା ଜଳ ଜଳ ଦିଶିଯାଉଛି। ବିଭିନ୍ନ ରାଜ୍ୟରେ ହେବାକୁ ଯାଉଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଏହା କ'ଣ ସଙ୍କେତ ଦେଉଛି, ତାହା ନେଇ ବିଶେଷଜ୍ଞ ମହଲରେ ଚର୍ଚ୍ଚା ହେବା ସ୍ୱାଭାବିକ୍। ବିଶେଷ କରି ଉତ୍ତରପ୍ରଦେଶ ଭଳି ବୃହତ୍ ରାଜ୍ୟରେ କ୍ଷମତାସୀନ ବିଜେପିର ପ୍ରଦର୍ଶନ ନିକଟରେ ଅନୁଷ୍ଠିତ ସ୍ଥାନୀୟ ନିର୍ବାଚନରେ ନୈରାଶ୍ୟଜନକ ଥିବାରୁ ଦଳକୁ ଅଧିକ ଶୃଙ୍ଖଳିତ କରାଯିବା ସକାଶେ ପ୍ରୟାସ ଆରମ୍ଭ ହୋଇଛି। ବିହାର ଓ ୟୁପି ଭଳି ଜାତୀୟ ରାଜନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ ବିଚାର କରାଯାଉଥିବା ରାଜ୍ୟ ଲାଗି ଏହା ମହତ୍ତ୍ୱପୂର୍ଣ୍ଣ ବିବେଚନା କରାଯାଉଛି।

କବିତା କୋଣାର୍କ

ବରଷା କାଳ...

କସ୍ତୁରୀ ଚରଣ ରାଉତ

ଅବସିତ ହେଲେ ଖରା
ପୁଲକିତ ହୁଏ ଧରା
ମୃଦୁ ପଦପାତେ ପରା ବରଷାରାଣୀ
ଆକାଶର ଛାତି ଚିରି ଆସେ
ମଉସୁମୀ ଧରି
ତପ୍ତମାଟି ଆର୍ଦ୍ର କରି ଦେଖାଏ ଠାଣି
ଜୀବଗଣ ସଲିଳ ପାଇ
ବର୍ଷାକୁ କରନ୍ତି ପୂଜା ସଂଗୀତ ଗାଇ ।

ଖେଳୁଥାନ୍ତି ଲୁଚକାଳି ମେଘ
ସଙ୍ଗେ ଅଂଶୁମାଳୀ
ବଜ୍ର ସହିତ ବିଜୁଳୀ ନଭ-ଅଙ୍ଗନେ
ଅବଳା କଟି ମେଖଳା ପ୍ରାୟ
ଚାରୁ ଚିତ୍ରଶାଳା
ମେଘ କୋଳରେ ଚପଳା ଦିଶଇ ଜନେ
ସପ୍ତରଙ୍ଗର ଇନ୍ଦ୍ରଧନୁ
ବାରେ ଦେଖିଦେଲେ କେଭେଁ
ନଯିବ ମନୁ ।

ଅବିରତ ବାରିଧାରା ଝରେ
ଅସରା ଅସରା
ପଲ୍ଲୀର ଶୋଭା ପସରା
କେ ପାରେ କଳି
ସାଧବବୋହୂର ଶୋଭା
ସତରେ କି ମନଲୋଭା
ମୟୂରପୁଚ୍ଛର ଆଭା ତାହାଠୁଁ ବଳି
ବିକଟ ଚିତ୍କାରେ ଦର୍ଦ୍ଦୁର
ପଲ୍ଲୀ ଶାନ୍ତ ପରିବେଶ କରେ ମୁଖର ।

ପାଣ୍ଡୁର ଧୂସର ଧରା ହୁଏ ସବୁଜିମା ଭରା
ରସମୟୀ ବାରିଧାରା ପରଶ ପାଇ
ତଡ଼ାଗ, ତଟିନୀ, ନାଳ,
ଖାଲଖମା, ବିଲମାଳ
ପୂର୍ଣ୍ଣ ହେଲେ ବର୍ଷାଜଳ ସୃଜଇ ଘାଇ
ଅତିବୃଷ୍ଟି କରଇ ନାଶ
ଅଳ୍ପବୃଷ୍ଟି ପ୍ରଭାବିତ କରଇ ଚାଷ ।

ବରଷାରେ ଭିଜିଭିଜି ଆନନ୍ଦ
ସାଗରେ ହଜି
ନାଚକୁଦେ ମଜ୍ଜିମଜ୍ଜି ଶିଶୁ ସକଳେ
ଦେଖି ଆଷାଢର ବାରି
ଆନନ୍ଦରେ ତାଳିମାରି
କାଗଜର ଡଙ୍ଗା ଧରି ଭସାନ୍ତି ଜଳେ
ଭାସମାନ ମେଘକୁ ଦେଖି
ମାଟି ସନ୍ତାନ କୃଷକ ହୁଅଇ ସୁଖୀ ।

କାକୁଡ଼ି ଭେଣ୍ଡି କଖାରୁ
ମିଳେ ବାଡ଼ିବଗିଚାରୁ
କଦମ୍ବ, କିଆ,
କେତକୀ, ମଲ୍ଲୀ, ମାଳତୀ
ହରଗଉରା, ଟଗର, ତରାଟ ପୁଷ୍ପସମ୍ଭାର
ପଲ୍ଲୀ ବୁକୁ ଉଲ୍ଲସିତ କରେ ସେବତୀ
ସୁରଭିତ ସାରା ଅଞ୍ଚଳ
କଳାମେଘ ଦେଖି ପାଦ ହୁଏ ଚଞ୍ଚଳ ।
ମଙ୍ଗଳଦାୟୀ ବରଷା କୃଷକର ବଡ଼ ଆଶା
ଜୀବଜଗତ ଭରସା କରନ୍ତି ଯାରେ
ସାଧେ ଜନପ୍ରାଣୀ ହିତ
ଅଟଇ ଜଗତ ମିତ
ତା'ପରି କେ ନାହିଁ ଆଉ ଏଇ ସଂସାରେ
ସତରେ ଏ ମଙ୍ଗଳକାରୀ
ସୃଷ୍ଟିକୁ ବଞ୍ଚାଇରଖେ ବରଷି ବାରି ।

+ ମକୁନ୍ଦପୁର,ବାଙ୍କୀ,କଟକ
ମୋ.୮୯୧୭୩୯୭୩୪୮

ଅନ୍ତରାଷ୍ଟ୍ରୀୟ ବିଧବା ଦିବସ

ଅକ୍ଷୟ ପଣ୍ଡା

କରୋନା ଛଡ଼େଇ ନେଇଛି ମୁହଁରୁ ହସ । ଦେହରୁ ବଳ ମନରୁ ସାହସ ଓ ହାତରୁ କାମ । ଖାଲି ସେତିକି ନୁହେଁ ଏ ମହାମାରୀ ମା' ର କୋଳ ଶୂନ୍ୟ କରି ନେଇ ଯାଇଛି ତାର ସନ୍ତାନକୁ ଏ ଦୁନିଆର ଆର ପାରିକୁ । କାହାର ମଥାରୁ ସିନ୍ଦୁର, ହାତରୁ ଶଙ୍ଖା ସବୁଦିନ ପାଇଁ ଛଡ଼େଇ ନେଇଛି ଏ କରୋନା । ପିନ୍ଧେଇ ଦେଇଛି ସେ ଧଳା ଶାଢୀ ଧବ ବିହୀନ କରି ସଜେଇ ଦେଇଛି ବିଧବା ବେଶ ।

ପୁରୁଷ ର ବଳ ଧନ । ମା' ର ବଳ ପୁଅ । ନାରୀ ର ବଳ ତା ସ୍ୱାମୀ । ତା ଅନୁପସ୍ଥିତ ଜୀବନର ଚଲା ପଥରେ ନାରୀ ପାଇଁ ଅତ୍ୟନ୍ତ ଦୁଃଖ ଦାୟକ । ଯାହା ଭାଷାରେ ବର୍ଣ୍ଣନା କରାଯାଇ ପାରେନା । ଆର୍ଥିକ ଅନାଟନ, ମାନସିକ ଯନ୍ତ୍ରଣା, ପରିବାରର ବୋଝ ଓ ପିଲାମାନଙ୍କ ଭବିଷ୍ୟତ ଚିନ୍ତା କରି ସେହି ଅସହାୟ ନାରୀମାନେ ଆଖିରୁ ଲୁହ ଗଡ଼ାନ୍ତି ।

ସେହି ନାରୀମାନଙ୍କ ଲୁହକୁ ପୋଛିଦେବାର ପାଇଁ ଜୁନ ୨୩ ତାରିଖକୁ ଅନ୍ତରାଷ୍ଟ୍ରୀୟ ବିଧବା ଦିବସ ରୂପେ ପାଳନ କରାଯାଉଛି । ଜାତି ସଂଘ ଏପରି ମହାନ ଦିବସକୁ ୨୦୧୦ ରେ ଅନୁମୋଦନ କରିଥିଲା । ଏହାର ମୂଳ ଉଦ୍ଦେଶ୍ୟ ଥିଲା ବେସାହାରା ନାରୀମାନଙ୍କର ସାମାଜିକ ସୁରକ୍ଷା, ଅର୍ଥନୈତିକ ବିକାଶ, କର୍ମ କୌଶଳତା ଶିକ୍ଷା ଓ କର୍ମ ନିଯୁକ୍ତି ଦେବା ।

ଆମ ଦେଶର ୨୦୧୧ ଜନଗଣନା ଅନୁସାରେ ୫ କୋଟି ୬ ଲକ୍ଷ ବିଧବା ବସବାସ କରୁଥିଲେ । ଯାହା ଭାରତ ନାରୀ ସଂଖ୍ୟା ୪.୬ % ଅଟେ । ୨୦୨୦ ମସିହା ବେଳକୁ ଏହା ୫ କୋଟି ୫୦ ଲକ୍ଷ ହୋଇସାରିଲାଣି । ଏବେ ୨୦୨୧ କରୋନା ମହାମାରୀ ସମୟରେ ଏହା ହାର ନିଶ୍ଚିତ ରୂପେ ବୃଦ୍ଧି ପାଇଥିବ । ସାରା ବିଶ୍ୱରେ ୨୫ କୋଟି ୮୦ ଲକ୍ଷ ରୁ ଅଧିକ ବିଧବା ବାସ କରୁଛନ୍ତି ।

ତେବେ ସବୁଠାରୁ ଚିନ୍ତାର ବିଷୟ ଭାରତ ଭଳି ଦ୍ୱିତୀୟ ଜନବହୁଳ ଦେଶରେ, ଏ କରୋନା ମହାମାରୀ ସମୟରେ ସେହି ମହିଳା ମାନଙ୍କୁ କିପରି ସାହାଯ୍ୟ କରାଯାଇ ପାରିବ । ସେମାନଙ୍କର ସମସ୍ୟା ଓ ତାର ସମାଧାନ ବିଷୟରେ ଆଲୋଚନା କରିବା ।

୧. କରୋନା ସମୟରେ ପୁରୁଷ ମାନଙ୍କ ଅପେକ୍ଷା ନାରୀମାନଙ୍କ ଘରୋଇ କର୍ମ ସଂସ୍ଥା, ଅର୍ଥ ଉପାର୍ଜନ ର ମାଧ୍ୟମ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଗଲାଣି । ଘର ଚଳାଇବାକୁ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ।

୨. ଆମ ସମାଜରେ ନାରୀମାନେ ଅଳ୍ପ ଶିକ୍ଷିତା ବା ଅର୍ଦ୍ଧ ଶିକ୍ଷିତା ହୋଇ ଥିବାରୁ ସରକାରୀ ଉନ୍ନୟନ ମୂଳକ ଯୋଜନା ବିଷୟରେ ଅବଗତ ହୋଇପାରୁ ନାହାଁନ୍ତି । ସେପରି ସୁବିଧା ଜାଣିବା ଅଥବା ପାଇବା ପାଇଁ ସେମାନଙ୍କୁ ବିପୁଳ ଅର୍ଥ ଲାଞ୍ଚ ଦେବାକୁ ପଡୁଛି ।

୩. ବିଦ୍ୟାଳୟର ପାଠ ପଢା ଏଣିକି ଅନଲାଇନରେ ହେଉଥିବାରୁ । ସେହି ଅବହେଳିତା ବିଧବା ମହିଳା ମାନଙ୍କର ପିଲାମାନେ ସେପରି ଜ୍ଞାନ ଅର୍ଜନ କରିବାର ସୁଯୋଗରୁ ବଞ୍ଚିତ ହୋଉଛନ୍ତି । ଅର୍ଥ ଅଭାବରୁ ମା'ମାନେ ସେମାନଙ୍କ ପିଲାମାନଙ୍କୁ ମୋବାଇଲ, ଲାପଟପ୍ ଓ ଇଅରଫୋନ ଆଦି ଯୋଗାଇ ଦେଇପାରୁ ନାହାଁନ୍ତି ।

୪. ସାମାଜିକ ନିରାପତ୍ତା ଆଉ ଏକ ବଡ଼ ସମସ୍ୟା ହୋଇ ସେମାନଙ୍କ ବିକାଶ ପଥରେ ଅନ୍ତରାୟ ସୃଷ୍ଟି କରୁଛି । ଯଥା ବିଧବା ମା' ଟିଏ ତାର ବଢ଼ିଲା ଝିଅକୁ ଛାଡ଼ି ବିଲ ବାଡ଼ି ବା ଅଫିସ ଦପ୍ତରରେ କାମ କରିବାକୁ ଯାଇ ପାରୁନାହିଁ । ଯେମିତି ନଇରେ କୁମ୍ଭୀର ଆଉ କୂଳରେ ବାଘ ଅଛି । କଣ କରିବ କେମିତି ରହିବ ? ରୋଜଗାର ନକଲେ ଘର ଚଳିବନି ।

୫. ବିଧବା ନାରୀମାନଙ୍କର ଘର ଡିହ, ଜମିବାଡ଼ି, ବିବାଦ ସାଧାରଣ ବେଶୀ ଦେଖାଯାଏ । ସାଇ ପଡ଼ିଶା ଓ ଆଖ ପାଖ ଲୋକମାନେ ଜମିବାଡ଼ି ଜବର ଦଖଲ କରିନିଅନ୍ତି । ଆଉ କେଉଁଠାରେ ଭାଇ ଭାଗ ବଣ୍ଟୁଆର ଠିକ୍ ହୁଏ ନାହିଁ । କୋର୍ଟ କଚେରୀ ଯିବା ପାଇଁ ଧନ ବଳ, ଲୋକ ବଳ ଓ ମନ ବଳ ଆବଶ୍ୟକ । ବିଚରା ସେହି ନାରୀମାନେ ବେସାହାରା ହୋଇ ଭଗବାନଙ୍କୁ ଡ଼ାକନ୍ତି ଓ ଆଖିରୁ ଲୁହ ଝରାନ୍ତି ।

୬. ଆଜିକାଲି ଘରୋଇ ହସପିଟାଲରେ ବିନା ଅର୍ଥରେ ଡ଼ାକ୍ତର ପରାମର୍ଶ କରିବା ଅସମ୍ଭବ । ଆଉ ସରକାରୀ ଡ଼ାକ୍ତରଖାନା ସୁଖିଲା ନଦୀ ପରି ଡ଼ାକ୍ତର ଅଛନ୍ତି ଔଷଧ ନାହିଁ । ଔଷଧ ଅଛି ଡ଼ାକ୍ତର ନାହାଁନ୍ତି । ଡ଼ାକ୍ତର ଅଛନ୍ତି କର୍ମଚାରୀ ନାହାଁନ୍ତି । ଆଉ କେଉଁଠାରେ କୁହାଯାଏ କରୋନା ଟେଷ୍ଟ ରିପୋଟ ଆଣି ଭିତରକୁ ପଶ ।

ତେବେ ଏସବୁ ସମାଧାନର ମାର୍ଗ ଆମକୁ ଖୋଜିବାକୁ ପଡ଼ିବ । ସମୟର ସହିତ ତାଳ ଦେଇ ବିକାଶ ଶିଡି ଚଢ଼ିବାକୁ ପଡ଼ିବ । ସରକାରୀ ବେସରକାରୀ ସଂସ୍ଥା ମାନଙ୍କରେ ବିଧବା ମହିଳା ମାନଙ୍କୁ ଚାକିରୀ ଅଗ୍ରାଧିକାର ରୂପେ ଦିଆଯାଉ । ତା ସହିତ ଉପଯୁକ୍ତ ଶିକ୍ଷା, ତାଲିମ ଓ କର୍ମ ଦକ୍ଷତା ଉପରେ ଗୁରୁତ୍ୱ ଦିଆଯାଉ । ଯାହା ଦ୍ୱାରା ସେମାନଙ୍କର ଆୟ ବୃଦ୍ଧି ଓ ଜୀବନର ଯାପନ ଶୈଳୀରେ ପରିବର୍ତ୍ତନ ଆସିବ ।

ବିଦ୍ୟାଳୟ ଅଧ୍ୟୟନ କରୁଥିବା ଗରିବ ପିତୃହୀନ ବାଳକ ବାଳିକାମାନଙ୍କୁ ମୋବାଇଲ ବା ଲାପଟପ୍ ପ୍ରଦାନ କରାଯାଉ । ଯାହା ଦ୍ୱାରା ଅନଲାଇନ ଶିକ୍ଷା ଗ୍ରହଣରୁ ସେମାନେ ବଞ୍ଚିତ ହେବେନି । ସରକାରୀ ବେସରକାରୀ ବା ସମାଜର ବାଦାନ୍ୟ ବ୍ୟକ୍ତିମାନେ ସାହାଯ୍ୟର ହାତ ବଢେଇ ଦେଲେ ନିଶ୍ଚିତ ରୂପେ ଦୁଃଖ ଦୈନ୍ୟତା ଓ ଅନ୍ଧକାର ମୟ ଜୀବନରୁ ଏପରି ପିଲାମାନଙ୍କୁ ମୁକ୍ତି ମିଳିବ । ଆଉ ସେମାନେ ଅଧ୍ୟୟନ କରି ନିଜେ ନିଜର ଉଜ୍ଜଳ ଭବିଷ୍ୟତ ଗଢି ପାରିବେ ।

ସାମାଜିକ ସୁରକ୍ଷା ପ୍ରଦାନ କରିବା ଖାଲି ସରକାରଙ୍କର କାମ ନୁହେଁ । ଏହା ମଧ୍ୟ ଆମ ସମସ୍ତିଙ୍କର ନୈତିକ କର୍ତ୍ତବ୍ୟ । ବେସାହାରା ମା, ଝିଅ ଭଉଣୀ ଉପରେ କିଏ ଅସଦ ବ୍ୟବହାର କଲେ ଆମେ ସମସ୍ତେ ମିଶି ତାର ପ୍ରତିରୋଧ କରିବା ଆବଶ୍ୟବ ।

ବେସରକାରୀ ହସପିଟାଲର out door ଗରୀବ ବିଧବା ମାନଙ୍କ ଡ଼ାକ୍ତରୀ ପରାମର୍ଶ ଦେବା ପାଇଁ ନିଶୁଳ୍କ କରାଯାଉ । ସେଥିପାଇଁ ସରକାର ଆଇନ ପ୍ରଣୟନ କରନ୍ତୁ ।

ବିଧବା ମହିଳା ମାନଙ୍କର କୋଟ କଚେରୀ ଆବେଦନକୁ ତୁରନ୍ତ ସମାଧାନ କରାଗଲେ ସେମାନଙ୍କ ଜୀବନରେ ଖୁସି ଆସିବ । ଲାଞ୍ଚ ମାଗିବା, କାମରେ ବିଳମ୍ବ କରିବା ବହୁବାର ଅଫିସ ଦପ୍ତରକୁ ଅନାବଶ୍ୟବ ଭାବେ ଡ଼ାକିବା ଆଦି କୁ କାର୍ଯ୍ୟ ପ୍ରତି ଧ୍ୟାନ ଦିଆଯାଉ ।

ଶିକ୍ଷିତ ମା ଭଉଣୀ ମାନେ ସରକାରୀ ସୁବିଧା ସୁଯୋଗ ବିଷୟରେ ଜନ ସଚେତନତା ଆଣିଲେ ଅସହାୟ ନାରୀମାନେ ଉପକୃତ ହେବେ । କେତେକ ସମାଜସେବୀ ଅନୁଷ୍ଠାନ ଏପରି ମହାନ କାର୍ଯ୍ୟରେ ଯୋଗଦାନ କରୁଛନ୍ତି ।

ଦେଶର ନାଗରିକ ହିସାବରେ ଆମ ସମସ୍ତିଙ୍କର ନୈତିକ କର୍ତ୍ତବ୍ୟ, ଆମ ଦେଶ, ଆମ ସମାଜ ସର୍ବପରି ମାନବ ଜାତିର ଉନ୍ନତି କରିବା । ନାରୀ ଜାତିର ଉନ୍ନତି ଦେଶର ଉନ୍ନତି । ସେଥିପାଇଁ ନେପୋଲିଅନ କହିଥିଲେ । "ମୋତେ ଶିକ୍ଷିତ ମା ଦିଅ । ମୁଁ ତୁମକୁ ବଳିଷ୍ଠ ଓ ସମୃଦ୍ଧଶାଳୀ ରାଷ୍ଟ୍ର ଦେବି।" ପରିଶେଷରେ ଏତିକି ଅନୁରୋଧ ନାରୀ ଜାତିର ବିକାଶରେ ଦେଶର ବିକାଶ ନିହିତ । ଆମେ ସେମାନଙ୍କୁ ସମ୍ମାନ ଦେବା ଓ ସେମାନଙ୍କ ଅସୁବିଧା ଦୂର କରିବା ପାଇଁ ପ୍ରାଣ ପ୍ରଣେ ଉଦ୍ୟମ କରିବା ।

+ ଆଳି, ଲୋକାପଡ଼ା
ମୋ - ୯୩୩୭୪୯୨୩୦୭

ପ୍ରଖର ରାଷ୍ଟ୍ରବାଦୀ ନେତା ଶ୍ୟାମାପ୍ରସାଦ ମୁଖାର୍ଜୀ

ବିଶ୍ୱବିଜୟୀ ଦାଶ

ପ୍ରାତ ସ୍ମରଣୀୟ, ଆଜନ୍ମ ଦେଶଭକ୍ତ, ଅଖଣ୍ଡ ଭାରତର ପୂଜାରୀ, ଭାରତୀୟ ଜନସଂଘର ପ୍ରତିଷ୍ଠାତା ହେଉଛନ୍ତି ଡା. ଶ୍ୟାମାପ୍ରସାଦ ମୁଖାର୍ଜୀ। ସେ ୧୯୦୧ ମସିହା ଜୁଲାଇ ୬ତାରିଖ ରେ କୋଲକାତାରେ ଜନ୍ମଗ୍ରହଣ କରିଥିଲେ।ତାଙ୍କ ପିତା ସୁନାମଧନ୍ୟ ବ୍ୟକ୍ତି ଡ଼. ଆଶୁତୋଷ ମୁଖାର୍ଜୀ ଓ ମାତା ମହିୟସୀ ମହିଳା ଶ୍ରୀମତୀ ଯୋଗମାୟା ଦେବୀ। ତାଙ୍କ ପିତା ଜଣେ ଦକ୍ଷ ଆଇନଜ୍ଞ ଥିଲେ ଓ ପରବର୍ତ୍ତୀ ସମୟରେ ଜଣେ ପ୍ରସିଦ୍ଧ ବିଚାରପତି ଏବଂ କଲିକତା ବିଶ୍ୱବିଦ୍ୟାଳୟ ର କୁଳପତି ଥିଲେ।

ଶ୍ୟାମାପ୍ରସାଦ ମୁଖାର୍ଜୀ ଜଣେ ମେଧାବୀ ଛାତ୍ର ଭାବେ ପରିଚିତ ଥିଲେ। ସେ ଇଂରାଜୀ ରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ସହିତ ଡ଼ିଗ୍ରୀ ହାସଲ କରିଥିଲେ ଏବଂ ବେଙ୍ଗଲୀରେ ଏମ.ଏ କରିଥିଲେ। ଲଣ୍ଡନରେ ଆଇନ୍ ଶିକ୍ଷା ସମାପ୍ତ କରି ସେ ଅଳ୍ପ ଦିନ ପାଇଁ ଓକିଲାତି ପେଶାରେ ଯୋଗ ଦେଇଥିଲେ। ଶିକ୍ଷା କ୍ଷେତ୍ରର ଉଚ୍ଚତର ଉପାଧି ଡ଼ିଲିଟ୍ ଏବଂ ଏଲ ଏଲ.ଡ଼ି ଡ଼ିଗ୍ରୀ ସେ ବନାରସ ବିଶ୍ୱ ବିଦ୍ୟାଳୟରୁ ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ପିତାଙ୍କ ପରି ଶ୍ୟାମାପ୍ରସାଦ ମୁଖାର୍ଜୀ କଲିକତା ବିଶ୍ୱବିଦ୍ୟାଳୟର କୁଳପତି ପଦ ଅଳଙ୍କୃତ କରିଥିଲେ। ଶ୍ୟାମାପ୍ରସାଦ ମୁଖାର୍ଜୀ ପେଶା ଓ ପରିବାର ମଧ୍ୟରେ ଆବଦ୍ଧ ନ ରହି ସମାଜସେବା କାମରେ ରାଜରାସ୍ତାକୁ ଓହ୍ଲାଇ ପଡ଼ିଥିଲେ।

ଜୀବନର ଆଦ୍ୟ କାଳରେ ଡ. ଶ୍ୟାମାପ୍ରସାଦ ଶିକ୍ଷା କ୍ଷେତ୍ରରେ ମନୋନିବେଶ କରିଥିଲେ। କଲିକତା ବିଶ୍ୱବିଦ୍ୟାଳୟରେ ସେ ପ୍ରଥମେ ଫେଲୋ ଭାବେ ଯୋଗ ଦେଇଥିଲେ ଏବଂ ପିତାଙ୍କ ମୃତ୍ୟୁ ପରେ ଏହାର ସିଣ୍ଡକେଟ୍‌ର ସଭ୍ୟ ହୋଇଥିଲେ। ସେ ବିଶ୍ୱବିଦ୍ୟାଳୟର ଆର୍ଟସ ବିଭାଗରେ ଡିନ୍ ଭାବେ ଦାୟିତ୍ୱ ବହନ କରିଥିଲେ ଏବଂ ପରିବର୍ତ୍ତୀ ସମୟରେ ବିଶ୍ୱ ବିଦ୍ୟାଳୟରେ କୁଳପତି ଭାର ତାଙ୍କ ଉପରେ ନ୍ୟସ୍ତ ହୋଇଥିଲା। ଏହି ପଦରେ ସେ ଦୁଇଟି ଟର୍ମ ରହିଥିଲେ ଏବଂ ଏହି ସମୟରେ ଇଣ୍ଟର ୟୁନିଭରିସିଟି ବୋର୍ଡର ଅଧ୍ୟକ୍ଷ ପଦ ଗ୍ରହଣ କରିଥିଲେ। ତାଙ୍କର କୁଳପତି କାର୍ଯ୍ୟକାଳ ସମୟରେ ଉଚ୍ଚ ଶିକ୍ଷାର ବିକାଶ ପାଇଁ ସେ ଅନେକ ନୂତନ ପଦକ୍ଷେପ ନେଇଥିଲେ।

ସେ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମରେ କୃଷି ଡିପ୍ଲୋମା, ଶିକ୍ଷକ ଟ୍ରେନିଂ, ଚାଇନା ଓ ତିବ୍‌ତ ଭାଷାଶିକ୍ଷା, ପୂରାତତ୍ତ୍ୱ ଗବେଷଣା, ହିନ୍ଦୀ ଶିକ୍ଷା, ପ୍ଲବିକ୍ ସର୍ଭିସ ପାଇଁ ଟ୍ରେନିଂ, ମାଟ୍ରିକ ପରୀକ୍ଷା ପାଇଁ ନୂଆ ନିୟମ, କମ୍ପାର୍ଟମେଣ୍ଟାଲ ପରୀକ୍ଷାର ପ୍ରାରମ୍ଭ, ମିଲିଟାରୀ ଶିକ୍ଷା, ଖେଳକୁଦର ବିକାଶ, କେମେଷ୍ଟ୍ରି ବିଭାଗରୁ ବଜାର ଜିନିଷ ପ୍ରସ୍ତୁତି ଆଦିର ପ୍ରଚଳନ ଆରମ୍ଭ କରିଥିଲେ। ତାଙ୍କରି ସମୟରେ ସେଣ୍ଟ୍ରାଲ ଲାଇବ୍ରେରୀ ଓ ଆଶୁତୋଷ ମ୍ୟୁଜିୟମ୍ ପ୍ରତିଷ୍ଠା ହୋଇଥିଲା ଏବଂ ସେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନର ପ୍ରାରମ୍ଭ କରିଥିଲେ। ସେ କବିଗୁରୁ ରବୀନ୍ଦ୍ରନାଥଙ୍କୁ ବିଶ୍ୱବିଦ୍ୟାଳୟକୁ ନିମନ୍ତ୍ରଣ କରିଥିଲେ। ଶିକ୍ଷା କ୍ଷେତ୍ରରେ ସୁନାମ ଅର୍ଜନ କରି ଡ. ଶ୍ୟାମାପ୍ରସାଦ ଭାରତର ବିଭିନ୍ନ ସହରରେ ସମ୍ମାନିତ ହୋଇଥିଲେ। ସେ ବାଙ୍ଗଲୋରର ଇନ୍‌ଷ୍ଟିଚ୍ୟୁଟ୍ ଅଫ ସାଇନ୍‌ସର ସଭ୍ୟ ହୋଇଥିଲେ ଏବଂ ବମ୍ବେ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷଣ ଦେବାର ସମ୍ମାନ ପାଇଥିଲେ।

ଶ୍ୟାମାପ୍ରସାଦ ଦେଶର ରାଜନୈତିକ କାର୍ଯ୍ୟକଳାପ ବିଷୟରେ ମଧ ନଜର ରଖୁଥିଲେ। ସେ ସମୟର ରାଜନୈତିକ ନେତୃବୃନ୍ଦ ଦେଶର ସ୍ୱାର୍ଥରକ୍ଷା ପ୍ରତି ଅବହେଳା କରୁଥିବା, ଦେଶର ବୁନିଆଦି ବିଚାରଧାରାର ଅସମ୍ମାନ କରୁଥିବା ଘଟଣା ତାଙ୍କୁ ଅଥୟ କରୁଥିଲା। ଏହି ପ୍ରରିପ୍ରେକ୍ଷୀରେ ଡ. ଶ୍ୟାମାପ୍ରସାଦ ଶିକ୍ଷା କ୍ଷେତ୍ରରୁ ବିଦାୟ; ନେଇ ରାଜନୀତି କ୍ଷେତ୍ରରେ ପୂର୍ଣ୍ଣ ସମୟ ଦେଇ କାମ କରିବା ଆରମ୍ଭ କରିଥିଲେ।

୧୯୨୯ ମସିହାରେ ଡ. ଶ୍ୟାମାପ୍ରସାଦ ପ୍ରଥମଥର ପାଇଁ ବଙ୍ଗ ପ୍ରଦେଶର ଆସେମ୍ବ୍ଲିର ସଭ୍ୟ ଭାବେ ଯୋଗ ଦେଇଥିଲେ ଏବଂ ସେ ଥର ସେ କଂଗ୍ରେସ ଦଳ ତରଫରୁ ପ୍ରାର୍ଥୀ ହୋଇଥିଲେ। ପରବର୍ତ୍ତୀ ବର୍ଷ ସେ କଂଗ୍ରେସ ଦଳରୁ ଇସ୍ତଫା ଦେଇ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ନିର୍ବାଚିତ ହୋଇଥିଲେ। ଭାରତର ଐତିହ୍ୟ ଓ ସଂସ୍କୃତିକୁ ଅନ୍ତରର ସହ ଭଲ ପାଉଥିବା ଶ୍ୟାମାପ୍ରସାଦ କଂଗ୍ରେସ ଦଳର ନୀତି ଆଦର୍ଶରେ ଆଦୌ ସନ୍ତୁଷ୍ଟ ନଥିଲେ। ସେ ସର୍ବଦା ମୌଳିକ ବିଚାରଧାରାର ସନ୍ଧାନରେ ଥିଲେ ଏବଂ ଅନେକ ବିଚାର ବିମର୍ଷ ପରେ ଦେଶର ସମୁହ ସ୍ୱାର୍ଥରକ୍ଷା ଉଦ୍ଦେଶ୍ୟରେ ହିନ୍ଦୁ ମହାସଭା ଦଳରେ ଯୋଗଦାନ କରିଥିଲେ। ଏହି ଦଳରେ ସକ୍ରିୟ ଭାବେ କାର୍ଯ୍ୟ କରି ପରିଶେଷରେ ଦଳର ସର୍ବଭାରତୀୟ ସଭାପତି ପଦରେ ଅଧିଷ୍ଠିତ ହୋଇଥିଲେ। ପ୍ରାକ୍ ସ୍ୱାଧୀନ କାଳର ରାଜନୀତି କ୍ଷେତ୍ରରେ ମୁସଲିମ୍ ଲିଗ୍ ଦଳର ଦେଶ ସ୍ୱାର୍ଥ ବିରୋଧୀ ଦାବି ଗୁଡିକୁ କଂଗ୍ରେସ ବରଦାସ୍ତ କରି ନେଉଥିବା ବେଳେ ଡ. ଶ୍ୟାମାପ୍ରସାଦଙ୍କ ନେତୃତ୍ୱରେ ହିନ୍ଦୁ ମହାସଭା ଦଳ ଏହାର ତୀବ୍ର ବିରୋଧ କରୁଥିଲା। ହିନ୍ଦୁ ମହାସଭାର ବାର୍ଷିକ ଅଧିବେଶନ ପାଇଁ ସରକାରୀ ଅନୁମତି ନ ମିଳିବାରୁ ଏହାର ପ୍ରତିବାଦ କରି ବିହାରର ଭାଗଲପୁର ଠାରେ ୧୯୪୨ ମସିହାରେ ଡ. ଶ୍ୟାମାପ୍ରସାଦ ପ୍ରଥମ ଥର ପାଇଁ ଜେଲ ବରଣ କରିଥିଲେ।

ଡ. ଶ୍ୟାମାପ୍ରସାଦ ବଙ୍ଗପ୍ରଦେଶର ରାଜନୀତିରେ ଫଜଲୁଲ ହକ୍‌ଙ୍କ କୃଷକ-ପ୍ରଜା ପାର୍ଟି ସହିତ ମିଶି ମିଳିତ ମନ୍ତ୍ରିମଣ୍ଡଳ ଗଠନ କରିଥିଲେ। ଏଥିରେ ସେ ଅର୍ଥମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ। ସେହି ବର୍ଷ ହିନ୍ଦୁ ମୁସଲିମ୍ ଦଙ୍ଗା ସମୟରେ ସରକାରଙ୍କ ଅପାରଗତାକୁ ବିରୋଧ କରି ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ସେ ସମୟରେ ଇଣ୍ଡୋ ବ୍ରିଟିଶ ସେଟଲମେଣ୍ଟ ପାଇଁ ଏକ ଉଦ୍ୟମ ଆରମ୍ଭ ହୋଇଥିଲା ଏବଂ ଏହି ପ୍ରଚେଷ୍ଟାରେ ଆଗୁଆ ଥିବା ମହାତ୍ମା ଗାନ୍ଧୀଙ୍କୁ ଡ. ଶ୍ୟାମାପ୍ରସାଦ ଜେଲ ଭିତରେ ଭେଟିବାକୁ ଯାଇଥିଲେ। ମାତ୍ର ମହାତ୍ମାଗାନ୍ଧୀ ତାଙ୍କୁ ଭେଟିବାକୁ ମନା କରିଦେଇଥିଲେ। ଡ. ଶ୍ୟାମାପ୍ରସାଦ ମହମ୍ମଦ ଜିନ୍ନାଙ୍କୁ ଭେଟି ତାଙ୍କର ଦେଶ ବିଭାଜନ ପରିକଳ୍ପନାରୁ ହଟି ଯିବାପାଇଁ ଅନୁରୋଧ କରି ବିଫଳ ହୋଇଥିଲେ। ଏହି ସମୟରେ ଦେଶରେ ଜନ ଜାଗରଣ ବୃଦ୍ଧି କରିବା ପାଇଁ ସେ ନ୍ୟାସନ୍ୟାଲିଷ୍ଟ୍ ନାମକ ଏକ ଇଂରାଜୀ ଦୈନିକ ସମ୍ବାଦ ପତ୍ର ଆରମ୍ଭ କରିଥିଲେ।

୧୯୪୩ ମସିହାରେ ବେଙ୍ଗଲରେ ଭୟଙ୍କର ଦୁର୍ଭିକ୍ଷ ହୋଇଥିଲା ଏବଂ ୫୦ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥିଲା। ସେ ସମୟରେ ଡ. ଶ୍ୟାମପ୍ରସାଦ ଅକ୍ଳାନ୍ତ ପରିଶ୍ରମ କରି ଲୋକମାନଙ୍କ ସେବାରେ ନିଜକୁ ପୂର୍ଣ୍ଣଭାବେ ନିୟୋଜିତ କରିଥିଲେ। ୧୯୪୬ ମସିହାରେ ଡ. ଶ୍ୟାମାପ୍ରସାଦ ସମ୍ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ସେହି ବର୍ଷ ସୁରାବର୍ଦ୍ଦି ଏବଂ ଜିନ୍ନାଙ୍କ ପ୍ରଚ୍ଛନ୍ନ ସମର୍ଥନରେ କଲିକତାରେ ଏବଂ ନୂଆଖାଲିରେ ଯେଉଁ ଭୀଷଣ ଦଙ୍ଗା ହେଲା ତା'ର ପ୍ରତିକାର ପାଇଁ ସେ 'ହିନ୍ଦୁସ୍ଥାନ ନେସନ୍ୟାଲ ଗାର୍ଡ'ନାମକ ଏକ ଦଳ ଗଠନ କରି ଗାଁ କୁ ଗାଁ ବୁଲି ଲୋକମାନଙ୍କର ଧନ ଜୀବନର ସୁରକ୍ଷାରେ ଲାଗି ପଡିଥିଲେ। ଦେଶ ସ୍ୱାଧୀନ ହେବା ପରେ ମହାତ୍ମା ଗାନ୍ଧୀଙ୍କ ପରାମର୍ଶ କ୍ରମେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ନିମନ୍ତ୍ରଣରେ ସେ କେନ୍ଦ୍ର ସରକାରରେ ମନ୍ତ୍ରୀଭାବେ ଯୋଗ ଦେଇଥିଲେ ଏବଂ ଶିଳ୍ପ ଓ ଯୋଗଣ ବିଭାଗର ଦାୟିତ୍ୱ ବହନ କରିଥିଲେ। ତାଙ୍କରି ସମୟରେ ସ୍ୱାଧୀନ ଭାରତରେ ମିଶ୍ର ଅର୍ଥନୀତି ଆଧାରିତ ଶିଳ୍ପ ନୀତି ପ୍ରସ୍ତୁତ କରାଯାଇଥିଲା। ୧୯୫୦ ମହିହାରେ ପୂର୍ବବଙ୍ଗର ହିନ୍ଦୁ ଅଧିବାସୀଙ୍କ ଉପରେ ଅତ୍ୟାଚାର ହେଉଥିବା ବେଳେ କେନ୍ଦ୍ର ସରକାରଙ୍କ ଉଦାସୀନତାର ପ୍ରତିବାଦରେ ଡ. ଶ୍ୟାମାପ୍ରସାଦ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇ ଦେଲେ ଏବଂ ଭାରତକୁ ପଳାଇ ଆସିଥିବା ଲକ୍ଷ ଲକ୍ଷ ଶରଣାର୍ଥୀଙ୍କ ସେବାରେ ମନୋନିବେଶ କରିଥିଲେ।

ସ୍ୱାଧୀନ ଭାରତର ବିକାଶ ପାଇଁ ହିନ୍ଦୁ ମହାସଭାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଦେଶ ଗଠନ ପାଇଁ ଯଥେଷ୍ଟ ହେଉନଥିବା ଅନୁଭବ କରି ସେ ସବୁ ମତ ପନ୍ଥ ସଂପ୍ରଦାୟର ଲୋକଙ୍କୁ ସାଥୀରେ ନେଇ ଏକ ନୂଆ ରାଜନୈତିକ ଦଳର ନିର୍ମାଣ ପାଇଁ ମନଦେଲେ । ପ୍ରଥମେ କଲିକତାରେ 'ପିପୁଲସ୍ ପାର୍ଟି'ନାମକ ଏକ ପ୍ରାଦେଶିକ ଦଳ ଗଠନ କଲେ। ଇଂରାଜୀ ଭାଷାରେ 'ପିପୁଲ୍' ନାମକ ଏକ ପତ୍ରିକା ପ୍ରକାଶନ କଲେ। ପରବର୍ତ୍ତୀ ସମୟରେ ଏହି ଦଳକୁ ସେ ସର୍ବଭାରତୀୟ ରୂପ ଦେଇଥିଲେ । ଏହି ନୂତନ ଦଳର ଗଠନ ପୂର୍ବରୁ ଡ. ଶ୍ୟାମାପ୍ରସାଦ ଜାତୀୟବାଦୀ ସଂଗଠନ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ତତ୍କାଳୀନ ମୁଖ୍ୟ ମାଧବ ସଦାଶିବ ଗୋଲ୍‌ୱାଲକର (ଗୁରୁଜୀ)ଙ୍କର ପରାମର୍ଶ ଗ୍ରହଣ କରିଥିଲେ। ଡ.ଶ୍ୟାମାପ୍ରସାଦଙ୍କୁ ଶ୍ରୀ ଗୁରୁଜୀଙ୍କ ସମର୍ଥନ ମିଳିଥିଲା ଏବଂ ସଂଘ ତରଫରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ସହିତ ଅନ୍ୟ ପାଞ୍ଚ ଜଣ ଯୁବ ସଂଗଠକ ନୂତନ ଦଳ ଗଠନ ପାଇଁ ମିଳିଥିଲେ।

୧୯୫୧ ମସିହା ଅକ୍ଟୋବର ୨୧ ତାରିଖରେ ଦିଲ୍ଲୀରେ ଅନୁଷ୍ଠିତ ସର୍ବ ଭାରତୀୟ ଅଧିବେଶନରେ 'ଭାରତୀୟ ଜନସଂଘ' ଦଳର ବିଧିବଦ୍ଧ ଘୋଷଣା କରାଯାଇଥିଲା। ସେହି ବର୍ଷ କାନପୁରଠାରେ ଦଳର ପ୍ରଥମ ବାର୍ଷିକ ଅଧିବେଶନ ହୋଇଥିଲା ଏବଂ ଏହାର ପ୍ରଥମ ସଭାପତି ହେଲେ ଡ. ଶ୍ୟାମାପ୍ରସାଦ। ୧୯୫୨ ମସିହାରେ ଅନୁଷ୍ଠିତ ପ୍ରଥମ ସାଧାରଣ ନିର୍ବାଚନରେ ଦଳ ତରଫରୁ ତିନିଜଣ ସାଂସଦ ନିର୍ବାଚିତ ହୋଇଥିଲେ। ସମବିଚାରର ଅନ୍ୟ ଛୋଟ ଛୋଟ ଦଳ ଯଥା ରାମରାଜ୍ୟ ପରିଷଦ, ହିନ୍ଦୁ ମହାସଭା, ଏବଂ ଗଣତନ୍ତ୍ର ପରିଷଦ ଆଦିଙ୍କୁ ଏକତ୍ରିତ କରି ମୋଟ୍ ୩୨ ଜଣ ସାଂସଦଙ୍କୁ ନେଇ 'ସଂଯୁକ୍ତ ବିରୋଧୀ ପକ୍ଷ' ଗଠନ କରାଯାଇଥିଲା ଏବଂ ଏହି ଗୋଷ୍ଠୀର ନେତୃତ୍ୱ ନେଇଥିଲେ ଡ. ଶ୍ୟାମାପ୍ରସାଦ। ଲୋକସଭା ଅଧିବେଶନରେ ନିଜର ସ୍ପଷ୍ଟ ତଥା ଦୃଢ ମତ ପ୍ରକାଶ କରି ଡ. ଶ୍ୟାମାପ୍ରସାଦ ଅଳ୍ପଦିନ ମଧ୍ୟରେ ଜଣେ ସଶକ୍ତ ଜନନାୟକ ଭାବେ ସୁଖ୍ୟାତି ଅର୍ଜନ କରିଥିଲେ। ସେ ବାକ୍ ସ୍ୱାଧୀନତା ଏବଂ ଦେଶର ସୁରକ୍ଷା ବିଷୟରେ ଲୋକସଭା ହଲରେ ଯେଉଁ ଐତିହାସିକ ଭାଷଣ ଦେଇଥିଲେ ତାହା ଏବେ ମଧ ସ୍ମରଣ କରାଯାଇଥାଏ।

ସେ ସମୟରେ କାଶ୍ମୀର ସମସ୍ୟା ଜଟିଳରୁ ଜଟିଳ ତର ହେବାରେ ଲାଗିଥାଏ। ପଣ୍ଡିତ ନେହେରୁଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏହି ସମସ୍ୟା ପ୍ରତି ଉପଯୁକ୍ତ ଧ୍ୟାନ ଦେଉନଥାନ୍ତି ବରଂ କାଶ୍ମୀର ମୁଖ୍ୟମନ୍ତ୍ରୀ ଶେଖ୍ ଅବଦୁଲ୍ଲାଙ୍କ ଦମନ ନୀତିକୁ ସମର୍ଥନ କରୁଥାନ୍ତି।

(ଅବଶିଷ୍ଟାଂଶ ପୃଷ୍ଠା-୭)

କବିତା କୋଣାର୍କ

ସୁନ୍ଦରୀ ନାୟିକା...

ରାହାସ କୁମାର ବେହେରା

ଅଙ୍ଗେ ଅଙ୍ଗେ ଶୋଭା ଚନ୍ଦ୍ରମା
ଜୋଛନା
ରୂପ ତା' ପାନ ପତର
ଅଳପ ବୟସୀ ସପନ ପିଆସୀ
ହୃଦୟେ ମାରିଲୁ ତୀର ।

କନକ ଗୋରୀ ସେ ଅତି ସୁକୁମାରୀ
ହସରୁ ଝରେ ତା' ମହୁ
କଥାରେ କୁହୁକ କୋଇଲିର କଣ୍ଠେ
କେଳି କୁଞ୍ଜେ ଶୁଭେ କୁହୁ ।

ନୟନର ତାରା କରୁ ଦିଗହରା
ମାରିଦେଉ ଫୁଲ ଶର
ପାଷାଣ ହୃଦୟ ନିମିଷେ ତରଳେ
ଅଥୟ ବିରହୀ ନର ।

ଚାରୁ ଚନ୍ଦ୍ରାବଳୀ କି ସୁନ୍ଦର ଚାଲି
ତୋ ପାଇଁ ନିତି ପାଗଳ
ପ୍ରତୀକ୍ଷାର ଅନ୍ତେ ତୋ ରୂପ ଦର୍ଶନେ
ହସେ ମୋ ସୁନା ସକାଳ ।

କୁଞ୍ଚି କୁଞ୍ଚି କେଶ କରେ ପ୍ରଲୋଭିତ
ଚମକ ଆଣେ ଚିତ୍ତରେ
ତୋ ପାଇଁ ଗୋପନେ
ଭାବନା ରାଇଜେ
କବିତା ଲେଖେ ହଜାରେ ।

ସତେକି ମୋ ଭାଗ୍ୟ ସୁନ୍ଦରୀ ନାୟିକା
ହେବୁକି ମୋ ମନ ରାଣୀ
ଭଲପାଉଥିବି ରଖିବି ସାଇତି
ସବୁ ସ୍ମୃତି ତୋର ଗୁଣି ।

+ ବାଲ୍ୟମ୍ବା,ଭାପୁର
ଢେଙ୍କାନାଳ:୭୫୯୦୧୫
ମୋ: ୯୪୩୮୧୧୪୩୬୮

ଛଳନାର ଜଉଘର..

କବିଜ୍ୟୋତି ନିରଞ୍ଜନ ପତି

ଟିଉସନ କରି ଯାଇନାହିଁ ହାରି
ତୁମକୁ ସାହାଯ୍ୟ କରିଥିଲି
ତୁମକଥା ଭାଳି ହୁଏ ମୁଁ ବାଉଳି
ହୃଦେ ସ୍ନେହ, ଶ୍ରଦ୍ଧା ଭରିଥିଲି।

ତୁମପାଇଁ ଧାଇଁ ହୋଇ ଧଇଁ ସଇଁ
ବହିପତ୍ର କିଣି ଦେଇଥିଲି
ଭଲପାଅ ବୋଲି କହୁଥିଲ ଖୋଲି
କେତେ ପ୍ରେମପତ୍ର ପାଇଥିଲି।

ଦିନେ ନିଜଘର କରି ଦେଇ ପର
ତୁମକୁ ନିଜର ଭାବିଥିଲି
ତୁମସାଥେ ସ୍ୱର ଦେଇ କେତେ ଥର
କୁହୁକୁହୁ କରି ରାବିଥିଲି।

କେତେଯାନିଯାତ କେତେମେଳାତୀର୍ଥ
ତୁମସାଥେ ପରା ବୁଲିଥିଲି
ତୁମ ହାତଧରି ହସି କିରିକିରି
ପାଦମିଳାଇ ମୁଁ ଚାଲିଥିଲି।

ନେଇ ମୁଁ ତୁମକୁ ଘରଗଢିବାକୁ
କେତେ ଯେ ସପନ ଦେଖିଥିଲି
ତୁମେହେବ ସାଥୀ ଦିନଯିବବିତି
ଆଖି ରେ ମୋ ରଙ୍ଗ ମାଖିଥିଲି।

ପରକରିବନି ଦୂରେଇ ଯିବନି
ବଞ୍ଚିହେବ ନାହିଁ କହିଥିଲି
ସମୟ ଆସିବ ଆପଣାର ହେବ
ଏଇ କଥା ଭାବିନେଇଥିଲି।

ବେକାରୀଟେବୋଲି ଗଲମୋତେଭୁଲି
ଧନୀକ ସନ୍ତାନ ବିଭାହେଲ
କରିଲ ଛଳନା ହେପ୍ରିୟ ଲଳନା
ବଞ୍ଚି ଥାଉଁ ଥାଉଁ ମାରିଦେଲ।

+ ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ-୯୯୩୮୧୩୩୫୫୯

ଇନ୍ଦ୍ରାବତୀର ଉପକଥା

ଏକଦା କଳାହାଣ୍ଡିକୁ କୁହାଯାଉଥିଲା ଭୋକର ଭୂଗୋଳ। ଏବେ କିନ୍ତୁ ଏହା ରାଜ୍ୟର ଭାତ ହାଣ୍ଡି। ଧାନ ଉତ୍ପାଦନ କ୍ଷେତ୍ରରେ ଦେଶର ପ୍ରମୁଖ ୨୫ଟି ଜିଲ୍ଲା ମଧ୍ୟରେ କଳାହାଣ୍ଡି ସ୍ଥାନିତ । ଏସବୁ ସମ୍ଭବ ହୋଇଛି ଇନ୍ଦ୍ରାବତୀ ବହୁମୁଖୀ ନଦୀ ବନ୍ଧ ଯୋଜନା ଯୋଗୁ । କଳାହାଣ୍ଡିର ସେହି ଜୀବନରେଖା ଇନ୍ଦ୍ରାବତୀ ସମ୍ପର୍କରେ ଜାଣିବା ପାଇଁ ମୋର ଖୁବ୍ ଇଚ୍ଛାହେଉଥିଲା । ସୌଭାଗ୍ୟକ୍ରମେ ମୋତେ ସେହି ଜିଲ୍ଲାରେ କିଛିଦିନ କାମ କରିବା ପାଇଁ ସୁଯୋଗ ମିଳିଥିଲା । ସେହି ସମୟରେ ଇନ୍ଦ୍ରାବତୀକୁ ଜାଣିବା ନିମନ୍ତେ ପ୍ରଥମେ ପହଞ୍ଚିଥିଲି ଏହାର ଏନ୍ତୁଡିଶାଳରେ । ଇନ୍ଦ୍ରାବତୀ ପୂଣ୍ୟତୋୟାଗୋଦାବରୀର ମୁଖ୍ୟ ଉପନଦୀ । ଏହାର ଉତ୍ପତ୍ତି ସ୍ଥଳ କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ମାର୍ଡିଗୁଡା ଗାଁ ।

ଦିଲ୍ଲୀପ କୁମାର ସାହୁ

ଏକଦା କଳାହାଣ୍ଡିକୁ କୁହାଯାଉଥିଲା ଭୋକର ଭୂଗୋଳ। ଏବେ କିନ୍ତୁ ଏହା ରାଜ୍ୟର ଭାତ ହାଣ୍ଡି। ଧାନ ଉତ୍ପାଦନ କ୍ଷେତ୍ରରେ ଦେଶର ପ୍ରମୁଖ ୨୫ଟି ଜିଲ୍ଲା ମଧ୍ୟରେ କଳାହାଣ୍ଡି ସ୍ଥାନିତ । ଏସବୁ ସମ୍ଭବ ହୋଇଛି ଇନ୍ଦ୍ରାବତୀ ବହୁମୁଖୀ ନଦୀ ବନ୍ଧ ଯୋଜନା ଯୋଗୁ । କଳାହାଣ୍ଡିର ସେହି ଜୀବନରେଖା ଇନ୍ଦ୍ରାବତୀ ସମ୍ପର୍କରେ ଜାଣିବା ପାଇଁ ମୋର ଖୁବ୍ ଇଚ୍ଛା ହେଉଥିଲା । ସୌଭାଗ୍ୟକ୍ରମେ ମୋତେ ସେହି ଜିଲ୍ଲାରେ କିଛିଦିନ କାମ କରିବା ପାଇଁ ସୁଯୋଗ ମିଳିଥିଲା । ସେହି ସମୟରେ ଇନ୍ଦ୍ରାବତୀକୁ ଜାଣିବା ନିମନ୍ତେ ପ୍ରଥମେ ପହଞ୍ଚିଥିଲି ଏହାର ଏନ୍ତୁଡିଶାଳରେ । ଇନ୍ଦ୍ରାବତୀ ପୂଣ୍ୟତୋୟା ଗୋଦାବରୀର ମୁଖ୍ୟ ଉପନଦୀ । ଏହାର ଉତ୍ପତ୍ତି ସ୍ଥଳ କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ମାର୍ଡିଗୁଡା ଗାଁ । ଗାଁଟିର ଦୂରତା କଳାହାଣ୍ଡି ଜିଲ୍ଲାର ମୁଖ୍ୟାଳୟ ଭବାନୀପାଟଣା ଠାରୁ ୬୫ କିଲୋମିଟର। ଏହି ଗାଁ ଟି ଭବାନୀପାଟଣା - ଥୁଆମୂଳ ରାମପୁର ରାଜ୍ୟ ରାଜପଥର ପାର୍ଶ୍ୱରେ ଅବସ୍ଥିତ । ତେଣୁ ଇନ୍ଦ୍ରାବତୀର ଉତ୍ପତ୍ତି ସ୍ଥଳ ମାର୍ଡିଗୁଡା ଗାଁରେ ପହଞ୍ଚିବା ଅତି ସହଜ । ରାଜ୍ୟରେ ପ୍ରବାହିତ ଅଧିକାଂଶ ନଦୀର ଉତ୍ପତ୍ତି ସ୍ଥଳ ଘନ ଜଙ୍ଗଲ ଭିତରେ ବା ପାହାଡ ପର୍ବତର ଶିଖର ଦେଶରେ ଅବସ୍ଥିତ । ଦୁର୍ଗମ ଅଞ୍ଚଳ ହୋଇ ଥିବାରୁ ସେଠାରେ ପହଞ୍ଚିବା ସମ୍ଭବ ହୁଏନାହିଁ।



ସେହି ଦୃଷ୍ଟିରୁ ଇନ୍ଦ୍ରାବତୀର ଏନ୍ତୁଡିଶାଳରେ ପହଞ୍ଚିବା ଖୁବ୍ ସହଜ । ତେଣୁ ମାର୍ଡିଗୁଡା ଭଳି ଏକ ଅଖ୍ୟାତ ପଲ୍ଲୀ ଏବେ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଲାଭ କରିପାରିଛି ।

ମାର୍ଡିଗୁଡା ଗୋଟିଏ ଛୋଟ ଆଦିବାସୀ ଗାଁ। ଗାଁ ମୁଣ୍ଡରେ ଥିବା ପୁରୁଣା ଆମ୍ବ ଗଛ ମୂଳରୁ ତିନିଗୋଟି ଧାରହୋଇ ସୃଷ୍ଟି ହୋଇଛି ଇନ୍ଦ୍ରାବତୀ। ସ୍ଥାନୀୟ ଲୋକେ ଏହି ଧାର ତିନୋଟିକୁ ଗଙ୍ଗା, ଯମୁନା ଓ ସରସ୍ୱତୀ ଭାବରେ ନାମିତ କରିଛନ୍ତି । ଏହି ଛୋଟଛୋଟ ଧାର ତିନୋଟି ଯେ ଇନ୍ଦ୍ରାବତୀ ପରି ବିରାଟ ନଦୀର ରୂପ ନେଇଛି ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ମାର୍ଡିଗୁଡାରୁ ଇନ୍ଦ୍ରାବତୀ , ଓଡ଼ିଶାର କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ଦେଇ ପ୍ରବେଶ କରିଛି ଛତିଶଗଡ଼ରେ । ଛତିଶଗଡ଼ର ବସ୍ତର ଜିଲ୍ଲା ମଧ୍ୟରେ ପ୍ରବାହିତ ହୋଇ ନଦୀଟି ଛତିଶଗଡ଼, ତେଲେଙ୍ଗାନା ଓ ମହାରାଷ୍ଟ୍ର ସୀମାକୁ ଲାଗିଥିବା ଚିତ୍ରକୁଟଠାରେ ଗୋଦାବରୀ ନଦୀରେ ଲୀନ ହୋଇଯାଇଛି । ସେଠାରେ ଇନ୍ଦ୍ରାବତୀ ଏକ ଜଳ ପ୍ରପାତର ରୂପ ନେଇଛି । ନଦୀ ଦୁଇଟିର ସେହି ସଙ୍ଗମ ସ୍ଥଳର ଦୃଶ୍ୟ ଅତୀବ ମନୋରମ । ସେଦିନ ମର୍ଡିଗୁଡାରୁ ଫେରି ଆସିଥିଲି ଓ ଆଉ ଦିନେ ଇନ୍ଦ୍ରାବତୀ ଉପରେ ନିର୍ମିତ ଜଳଭଣ୍ଡାର ଦେଖିବାପାଇଁ ସ୍ଥିର କଲି । ୧୯୭୦ରୁ ୧୯୯୦ ଯାଏ କଳାହାଣ୍ଡି ଜିଲ୍ଲାରେ ସ୍ୱଳ୍ପ ବୃଷ୍ଟି ଯୋଗୁ ଚାଷବାସ ଭଲ ହେଉନଥିଲା । ତେଣୁ ଖାଦ୍ୟାଭାବ ଥିଲା ଜିଲ୍ଲାର ବଡ ସମସ୍ୟା । ଲୋକମାନେ କାମ ଖୋଜିଖୋଜି ଦାଦନ ଯାଉଥିଲେ । ଭୋକ ବିକଳରେ ନିଜର ଜନ୍ମକଲା ପିଲାକୁ ମଧ୍ୟ ବିକ୍ରି କରିବାକୁ ବାଧ୍ୟ ହେଉଥିଲେ । ସେତେବେଳେ ଜାତୀୟ ଗଣମାଧ୍ୟମରେ କଳାହାଣ୍ଡିର ବେଶ୍ ଚର୍ଚ୍ଚା ହେଉଥିଲା । ଇନ୍ଦ୍ରାବତୀ ବ୍ୟତୀତ କଳାହାଣ୍ଡି ଜିଲ୍ଲାରେ ପ୍ରବାହିତ ହେଉଛି ତେଲ, ରେତ୍, ଉଦନ୍ତୀ, ଉତେଇ, ହାତୀ ଏମିତି ଅନେକ ଗୁଡିଏ ନଦୀ । ଜିଲ୍ଲାରେ ଜଳସମ୍ପଦର ଅଭାବ ନାହିଁ । କିନ୍ତୁ ତାହା ଜଳସେଚନ ପାଇଁ ଉପଯୋଗୀ ହୋଇପାରୁନଥିବାରୁ ଜିଲ୍ଲାରେ ଚାଷବାସ ଖୁବ୍ ପ୍ରଭାବିତ ହେଉଥିଲା । ଏହାକୁ ଆଖି ଆଗରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ୧୯୭୮ ମସିହାରେ ଇନ୍ଦ୍ରାବତୀ ବହୁମୁଖୀ ନଦୀବନ୍ଧ ଯୋଜନାର ପରିକଳ୍ପନା କରାଗଲା । ୧୯୯୮ମସିହାରେ ଏହି ପ୍ରକଳ୍ପ ଶେଷହେଲା ଓ ଇନ୍ଦ୍ରାବତୀର ପାଣି ଜଳସେଚନ ପାଇଁ ଉପଯୋଗୀ ହୋଇପାରିଲା । ଇନ୍ଦ୍ରାବତୀ ଓ ଏହାର ଉପନଦୀ ଗୁଡିକ ଉପରେ ଚାରିଗୋଟି ବନ୍ଧ ନିର୍ମାଣ କରାଯାଇଛି ଓ ଦୁଇଗୋଟି ଚ୍ୟାନେଲ ଦ୍ୱାରା ସବୁ ପାଣିକୁ ଏକାଠି କରାଯାଇ ଥୁଆମୂଳ ରାମପୁରର ମହୁଲ ପାଟଣାଠାରେ ଏକ ଜଳଭଣ୍ଡାର ସୃଷ୍ଟି କରାଯାଇଛି । ଜଳଭଣ୍ଡାରଟିର ଜଳଧାରଣ କ୍ଷମତା ୧୪୩୫.୫ ମିଲିୟନ କ୍ୟୁବିକ୍ ମିଟର । ଚାରିପାଖରେ ଆକାଶ ଛୁଆଁ ପହାଡ ଓ ତାହାରି ମଝିରେ ଏହି ଜଳଭଣ୍ଡାରଟିର ଦୃଶ୍ୟ ଅତୀବ ମନୋରମ । ତେଣୁ ଶୀତଦିନେ ଏଠାରେ ପର୍ଯ୍ୟଟକଙ୍କ ଭିଡଜମେ । ଲୋକମାନେ ଏହି ଜଳଭଣ୍ଡାର କୂଳରେ ବଣଭୋଜି କରି ବେଶ୍

ଆନନ୍ଦ ଉପଭୋଗ କରିଥାନ୍ତି । ଏଠାକୁ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ କଳାହାଣ୍ଡି ଜିଲ୍ଲା ଉତ୍ସବ ଘୁମୁରାର ଆୟୋଜନ ସମୟରେ ଏଠାରେ ସ୍ଥାନୀୟ ଯୁବକ ମାନଙ୍କ ମଧ୍ୟରେ ନୌଚାଳନା ପ୍ରତିଯୋଗିତାର ସୁନ୍ଦର ଆୟୋଜନ କରାଯାଏ । କଳାହାଣ୍ଡି ଜିଲ୍ଲା ବାସୀଙ୍କ ସହିତ ଜିଲ୍ଲା ବାହାରୁ ମଧ୍ୟ ଅନେକ ଲୋକ ଏହି ପ୍ରତିଯୋଗିତା ଦେଖିବାକୁ ଆସନ୍ତି । ସେଦିନ ଏଠାରେ ଏକ ଛୋଟ ମେଳା ବସେ। ମହୁଲ ପାଟଣାର ଦୂରତା ଭବାନୀପାଟଣା ଠାରୁ ପ୍ରାୟ ଶହକୋଡିଏ କିଲୋମିଟର ।

ମହୁଲପାଟଣା ଯିବାପାଇଁ ଆମେ ସକାଳୁ ସକାଳୁ ଭବାନୀପାଟଣାରୁ ବାହାରି ପଡିଲୁ । ଛବିଶ ନମ୍ବର ଜାତୀୟ ରାଜପଥରେ ପ୍ରାୟ ଷାଠିଏ କିଲୋମିଟର ରାସ୍ତା ଅତିକ୍ରମ କଲାପରେ ପଡିଲା ମୋଟେର ଛକ । ସେହିଠରୁ ଚାଳିଶି କଲୋମିଟର ଦକ୍ଷିଣକୁ ଯିବାପରେ ପଡିଲା ମୂଖିଗୁଡା ବଜାର। ସେହିଠାରୁ ଅଙ୍କାବଙ୍କା ଘାଟିରାସ୍ତା ଲମ୍ବିଯାଇଛି ମହୁଲପାଟଣା ଅଭିମୁଖେ । ସତର, ଅଠର କିଲୋମିଟର ଏହି ଘାଟିରାସ୍ତା ରେ ଯାତ୍ରା ଯେତିକି ରୋମାଞ୍ଚକର ସେତିକି ଉପଭୋଗ୍ୟ । ମହୁଲପାଟଣାରେ ପହଞ୍ଚି ସ୍ଥାନର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କଲୁ ଓ ସେହିଠାରେ ଥିବା ଛୋଟ ବଜାରରେ କିଛି ଜଳଖିଆ ଖାଇ ଫେରିଲୁ ମୂଖିଗୁଡା । ମହୁଲପାଟଣା ଜଳଭଣ୍ଡାର, ପାହାଡ ଉପରେ ରହିଥିବାରୁ ସେଠାରୁ ଜଳ ଶ୍ରୋତକୁ ନିମ୍ନଗାମୀ କରିବା ସହଜ ହୋଇପାରୁଛି । ସେଥିପାଇଁ ମହୁଲପାଟଣାଠାରୁ ପାହାଡର ପାଦଦେଶରେ ଥିବା ମୂଖୀଗୁଡା ଗାଁ ଯାଏ ସିଧାସଳଖ ୪.୩୨ କିଲୋମିଟରର ଚାରିଗୋଟି ଟନେଲ୍ ନିର୍ମାଣ କରାଯାଇଛି । ଏହି ଟନେଲ୍ ଗୁଡିକର ବ୍ୟାସ ସାତ ମିଟର । ବିଦ୍ୟୁତ ଉତ୍ପାଦନ ପାଇଁ ଟନେଲ୍ ଗୁଡିକ ଭିତରେ ଟର୍ବାଇନ୍ ବସାଯାଇଛି । ଜଳଭଣ୍ଡାରରୁ ଜଳଶ୍ରୋତ ଟନେଲ୍ ମଧ୍ୟରେ ପ୍ରବାହିତ ହେବା ଦ୍ୱାରା ଟର୍ବାଇନ୍ ଗୁଡିକ ଘୁରିଘୁରି ବିଦ୍ୟୁତ ଶକ୍ତି ଉତ୍ପାଦନ କରିଥାନ୍ତି । ଏଠାରେ ଥିବା ଚାରିଗୋଟି ଟର୍ବାଇନ୍‌ରୁ ୧୫୦ ମେଗାୱାଟ କରି ୬୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହୋଇଥାଏ ଯାହାକି ଅନ୍ୟାନ୍ୟ ଜଳବିଦ୍ୟୁତ୍ ପ୍ରକଳ୍ପ ଠାରୁ ଯଥେଷ୍ଟ ଅଧିକ ।

ଏଠାରେ ଥିବା ଟନେଲ ଗୁଡିକର ଦୃଶ୍ୟ ଦୂରକୁ ଖୁବ୍ ସୁନ୍ଦର ଦେଖାଯାଏ । ସହି ବାଟଦେଇ ଯାଉଥିବା ଲୋକମାନେ କିଛି ସମୟ ଅଟକି ଟନେଲ୍ ଗୁଡିକର ଶୋଭା ନିରୀକ୍ଷଣ କରିଥାନ୍ତି । ଆମେ ମଧ୍ୟ କିଛି ସମୟ ଅଟକିଲୁ , ସ୍ଥାନର ସୌନ୍ଦର୍ଯ୍ୟ ଉପଭୋଗ କଲୁ ଓ ପ୍ରକଳ୍ପର ଜଣେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରକଳ୍ପ ବିଷୟରେ କିଛି ତଥ୍ୟ ସଂଗ୍ରହ କଲୁ । ଏଠାରେ ଟନେଲ୍ ଗୁଡିକରୁ ନୀର୍ଗତ ଜଳକୁ ଏକ କେନାଲ ମାଧ୍ୟମରେ ସେଠାରୁ ବାର କିଲୋମିଟର ଦୂରରେ ପ୍ରବାହିତ ହେଉଥିବା ହାତୀ ନଦୀରେ ଛଡାଯାଇଥାଏ ।

ହାତୀ ନଦୀ, ତେଲନଦୀର ଉପନଦୀ । ତେଲନଦୀ, ମହାନଦୀର ଉପନଦୀ । ତେଣୁ ଏବେ ଇନ୍ଦ୍ରାବତୀର ବଳକା ପାଣି ମହାନଦୀ ରେ ପହଞ୍ଚି ପାରୁଛି । ଜଳସେଚନର ସୁବିଧା ପାଇଁ ହାତୀନଦୀରେ ମଙ୍ଗଳପୁର ନାମକ ସ୍ଥାନରେ ୧୧୭ ମିଟର ଲମ୍ବ ଓ ୧୨ମିଟର ଉଚ୍ଚର ଏକ ବ୍ୟାରେଜ୍ ନିର୍ମାଣ କରାଯାଇଛି ।

ବ୍ୟାରେଜ୍‌ର ଉଭୟ ପାର୍ଶ୍ୱରେ ଖନନ କରାଯାଇଛି ଦୁଇଗୋଟି କେନାଲ । ବାମ ପାର୍ଶ୍ୱର କେନାଲର ଦୈର୍ଘ୍ୟ ବାଉନ କିଲୋମିଟର ହୋଇଥିବା ବେଳେ ଦକ୍ଷିଣ ପାର୍ଶ୍ୱ କେନାଲର ଦୈର୍ଘ୍ୟ ସତୁରି କିଲୋମିଟର । ଏହି ଦୁଇ କେନାଲରୁ ଅନେକ ଗୁଡିଏ ଶାଖା ପ୍ରଶାଖା ବାହାରି ପ୍ରାୟ ଏକଲକ୍ଷ ଦଶହଜାର ହେକ୍ଟର ଜମିକୁ ଜଳସେଚିତ କରାଯାଇପାରୁଛି । ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ଯୋଗୁ କଳାହାଣ୍ଡି ଜିଲ୍ଲାର ଜୁନାଗଡ, ଧର୍ମଗଡ, କଳମପୁର ଓ ଜୟପାଟଣା ବ୍ଲକର ଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆଯାଇପାରୁଛି । ଦିନେ ମରୁଡିର କରାଳ ଦାଉରେ ଉତ୍ପିଡୀତ ହେଉଥିବା କଳାହାଣ୍ଡି ଜିଲ୍ଲା କଳମପୁର, ଜୟପାଟଣା, ଧର୍ମଗଡ ଓ ଜୁନାଗଡ ବ୍ଲକର ଚାଷୀମାନଙ୍କର ଏବେ ବେଶ୍ ସାମାଜିକ ଓ ଅର୍ଥନୈତିକ ବିକାଶ ସମ୍ଭବ ହୋଇପାରିଛି ଏହି ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ହେବାଦ୍ୱାରା ।

କଳାହାଣ୍ଡିର ଅନେକ ଚାଷୀ ଏବେ ଯାନ୍ତ୍ରିକ କୃଷି ଉପରେ ବେଶି ଗୁରୁତ୍ୱ ଦେଉଛନ୍ତି। ତଳି ପକା, ତଳି ରୁଆ, ବଛା ବେଉଷୁଣ , ଶେଷରେ ଧାନ ଅମଳ ସବୁ କାର୍ଯ୍ୟ ଯନ୍ତ୍ରରେ କରୁଛନ୍ତି । ଯାନ୍ତ୍ରିକ କୃଷି ଯୋଗୁ ଚାଷୀ ମାନେ କୃଷି ଶ୍ରମିକ ସମସ୍ୟା ର ସମ୍ମୁଖୀନ ହେଉ ନାହାଁନ୍ତି ଓ ସେମାନଙ୍କର ଆୟ ମଧ୍ୟ ବୃଦ୍ଧି ପାଉଛି । ବାଟରେ ଆସିବା ବେଳେ ଦେଖିଲୁ କମ୍ବାଇଣ୍ଡ ହାର୍ଭେଷ୍ଟରରେ ଧାନ ଅମଳ ଚାଲିଥାଏ । ତାହା ମଧ୍ୟ ମନରେ ଦେଇଥିଲା ନୂଆ ଅଭିଜ୍ଞତା ।

ଏ ଅଞ୍ଚଳର ଚାଷୀମାନେ ଯେ କେବଳ ଧାନ ଚାଷ କରୁଛନ୍ତି ତା ନୁହେଁ ସେମାନେ ବିଭିନ୍ନ ପ୍ରକାର ପନିପରିବା ମଧ୍ୟ ଚାଷ କରୁଛନ୍ତି। ଏହାତାଙ୍କୁ ଧାନଠାରୁ ଢେର୍ ଅଧିକ ଲାଭ ଦେଉଛି । ଏ ସବୁ ଦିଗକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଅନୁମେୟଯେ ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ଯୋଗୁ ବଦଳିଯାଇଛି କଳାହାଣ୍ଡିର ଚାଷୀ ମାନଙ୍କ ଜୀବନ ଶୈଳୀ ଯାହା ସେମାନଙ୍କ ଘରଦ୍ୱାର ଓ ଗାଁ ଗଣ୍ଡାକୁ ଦେଖିଲେ ସ୍ପଷ୍ଟ ବାରି ହେଉଥିଲା । ଇନ୍ଦ୍ରାବତୀର ଏନ୍ତୁଡିଶାଳରୁ ମହୁଲପାଟଣା ଜଳଭଣ୍ଡାର ଯାଏ ଦେଖିବାର ସୁଯୋଗ ପାଇଥିବାରୁ ମୋତେ ଖୁବ୍ ଖୁସି ଲାଗୁଥିଲା। ଆପଣ ଯଦି ସୁଯୋଗ ପାଆନ୍ତି ଥରେ ଆସନ୍ତୁ ଭବାନୀପାଟଣା ଓ ମନଭରି ଉପଭୋଗ କରନ୍ତୁ ଇନ୍ଦ୍ରାବତୀର ଉତ୍ପତ୍ତି ସ୍ଥଳର ମନୋରମ ଦୃଶ୍ୟ ଓ ମହୁଲପାଟଣା ଜଳଭଣ୍ଡାରର ଚିତାକର୍ଷକ ସୌନ୍ଦର୍ଯ୍ୟ ।



+ମୋ-୯୮୬୧୧୨୬୧୯୭

ଫ୍ଲାଟରେ ବାସ୍ତୁଶାସ୍ତ୍ର

ଆଜିକାଲି ଅଧିକାଂଶ ଲୋକ ଜମି କିଣି ଘର କରିବା ଅପେକ୍ଷା ଫ୍ଲାଟ ଘର କିଣିବାକୁ ଅଧିକ ଉଚିତ ମଣୁଛନ୍ତି । ତେବେ ଏଇ ଫ୍ଲାଟ ଘର ମନୋନୀତ କରିବା ପୂର୍ବରୁ ସେ ବାବଦରେ ଅଳ୍ପବହୁତେ ବାସ୍ତୁଶାସ୍ତ୍ର ଜ୍ଞାନ ଥିବା ଆବଶ୍ୟତ । ବହୁ ମହଲା ବିଶିଷ୍ଟ ଫ୍ଲାଟ କିଣିବା ପୂର୍ବରୁ ପ୍ରଥମେ ଦେଖିନିଅନ୍ତୁ ଜମିଟି ଯେପରି ଆୟତାକାର କ୍ଷେତ୍ର ହୋଇଥିବ । ସେହିପରି ଆପାଟମେଣ୍ଟର ଉତ୍ତର ଓ ପୂର୍ବ ଦିଗ ଯେପରି ଖୋଲା ରହିଥିବ । ଆପାର୍ଟମେଣ୍ଟ ସଂଲଗ୍ନ ଯେପରି ଚିକିତ୍ସାଳୟ ଶ୍ମଶାନ କଂସେଇଖାନା ଇତ୍ୟାଦି ନଥିବା ଖୁବ୍ ଭଲ ପ୍ରଭାବ ପକାଇଥାଏ । ଏସବୁ ଦିଗ ପ୍ରତି ଭଲଭାବେ ସଚେତନ ରହିବା ଜରୁରୀ । ଫ୍ଲାଟ କିଣିବା ପୂର୍ବରୁ ଏହାର ଜଳସ୍ରୋତ ସଂକ୍ରାନ୍ତରେ ଭଲଭାବେ ପଚାରି ବୁଝିନିଅନ୍ତୁ । ଉତ୍ତର, ପୂର୍ବ ଅବା ଐଶାନ୍ୟ କୋଣରେ ପାଣିଟାଙ୍କି ରହିବା ଭଲ । ଅନ୍ୟ ଦିଗରେ ଜଳସ୍ରୋତ ନକାରାତ୍ମକ ପ୍ରଭାବ ପକାଉଥିବାର ବାସ୍ତୁବିତଙ୍କ ମତ । ଅଧିକାଂଶ ଲୋକ ବହୁମହଲା ବିଶିଷ୍ଟ ଆପାର୍ଟମେଣ୍ଟରେ ତଳ ମହଲାରେ ରହିବାକୁ ଉଚିତ ମଣନ୍ତି । ବାସ୍ତୁ ଅନୁସାରେ କିନ୍ତୁ ସବୁଠୁ ଅଧିକ ନକରାତ୍ମକ ଶକ୍ତି ତଳମହଲାର ବ୍ୟକ୍ତିଙ୍କ ଉପରେ ପଡ଼େ । ଫ୍ଲାଟର ବାଲକୋନୀ ଉତ୍ତର, ଐଶାନ୍ୟ ଅବା ପୂର୍ବ ଦିଗରେ ଥିଲେ ଏହା ଉତ୍ତମ ପ୍ରଭାବ ପକାଇଥାଏ ।

ଚକ୍କି ସବ୍‌ଜି

ଆମେ ଏଥର ରାଜସ୍ଥାନର ଏକ ପାରମ୍ପରିକ ଖାଦ୍ୟ ବିଷୟରେ ଉଲ୍ଲେକ କରିଛୁ । ଆଶା କରୁଛୁ ପାଠକମାନଙ୍କୁ ଏହାର ରେସିପି ନିଶ୍ଚିତ ଭାବ ପସନ୍ଦ ଆସିବ । ଏହାକୁ ରାଜସ୍ଥାନୀ ଚକ୍କି କି ସବ୍‌ଜି ବୋଲି କୁହାଯାଏ । ଏହା କୌଣସି ପନିପରିବା ନୁହେଁ, ବରଂ ଅଟାରେ ପ୍ରସ୍ତୁତ ହୋଇଥାଏ । ରାଜସ୍ଥାନର ଗ୍ରାମାଞ୍ଚଳର ଲୋକମାନେ ଏହାକୁ ବିଶେଷ ଭାବେ ପ୍ରସ୍ତୁତ କରିଥାଆନ୍ତି । ପୂଜା ପର୍ବ ଅବସରରେ ଅଧିକାଂଶ ରାଜସ୍ଥାନୀ ପରିବାରରେ ପ୍ରସ୍ତୁତ ହୋଇଥାଏ ଏହି ତରକାରୀ । ଏହାର ସ୍ୱାଦ ମଧ୍ୟ ବେଶ୍ ବଢ଼ିଆ । ତା’ ହେଲେ ଆସନ୍ତୁ ଜାଣିବା କିଭଳି ଭାବେ ପ୍ରସ୍ତୁତ ହୋଇଥାଏ ଚକ୍କି କି ସବ୍‌ଜି ।

ପ୍ରସ୍ତୁତି :

ଚକ୍କି କି ସବ୍‌ଜି ତିଆରି କରିବା ପାଇଁ ମୁଖ୍ୟ ଉପାଦାନ ଅଟା । ଏହାକୁ ସ୍ୱାଦିଷ୍ଟ କରିବା ପାଇଁ ଏଥିରେ ଆଉ କିଛି ଉପାଦାନ ମିଶିଥାଏ । ଯାହା ତରକାରୀର ସ୍ୱାଦକୁ ବଢ଼ାଇଥାଏ । ଏଥର ଆସନ୍ତୁ ଜାଣିବା କେଉଁ ଉପାଦାନ କେତେ ପରିମାଣରେ ନେବାକୁ ହେବ । ଚକ୍କି ସବ୍‌ଜି ତିଆରି କରିବାକୁ ଚାହୁଁଥିଲେ ଆପଣମାନେ ଏହି ଭାଗମାପ ଉପରେ ନଜର ପକାନ୍ତୁ । ଅଟା ୪ କପ୍, ତେଲ ୩ ରୁ ୪ ବଡ଼ ଚାମଚ, ଜୀରା ୧/୪ ଛୋଟ ଚାମଚ, ଡାଲଚିନି ୧ ଇଞ୍ଚ, ଗୋଲମରିଚ ୭/୮ଟା, ଲବଙ୍ଗ ୩ଟି, ବଡ଼ ଅଳେଇଚ ୧ଟି, ହେଙ୍ଗୁ ଚିମୁଟାଏ, ଟମାଟୋ ୨ଟା, କଞ୍ଚାଲଙ୍କା ୨ଟା (ଚୁନା କରିଦେବେ), ଅଦା ଅଧଇଞ୍ଚ, ହଳଦୀ ଗୁଣ୍ଡ ଅଧ ଛୋଟ ଚାମଚ, ଧନିଆ ଗୁଣ୍ଡ ୧ ଛୋଟ ଚାମଚ, କାଶ୍ମିରୀ ଲଙ୍କାଗୁଣ୍ଡ ୧ ଛୋଟ ଚାମଚ, କସୁରି ମେଥି ୧ ବଡ଼ ଚାମଚ, ଦହି ଚଉଠେ କପ୍, ମଲେଇ ବା କ୍ରିମ୍ ଚଉଠେ ଚାମଚ, ଲୁଣ ସ୍ୱାଦ ଅନୁସାରେ, ଗରମ ମସଲା ଚଉଠେ ଚାମଚ, ଧନିଆ ପତ୍ର ୨ ବଡ଼ ଚାମଚ, ଚିନି ଅଧା ଚାମଚ, ବେକିଂ ସୋଡ଼ା ଚଉଠେ ଚାମଚ, ଧଳାରାଶି ଚଉଠେ ଚାମଚ, ଘିଅ ୧ ଛୋଟ ଚାମଚ । ଅଟାର ଚକ୍କି ତିଆରି କରିବା ପାଇଁ ପ୍ରଥମେ ଯେ କୌଣସି ବଡ଼ ପାତ୍ରରେ ୪ କପ୍ ଅଟା ନିଅନ୍ତୁ । ଏହାପରେ ସେଥିରେ ଆବଶ୍ୟକ ଅନୁସାରେ ପାଣି ଦେଇ ଅଟାକୁ ଭଲ କରି ଚକଟି ରଖନ୍ତୁ । ଅଧିକ ପାଣିଆ ଯେମିତି ନହୁଏ ଖିଆଲ ରଖିବେ । ଅଧଘଣ୍ଟା ପରେ ଆଉ ଏକ ବଡ଼ ପାତ୍ରରେ ଚକଟା ହୋଇଥିବା ଅଟା ରଖି ତାକୁ ୪ରୁ ୫ ଥର ଧୋଇଦିଅନ୍ତୁ । ଏହାପରେ ସେହି ଅଟା ଉପରେ ୧୦ ମିନିଟ୍ ପର୍ଯ୍ୟନ୍ତ କୌଣସି ଓଜନିଆ ଜିନିଷ ଚାପି ରଖନ୍ତୁ । ଏପରି କରିବା ଦ୍ୱାରା ଅଟାରୁ ସବୁତକ ପାଣି ବାହାରିଯିବ । ଏଥର ସେହି ଅଟାକୁ ୪ରୁ ୫ ପିସ୍ କାଟି ଦିଅନ୍ତୁ । ଏହାପରେ ଗ୍ୟାସ୍ ଅନ୍ କରି ଏକ ପାତ୍ରରେ ପାଣି ଗରମ କରନ୍ତୁ । ପାଣି ଫୁଟି ଆସିଲେ କଟା ହୋଇଥିବା ଅଟା ଦଳାକୁ ତା’ ମଧ୍ୟରେ ପକାନ୍ତୁ । ୨୦ ମିନିଟ ମଧ୍ୟମ ଆଞ୍ଚରେ ଫୁଟିଲା ପରେ ଦେଖିବେ ଅଟା ପିସ୍‌ଗୁଡ଼ିକୁ ଫୁଲିଯାଇଥିବ । ଏଥର ସେହି ପିସ୍‌ଗୁଡ଼ିକୁ ପାଣିରୁ ଛାଣି ଅଲଗା ରଖିବାକୁ ହେବ । ସେହି ପିସ୍‌କୁ ଆହୁରି ଛୋଟ ଛୋଟ କରି କାଟି ଦିଅନ୍ତୁ । ଏହାପରେ କରେଇରେ ତେଲ ଗରମ କରି ଏହି ପିସ୍‌ଗୁଡ଼ିକ ସୁନେଲି ରଙ୍ଗର ହେବାଯାଏ ଭାଜନ୍ତୁ । ଏଥର ସବ୍‌ଜିର ମସଲା ପ୍ରସ୍ତୁତ କରିବାର ପାଳି । ଏକ ପ୍ୟାନ୍‌ରେ ୨ ଛୋଟ ଚାମଚ ତେଲ ଗରରମ କରି ସେଥିରେ ଜୀରା, ତେଜପତ୍ର, ଡାଲଚିନି, ଗୋଲମରିଚ, ଲବଙ୍ଗ, ବଡ଼ ଅଳେଇ ଏବଂ ହେଙ୍ଗୁ ପକାନ୍ତୁ । ଏହି ମସଲାକୁ ହାଲୁକା ଭାଜି ଦିଅନ୍ତୁ । ଏହାପରେ ୨ଟି ଟମାଟୋ, କଞ୍ଚାଲଙ୍କା, ଅଦାର ପେଷ୍ଟ ତିଆରି କରନ୍ତୁ । ଏହି ପେଷ୍ଟକୁ ମସଲା ଭଜା କରେଇରେ ମିଶାଇ ହାଲୁକା ଆଞ୍ଚରେ କଷନ୍ତୁ । ଟିକେ କଷି ହୋଇଆସିଲେ ସେଥିରେ ହଳଦି, ଧନିଆ ଗୁଣ୍ଡ, କାଶ୍ମିରୀ ଲଙ୍କାଗୁଣ୍ଡ, କସୁରି ମେଥି ପକାଇ ମସଲାକୁ ଭଲ କରି ଫେଣ୍ଟନ୍ତୁ । ଏହା ପରେ ସେଥିରେ ମଲାଇ ନହେଲେ କ୍ରିମ୍ ମିଶାଇ ଟିକେ ଏପଟ ସେପଟ କରି ଦରକାର ଅନୁସାରେ ପାଣି ମିଶାନ୍ତୁ । ମସଲା ଫୁଟି ଆସିଲେ ଆଗରୁ ଛାଣି ରଖିଥିବା ଅଟାର ଚକ୍କିଗୁଡ଼ିକୁ ମିଶାନ୍ତୁ । ସ୍ୱାଦ ଅନୁସାରେ ଲୁଣ ଏବଂ ଗରମ ମସଲା ମିଶାନ୍ତୁ । ହାଲୁକା ଆଞ୍ଚରେ ୬ରୁ ୭ ମିଟର ପର୍ଯ୍ୟନ୍ତ ଫୁଟିବାକୁ ଛାଡ଼ିଦିଅନ୍ତୁ । ଶେଷରେ ଧନିଆ ପତ୍ର ପକାଇ ରୁଟି କିମ୍ବା ପୁରି ସହିତ ପରିବେଷଣ କରନ୍ତୁ ।

ଓଡ଼ିଶାରେ ଅଧିକରୁ ଅଧିକ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ପଦକ୍ଷେପ

ଭୁବନେଶ୍ୱର,୨୨/୬ (ନି.ପ୍ର): ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଅଧିକରୁ ଅଧିକ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ପି.ଏମ୍.ଏଫ୍.ଏମ୍.ଇ. ରାଜ୍ୟ କୋରଗ୍ରୁପ୍ ବୈଠକରେ ଏହି ନିଷ୍ପତି ଗ୍ରହଣ କରାଯାଇଛି । ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକ ପ୍ରାରମ୍ଭରେ ଆଇଏମ୍ଇଡିଏଫ୍ ର ସତ୍ୱାଧିକାରୀ ରମଣ ଥାପର ମୟୂରଭଞ୍ଜ ଜିଲ୍ଲାର ମୋହନପୁର ମ୍ୟାଜିକ୍ ମିଲେଟ୍ କ୍ଲଷ୍ଟରର ଏକ ରିପୋର୍ଟ ଉପସ୍ଥାପନ କରିଥିଲେ । ପ୍ରକଳ୍ପଟିରେ ୪୩୦.୫୭ ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିବାବେଳେ ସମୁଦାୟ ୯୮୦ ଚାଷୀ (ମହିଳା ୩୪୫ ଓ ପୁରୁଷ ୬୩୫) ଉପକୃତ ହୋଇପାରିବେ ବୋଲି ପ୍ରାରମ୍ଭିକ ଭାବେ ଆକଳନ କରାଯାଇଛି । ମକାରୁ ପ୍ରସ୍ତୁତ ପପ୍କର୍ଣ୍ଣ, ମିକ୍ସର, ମଇଦା ଇତ୍ୟାଦି ଆକର୍ଷଣୀୟ ପ୍ୟାକେଟ୍ରେବିଭିନ୍ନ ଖାଦ୍ୟଦ୍ରବ୍ୟ ବଜାରକୁ ଆସୁଥିବା ଜଣାପଡ଼ିଛି । ପ୍ରମୁଖ ସଚିବ ଶ୍ରୀ ସାହୁ ମକାରୁ ଉତ୍ପାଦିତ ବିଭିନ୍ନ କ୍ଷୁଦ୍ର ଉଦ୍ୟୋଗ କ୍ଲଷ୍ଟର ନୂଆପଡ଼ା, ମାଲ କାନ ଗିରି ଓ ନବରଙ୍ଗପୁର ରେ ପ୍ରତିଷ୍ଠା କରିବା ପାଇଁ ଆପିକ ଲ ର ପରିଚାଳନା ନିର୍ଦ୍ଦେଶକ ପ୍ରଭାତ କୁମାର ରାଉଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉତ୍ପାଦିତ ଦ୍ରବ୍ୟର ଦେଶ ଓ ଦେଶ ବାହାରେ ମାର୍କେଟିଂ କରିବା ପାଇଁ ସେ ଗ୍ରୋଜିପ୍ ମାର୍କେଟିଂ ସଂସ୍ଥାର । ନନ୍ଦ କୁମାର ମିଶ୍ରଙ୍କୁ ସହଯୋଗ ପାଇଁ କହିଥିଲେ । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଡ. ସନତ ମିଶ୍ରଙ୍କୁ ଏଥିରେ ସଂପୂର୍ଣ୍ଣ ସହଯୋଗ କରିବାକୁ ମଧ ପ୍ରମୁଖ ସଚିବ ପରାମର୍ଶ ଦେଥିଲେ ।

ଢେଙ୍କାନାଳ ଜିଲ୍ଲାରେ ଚନ୍ଦ୍ରଶେଖରପୁର ଚିନାବାଦାମ କ୍ଲଷ୍ଟର ୪୩୫.୧୭ ଲକ୍ଷ ଟଙ୍କା ବିନିଯୋଗରେ ପ୍ରତିଷ୍ଠା କରାଯାଇଛି । ଏଥିରେ ୭୭୦ ମହିଳା ଓ ୪୭୬ ପୁରୁଷ ସେଥିରେ ସାମିଲ ହୋଇପାରିଛନ୍ତି । ଚିନାବାଦାମରୁ ଉତ୍ପାଦିତ ବିଭିନ୍ନ ଖାଦ୍ୟଦ୍ରବ୍ୟ ଆକର୍ଷଣୀୟ ପ୍ୟାକେଜ୍ରେ ବଜାରକୁ ଛଡ଼ାଯାଉଥିବା ଆଲୋଚନାରୁ ଜଣାପଡ଼ିଛି । ସେହିପରି ଗଜପତି ଜିଲ୍ଲାର ୪୪୦.୩୧ ଲକ୍ଷ ଟଙ୍କାରେ ପ୍ରତିଷ୍ଠିତ ପ୍ରକଳ୍ପ ଛେଲିଗଡ଼ ମେଜ୍ କ୍ଲଷ୍ଟରରେ ୭୨୯ ମହିଳା ଓ ୧୯୬ ପୁରୁଷ ଚାଷୀ ଉପକୃତ ହୋଇଛନ୍ତି । ମଣିପୁର ରାଜ୍ୟର କାଙ୍ଗତାକପି ସପୁରୀ କ୍ଲଷ୍ଟର ଭଳି ଓଡ଼ିଶାର ରାୟଗଡ଼ା ଜିଲ୍ଲାର ଚାଟିକଣା ଏବଂ ଗଜପତି ଜିଲ୍ଲାରେ ପ୍ରତିଷ୍ଠା କରାଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ସେହିପରି ରାଜସ୍ଥାନର ଫଳ ଓ ପରିବା କ୍ଲଷ୍ଟର, ନାଗାଲାଣ୍ଡର ଆଗ୍ରୋ ବିଜ୍ନେସ୍ କ୍ଲଷ୍ଟର, କର୍ଣ୍ଣାଟକର ବି.ଆର. ହିଲ୍ସ ୱାଇଲରୁ ବି. ହନି କ୍ଲଷ୍ଟର, ବିଶାଖାପାଟଣାର କଫି କ୍ଲଷ୍ଟର, ଉତରପ୍ରଦେଶର ମେଡିସିନାଲ୍ ପ୍ଲାଂଟ କ୍ଲଷ୍ଟର ସଂପର୍କରେ ଆଇଏମ୍ଇଡିଏଫ୍ ପକ୍ଷରୁ ଆଲୋକ-ଚିତ୍ର ମାଧ୍ୟମରେ ଉପସ୍ଥାପନ କରି ସମସ୍ତ ଗୋଷ୍ଠୀ ସଦସ୍ୟସଦସ୍ୟାଙ୍କୁ ସଚେତନ କରାଯାଇଥିଲା । ଏଥି ସହିତ କଟକ ଜିଲ୍ଲାର ବାଙ୍କୀ ଲେମନ୍ ଗ୍ରାସ୍ କ୍ଲଷ୍ଟରରୁ ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା ।

ହସ୍ତିକା ଉଦ୍ୟୋଗର ବିଶ୍ୱଜିତ୍ ସ୍ୱାଇଁ କଦଳୀ ଗଛର ବିଭିନ୍ନ ଅଂଶରୁ ଉତ୍ପାଦିତ ବ୍ୟାଗ୍, ମ୍ୟାଟ୍ ଇତ୍ୟାଦି ଅନ୍ଲାଇନ୍ ରେ ପ୍ରଦର୍ଶନ କରିବା ସହ ବିଦେଶରେ ଏହି ଦ୍ରବ୍ୟଗୁଡ଼ିକର ବଜାର ଚାହିଦା ଅଧିକ ଥିବା ପ୍ରକାଶ କରିଥିଲେ । ପିପିଲି ନିକଟ ମୁଖ୍ୟ ରାସ୍ତାରେ ଏହି ଉଦ୍ୟୋଗ ପ୍ରତିଷ୍ଠା କରାଯାଇଛି । ୨୦୧୮ ମସିହାରେ ଆରମ୍ଭ କରାଯାଇଥିବା ହସ୍ତିକା ହ୍ୟାଣ୍ଡିକ୍ରାଫଫରୁ ଏହି ଉଦ୍ୟୋଗ ବ୍ରାଣ୍ଡ ଅଫ୍ ଓଡ଼ିଶା ସମ୍ମାନରେ ସମ୍ମାନିତ । ସେହିପରି ଜୟଦେବ ବାନାନା କ୍ଲଷ୍ଟର କଦଳୀ ଗଛରୁ ଉତ୍ପାଦିତ ଆଚାର, ପାମ୍ପଡ, ଦଉଡ଼ି, ଆସନ, ଖତ ସଂପର୍କରେ ଅଲୋକପାତ କରାଯାଇଥିଲା । ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ଭାରପ୍ରାପ୍ତ ଅଧିକାରୀ ଶ୍ରୀ ଲିଙ୍ଗରାଜ ନାୟକଙ୍କୁ ସମସ୍ତ ଉଦ୍ୟୋଗର ସ୍ଥିତାବସ୍ଥା ବଜାୟ ରଖିବାକୁ ପ୍ରମୁଖ ଶାସନ ସଚିବ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ ।

ଏହି ବୈଠକରେ ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ ଆଲାମ୍, ମତ୍ସ୍ୟ ଓ ପ୍ରାଣୀପାଳନ ନିର୍ଦ୍ଦେଶକ ସ୍ମୃତିରଞ୍ଜନ ପ୍ରଧାନ, କୃଷି ନିର୍ଦ୍ଦେଶାଳୟର ରାମଚନ୍ଦ୍ର ପଟ୍ଟନାୟକ, ନବକିଶୋର ପରିଡ଼ାଙ୍କ ସମେତ ସଂପୃକ୍ତ ବିଭାଗଗୁଡ଼ିକର ନିର୍ଦ୍ଦେଶକ ଓ ଅଧିକାରୀଗଣ ଅନ୍ଲାଇନ୍ ଯୋଗେ ବୈଠକରେ ଅଂଶଗ୍ରହଣ କରିଥିଲେ ।

ଜୁନ୍‌ରେ ହୋଇଛି ୮% ଅଧିକ ବର୍ଷା

ଭୁବନେଶ୍ୱର,୨୨/୬ (ନି.ପ୍ର): ୧ଜୁନ ରୁ ୨୧ ଜୁନ ୨୦୨୧ ସୁଦ୍ଧା ଓଡ଼ିଶାରେ ୧୩୬.୩ ମିମି ବର୍ଷା ଅନୁଭୂତ ହୋଇଛି ଯାହା ସ୍ୱାଭାବିକ ବର୍ଷା ୧୨୬.୬ ମିମି ଠାରୁ ୮ ପ୍ରତିଶତ ଅଧିକ ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି ।

ରାୟଗଡା, ଗଂଜାମ, ଗଜପତି, ନୟାଗଡ, ଯାଜପୁର, ଭଦ୍ରକ, ଏବଂ କେନ୍ଦୁଝର ଆଦି ୭ ଜିଲ୍ଲାରେ ନିଅଂଟିଆ ବର୍ଷା ଅନୁଭୂତ ହେଇଛି, ଯାହା ସ୍ୱାଭିବିକ ବର୍ଷା ଠାରୁ ୨୦ ରୁ ୫୯% ଯାଏଁ କମ ରହିଛି । ତେବେ ୩ ଜିଲ୍ଲା ଯଥା ସୁନ୍ଦରଗଡ଼, ଝାରସୁଗୁଡା, ଏବଂ କୋରାପୁଟ ଜିଲ୍ଲାରେ ସ୍ୱାଭାବିକ ଠାରୁ ଅତ୍ୟଧିକ ଅର୍ଥାତ ୬୦% କିମ୍ବା ତା ଠାରୁ ଅଧିକ ବର୍ଷା ଅନୁଭୂତ ହେଇଛି । ଅପରପକ୍ଷରେ ୮ ଜିଲ୍ଲା ଯଥା କଟକ, ପୁରୀ, ଦେବଗଡ, ସମ୍ବଲପୁର, ବରଗଡ, ସୋନପୁର, ନୂଆପଡା ଏବଂ ମାଲକାନଗିରି ଠାରେ ସ୍ୱାଭାବିକ ଠାରୁ ୨୦ ରୁ ୫୯ ପ୍ରତିଶତ ଯାଏଁ ଅଧିକ ବର୍ଷା ରେକର୍ଡ ହୋଇଥିବା ବେଳେ ଅବଶିଷ୍ଟ ୧୨ ଜିଲ୍ଲାରେ ସ୍ୱାଭାବିକ ବର୍ଷା ଅନୁଭୂତ ହୋଇଛି ।

ଆଜି ସୁଦ୍ଧା ଝାରସୁଗୁଡା ଜିଲ୍ଲାରେ ସର୍ବାଧିକ ୨୦୩.୪ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଗଂଜାମ ଜିଲ୍ଲାରେ ସର୍ବନିମ୍ନ ୬୪.୨ ମିମି ବର୍ଷା ରେକର୍ଡ ହୋଇଛି ।

ଅବଧି ପୂର୍ବରୁ ମୁକୁଳିବେ ୧୬ ଆଜୀବନ କଏଦୀ



ଭୁବନେଶ୍ୱର ,୨୨/୬ (ନି.ପ୍ର): ଅବଧି ଶେଷ ହେବା ପୂର୍ବରୁ ମୁକୁଳିବାକୁ ଯାଉଛନ୍ତି ରାଜ୍ୟର ବିଭିନ୍ନ ଜେଲ୍ରେ ଆଜୀବନ ସଜା କାଟୁଥିବା ୧୬ କଏଦୀ । ହତ୍ୟା, ଦୁଷ୍କର୍ମ ପରେ ହତ୍ୟା ପ୍ରଭୃତି ସଙ୍ଗିନ ଅପରାଧରେ ୧୪ ବର୍ଷ ବା ତାଠାରୁ ଅଧିକ ସଜା କାଟି ସାରିବା ପରେ ମୁକୁଳିବା ପାଇଁ ସେମାନେ କରିଥିବା ଆବେଦନ ଉପରେ ରାଜ୍ୟ ଦଣ୍ଡ ସମୀକ୍ଷା କମିଟି ମୋହର ମାରିଛି । ସେମାନଙ୍କ ମଧ୍ୟରୁ ୩ ଜଣ ବିଶାଖାପାଟଣା ଜେଲରୁ, ବାଲେଶ୍ୱର ଓ ବାରିପଦା ଜେଲ୍ରୁ ୨ଜଣ ଲେଖାଏଁ ଏବଂ ଚୌଦ୍ୱାର, ବାଣପୁର, ସମ୍ବଲପୁର, ଢେଙ୍କାନାଳ, ପୁରୀ, କୋରାପୁଟ, ବଲାଙ୍ଗୀର ,କୋଟପାଡ଼, ଜାମୁଝରୀ ମୁକ୍ତାକାଶ ଜେଲ୍ର ଜଣେ ଲେଖାଏଁ କଏଦୀ ରହିଛନ୍ତି । ଏହି ସବୁ ଜେଲ୍କୁ ଆଜି ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି । ବିଶାଖାପାଟଣାରେ ସଜା କାଟୁଥିବା ୩ ଜଣ କଏଦୀ ଆନ୍ଧ୍ର ଶ୍ରୀକାକୁଲମ୍ର ବାସିନ୍ଦା । ୧୯୯୨ ମସିହାରେ ସେମାନେ ପାରଳାଖେମୁଣ୍ଡିର ଚିନ୍ତାପଲ୍ଲୀ ଗ୍ରାମରେ ପଶି ଡକାୟତି କରିଥିଲେ । ଲୁଟ୍ପାଟ୍ କରିବା ପରେ ଗୋଟିଏ ପରିବାରର ୩ ସଦସ୍ୟଙ୍କୁ ହତ୍ୟା କରିଥିଲେ । ସେହି ବର୍ଷ ତିନିଜଣଙ୍କୁ ଆନ୍ଧ୍ରରୁ ଗିରଫ କରାଯାଇଥିବା ବେଳେ ୧୯୯୪ ମସିହାରେ ସେମାନଙ୍କୁ ଆଜୀବନ ସଜା ହୋଇଥିଲା । ସେମାନେ ହାଇକୋର୍ଟରେ ଅପିଲ କରିଥିଲେ ମଧ ତଳ କୋର୍ଟର ଆଦେଶ କାଏମ୍ ରହିଥିଲା । ସେବେଠାରୁ ଏହି ତିନିଜଣ ଜେଲ୍ରେ ସଜା କାଟୁଛନ୍ତି । ତେବେ ସେମାନଙ୍କ ଘର ଆନ୍ଧ୍ର ପ୍ରଦେଶ ହୋଇଥିବାରୁ ସେଠାକାର ଜେଲ୍ରେ ରହିବା ପାଇଁ ସେମାନେ ଆବେଦନ କରିଥିଲେ । ୧୯୯୬ ମସିହାରେ ସେମାନଙ୍କୁ ବିଶାଖାପାଟଣା ଜେଲ୍କୁ ସ୍ଥାନାନ୍ତର କରାଯାଇଥିଲା । ଏବେ ସେମାନେ ମୁକୁଳିବାକୁ ସ୍ୱୀକୃତି ପାଇଛନ୍ତି । ଅନ୍ୟ ୧୩ ଜଣଙ୍କ ମଧ୍ୟରେ ମଧ ଏଭଳି ଦୁର୍ଦ୍ଦାନ୍ତ ଅପରାଧୀ ରହିଛନ୍ତି । ଉଲ୍ଲେଖନୀୟ, ଆଜୀବନ ଦଣ୍ଡାଦେଶ ପାଇଥିବା କଏଦୀମାନେ ୧୪ ବର୍ଷ ଜେଲ୍ ଭିତରେ ସଜା କାଟିବା ପରେ ମୁକୁଳିବା ପାଇଁ ଆବେଦନ କରିବାର ବ୍ୟବସ୍ଥା ରହିଛି । ଏହି ବ୍ୟବସ୍ଥା ଆଧାରରେ କଏଦୀମାନେ ସରକାରଙ୍କୁ (ଆଇନ ବିଭାଗକୁ) ଆବେଦନ କରିବା ପରେ ସମ୍ପୃକ୍ତ ଜେଲ୍, ଥାନା, ଏସ୍‌ପି ଓ ଜିଲ୍ଲାପାଳଙ୍କ ନିକଟରୁ ରିପୋର୍ଟ ମଗାଯାଏ । ଜେଲ୍ରେ ଥିବା ସମୟରେ ସେମାନଙ୍କର ଆଚରଣ ଓ ପାରୋଲ୍ ସମୟର ଶୃଙ୍ଖଳା ନେଇ ଜେଲ୍ ରିପୋର୍ଟ ପ୍ରଦାନ କରୁଥିବା ବେଳେ ସେମାନେ ଫେରିବା ପରେ ସମ୍ପୃକ୍ତ ଅଞ୍ଚଳରେ ଆଇନଶୃଙ୍ଖଳା ବ୍ୟାଘାତ ହେବ କି ନାହିଁ ଥାନା ତଥା ଏସ୍‌ପି ରିପୋର୍ଟ ପ୍ରଦାନ କରନ୍ତି ।

ପୂର୍ବତଟ ରେଳପଥ ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଭୁବନେଶ୍ୱର,୨୨/୬ (ନି.ପ୍ର): ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ପୂର୍ବ ତଟ ରେଳପଥ ପକ୍ଷରୁ ସୋମବାର ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି । “ଯୋଗ ସହିତ ରୁହ ଘରେ ରୁହ” ଆଦର୍ଶ ଉକ୍ତି ସହିତ, ପୂର୍ବତଟ ରେଳପଥ କୋଭିଡ ପ୍ରୋଟୋକଲ ମାନକ ଅନୁଯାୟୀ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଛି । ସ୍ୱାସ୍ଥ୍ୟର ଉନ୍ନତି, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଇବା, ଚାପରୁ ମୁକ୍ତି ଏବଂ ସାମଗ୍ରିକ ସୁସ୍ଥତାର ଭାବନା ଉଦ୍ଦେଶ୍ୟରେ ପୂର୍ବ ତଟ ରେଳପଥର କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ଯୋଗ କରିବା ପାଇଁ ଉତ୍ସାହିତ କରାଯାଇଥିଲା । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟା ଭୂଷଣ ସମସ୍ତ ଅଧିକାରୀଙ୍କୁ ନିଜ ଘରେ ପ୍ରୋଟୋକଲ ଅନୁଯାୟୀ ଯୋଗ ଦିବସ ପାଳନ ଓ ଏହାର ଅଭ୍ୟାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ସୁଧୀର କୁମାର ଏବଂ ପୂର୍ବତଟ ରେଳପଥର ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀମାନେ ସେମାନଙ୍କ ବାସଭବନରୁ ଯୋଗ ପ୍ରଦର୍ଶନ କରିଥିଲେ । ଅନ୍ୟ ରେଳ ଅଧିକାରୀମାନେ ମଧ କୋଭିଡ଼୧୯ ପ୍ରୋଟୋକଲ ଅନୁସରଣ କରି ସେମାନଙ୍କର ପରିବାର ସଦସ୍ୟଙ୍କ ସହିତ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଥିଲେ ।

ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ବିଭିନ୍ନ ସ୍ଥାନରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା । ରେଳପଥର ସମସ୍ତ ମଣ୍ଡଳ ଯଥା ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଏବଂ ୱାଲଟିୟର ରେଳ ମଣ୍ଡଳ ପକ୍ଷରୁ ମଧ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା । ମଂଚେଶ୍ୱର ରେଳ ଡବା ମରାମତି କାରଖାନା, କୋଚିଂ ଡିପୋ ଗୁଡିକ ସହିତ ବିଭିନ୍ନ ଶାଖା କାର୍ଯ୍ୟାଳୟ ଏବଂ ଅନ୍ୟାନ ରେଳ ପ୍ରତିଷ୍ଠାନର କର୍ମଚାରୀ ଏବଂ ଅଧିକାରୀମାନେ ମଧ ସେମାନଙ୍କ ଘରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଥିଲେ । ଏହି ଅବସରରେ ଯୋଗ ସମ୍ବନ୍ଧରେ ଏକ ୱେବିନାର ମଧ ଆୟୋଜନ କରାଯାଇଥିଲା, ଯେଉଁଠାରେ ଏହି ମହାମାରୀ ସମୟରେ ଯୋଗ ଅଭ୍ୟାସର ଫଳପ୍ରଦ ଏବଂ ମହତ୍ୱ ବିଷୟରେ ଆଲୋଚନା କରାଯାଇଥିଲା ।

ଆନ୍ତର୍ଜାତୀୟ ଯୋଗ ଦିବସ ୨୦୨୧ ସ୍ମରଣୀୟ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଏକ ସପ୍ତାହ ପୂର୍ବରୁ ସୋସିଆଲ ମିଡିଆରେ ଏବଂ ରେଳବାଇର ବିଭିନ୍ନ କାନ୍ଥ ଏବଂ ରେଳ ପ୍ରତିଷ୍ଠାନର ମାନଙ୍କର ସମ୍ମୁଖରେ ବ୍ୟାନର ଲଗାଇ ଏହି ଅଭିଯାନ ପ୍ରାରମ୍ଭ କରାଯାଇଥିଲା । ଏହି ଆନ୍ତର୍ଜାତୀୟ ଯୋଗ ଦିବସରେ ମଧ ୧୮ ବର୍ଷରୁ ଅଧିକ ନାଗରିକଙ୍କ ପାଇଁ ମାଗଣା ଟୀକାକରଣ ପ୍ରାରମ୍ଭ କରାଯାଇଅଛି । ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ବିଭିନ୍ନ ଷ୍ଟେସନରେ ଟିଭି ପରଦାରେ ଯୋଗ ସମ୍ବନ୍ଧୀୟ ଓ ମାଗଣା କୋଭିଡ ଟୀକା ସମ୍ବନ୍ଧୀୟ ଭିଜୁଆଲ୍ ପ୍ରଦର୍ଶିତ କରାଯାଇଅଛି ।

ହିନ୍ଦୁ ଜାଗରଣ ମଂଚ ତରଫରୁ ଆର୍ନ୍ତଜାତୀୟ ଯୋଗ ଦିବସ

ଭୁବନେଶ୍ୱର,୨୨/୬ (ନି.ପ୍ର): ଆଜି ଆର୍ନ୍ତଜାତୀୟ ଯୋଗ ଦିବସ ଅବସରରେ ହିନ୍ଦୁ ଜାଗରଣ ମଂଚ ତରଫରୁ ବରମୁଣ୍ଡାଠାରେ ଯୋଗ ଶିବିର ଆୟୋଜନ କରାଯାଇଥିଲା । ୨୦୧୪ ମସିହାରେ ମିଳିତ ଜାତିସଂଘ ସାଧାରଣ ଅଧିବେଶନରେ ଜୁନ୍ ୨୧କୁ ଆର୍ନ୍ତଜାତୀୟ ଯୋଗ ଦିବସ ରୂପେ ପାଳନ ପାଇଁ ପ୍ରସ୍ତାବ ପାରିତ ହୋଇଥିଲା । ତେଣୁ ଏବର୍ଷ ମଧ ସପ୍ତମ ବର୍ଷ ଆର୍ନ୍ତଜାତୀୟ ଯୋଗ ଦିବସ ରୂପେ ପାଳନ କରାଯାଇଛି । କୋଭିଡ୍ ନିୟମ ପାଳନ କରି ୨୫ ଜଣ ଯୁବକ ଯୋଗ ଅଭ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ହିନ୍ଦୁ ଜାଗରଣ ମଂଚର ପ୍ରଦେଶ ସଂଗଠନ ସମ୍ପାଦକ ଶ୍ରୀ ତନ୍ମୟ ଦାସ କହିଛନ୍ତି ବୈଦିକ ଯୁଗରୁ ଉପନିଷଦରେ ବର୍ଣ୍ଣନା କରାଯାଇଥିବା ଯୋଗ ବତ ର୍ମାନ ସାରା ବିଶ୍ୱରେ ଅଦୃତ ହୋଇଛି । ବ ର୍ମାନ କରୋନା ସମୟରେ ଶ୍ୱାସକ୍ରିୟା ଏବଂ ମାନସିକ ଶାନ୍ତିର ଆବଶ୍ୟକତା ଯୋଗର ପ୍ରାସଙ୍ଗିକତା ବଢ଼ାଇଛି, ତେଣୁ ଆମେ ସମସ୍ତେ ପ୍ରତିଦିନ ଯୋଗ ଅଭ୍ୟାସ କରିବାର ଆବଶ୍ୟକତା ଅଛି । ଏହି କାର୍ଯ୍ୟକ୍ରମରେ ସାମାଜିକ କାର୍ଯ୍ୟକର୍ତା ଶ୍ରୀ ଅଜୟ କୁମାର ରାଉତ, ସତ୍ୟନନ୍ଦ ପାଣିଗ୍ରାହୀ, ଚଣ୍ଡି ପ୍ରସାଦ ବେହେରା, ରାକେଶ ଧୁପର, ଶଶିକାନ୍ତ ମଲ୍ଲିକ, ସ୍ୱଂୟଜିତ ପଟ୍ଟନାୟକ, ଜ୍ୟୋତିରଂଜନ ନାୟକ, ସୁବ୍ରତ ବିଶ୍ୱାଳଙ୍କ ସହିତ ଅନ୍ୟ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

ଅନ୍‌ଲାଇନ୍ ପାଠପଢା ଧର୍ମକୁ ଆଖିଠାର : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୨୨/୬ (ନି.ପ୍ର): ରାଜ୍ୟର ପାଖାପାଖି ୧୦ ହଜାର ଗାଁରେ ମୋବାଇଲ ସେବା ନାହିଁ । ଭାରତରେ ଟେଲିଫୋନ ସେବା ୮୭ ଜଣଙ୍କ ପାଖରେ ପହଂଚିଥିବା ବେଳେ ଓଡ଼ିଶାରେ ଏହି ସଂଖ୍ୟା ୭୭ଭାଗ । ଅର୍ଥାତ୍ ରାଜ୍ୟର ୨୩ଜଣଙ୍କ ପାଖରେ ଆଜି ବି ଟେଲିଫୋନ ସେବା ପହଂଚି ନାହିଁ । ଯେତିକି ସେବା ପହଂଚିଛି, ନେଟୱର୍କ ବହୁତ ଦୁର୍ବଳ । ଚାରିକୋଟି ପଚାଶଲକ୍ଷ ଲୋକଙ୍କ ଭିତରୁ ପାଖାପାଖି ତିନିଲକ୍ଷ ଲୋକ ଇଂଟରନେଟ ବ୍ୟବହାର କରୁଥିବାର ଜଣାଯାଏ । ଖୋଦ୍ ଶିକ୍ଷାମନ୍ତ୍ରୀ ବିଧାନସଭାରେ ଅତୀତରେ ପ୍ରକାଶ କରିଥିଲେ ଯେ, ରାଜ୍ୟର ୫୪ ଭାଗ ପିଲାଙ୍କ ପାଖରେ ଟେଲିଫୋନ ଅଛି । ସେଥିମଧ୍ୟରୁ ମାତ୍ର ୨୮ଭାଗ ପିଲାଙ୍କ ପାଖରେ ସ୍ମାର୍ଟ ଫୋନ୍ ରହିଛି । ଅର୍ଥାତ୍ ୭୨ ଭାଗ ପିଲାଙ୍କ ପାଖରେ ସ୍ମାର୍ଟଫୋନ୍ ସେବା ଉପଲବ୍ଧ ନାହିଁ । ଖୋଦ୍ ରାଜଧାନୀରେ ଟେଲିଫୋନ୍ ସେବା କେତେ ସ୍ୱଷ୍ଟ ତାହା ଆମେ ଅଙ୍ଗେ ଲିଭାଉଛେ । ତେଣୁ ଏଭଳି ପରିସ୍ଥିତିରେ ଅନ୍ ଲାଇନ୍ ଓ ୟୁଟ୍ୟୁବ୍ରେ ପାଠପଢା ଛାତ୍ରଛାତ୍ରୀମାନଙ୍କ ପାଇଁ ‘ଧର୍ମକୁ ଆଖିଠାର’ ବୋଲି ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି । ଯେଉଁ ଦେଶରେ ଖୋଦ୍ କ୍ୟାବିନେଟ ମନ୍ତ୍ରୀ ସିଡ଼ି ଲଗାଇ ଗଛ ଉପରେ ଚଢି ଟେଲିଫୋନ୍ ଧରନ୍ତି, ସେ ଦେଶର ଛାତ୍ରଛାତ୍ରୀମାନେ ଅନ୍ଲାଇନ୍ ଓ ୟୁଟ୍ୟୁବ୍ରେ ପାଠ ପଢିବେ କେମିତି ବୋଲି ଶ୍ରୀ ବେହେରା ପ୍ରଶ୍ନ କରିଛନ୍ତି । ଚାଷୀମାନଙ୍କୁ ମୋବାଇଲ ଯୋଗାଇ ଦେବା ଭଳି ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କୁ ଡ଼ିଜିଟାଲ ଶିକ୍ଷା ଯୋଗାଇ ଦେବା ପାଇଁ ସ୍ମାର୍ଟ ଫୋନ୍ / ଲାପ୍ଟପ ଯୋଗାଇ ଦେବାକୁ ଶ୍ରୀ ବେହେରା ଦାବି କରିଛନ୍ତି ।

ରୋଟାରୀ କ୍ଲବ ପକ୍ଷରୁ ଯୋଗଦିବସ ପାଳିତ

ଭୁବନେଶ୍ୱର,୨୨/୬ (ନି.ପ୍ର): ଆର୍ନ୍ତଜାତୀୟ ଯୋଗ ଦିବସ ଉପଲକ୍ଷେ ସେଂଟ ଜାଭିୟର ସ୍କୁଲ୍ ସମୂହ ଓ ରୋଟାରୀ କ୍ଲବ ଭୁବନେଶ୍ୱର ସେଂଟ୍ରାଲ ପକ୍ଷରୁ ମିଳିତ ଭାବେ ଏକ ଯୋଗ ଆଲୋଚନା ଚକ୍ର ଓ ପ୍ରଦର୍ଶନ ଜୁମ୍ ଭିଡ଼ିଓ ଯୋଗେ କ୍ଲବର ସଭାପତି ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ।

କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଆର୍ଯ୍ୟସମାଜର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଲେ ଯେ, ଆମ ଭାଷା, ସାହିତ୍ୟ, ସଂସ୍କୃତିରେ ହଜାର ହଜାର ବର୍ଷ ପୂର୍ବରୁ ଯୋଗ ଶିକ୍ଷାର ପ୍ରଚଳନ ଥିଲା । ଯୋଗ ଦ୍ୱାରା କେବଳ ଶରୀର ରକ୍ଷା ନୁହେଁ ଅସମ୍ଭବକୁ ସମ୍ଭବ କରିପାରୁଥିଲେ ଆମ ଭାରତବର୍ଷର ମୁନି ଋଷିମାନେ । ଯୋଗାଚାର୍ଯ୍ୟ ଡଃ ବିଶ୍ୱରଞ୍ଜନ ରଥ ଛାତ୍ରଛାତ୍ରୀମାନଙ୍କୁ ଯୋଗ ଦ୍ୱାରା ଉପକାର ବିଷୟରେ ମାର୍ଗଦର୍ଶନ ଦେବା ସହ କେତେକ ସାଧାରଣ କୌଶଳ ପ୍ରଦର୍ଶନ କରିଥିଲେ ।

ବାହାରିନ ଓଡ଼ିଆ ସମାଜ ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳନ



ଭୁବନେଶ୍ୱର ,୨୨/୬ (ନି.ପ୍ର): ବାହାରିନ ଓଡ଼ିଆ ସମାଜ ତରଫରୁ ସପ୍ତମ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଥିବା ଜଣାଯାଇଛି ।ଏହି ଉପଲକ୍ଷେ ସମାଜ ପକ୍ଷରୁ ଆୟୋଜିତ ଏକ ଅନଲାଇନ ଯୋଗ ସଚେତନତା ଶିବିରରେ, ଏହି ଦ୍ୱୀପ ଦେଶରେ ବସବାସ କରୁଥିବା ଓଡ଼ିଆ ଅଧିବାସୀ ମାନେ ସେମାନଙ୍କର ପରିବାରବର୍ଗଙ୍କ ସହିତ ଯୋଗ ଦେଇଥିବା ଦେଖାଯାଇଥିଲା । ଭୁବନେଶ୍ୱରରୁ ଯୋଗ ବିଶେଷଜ୍ଞ ସରିତାଞ୍ଜଳି ନାୟକ ଏହି ଶିବିର କୁ ଭିଡ଼ିଓ କନଫରେନସିଂ ଜରିଆରେ ସଂଚାଳନ କରିଥିଲେ । ଏହି ଲାଇଭ ଷ୍ଟ୍ରିମିଙ୍ଗ ଅଧିବେଶନ କାଳରେ ଚଳିତ ଯୋଗ ଦିବସର ବିଷୟବସ୍ତୁ; ସୁସ୍ଥ ଜୀବନଯାପନ ପାଇଁ ଯୋଗର ଆବଶ୍ୟକତା ଓ ସ୍ୱଗୃହରୁ ଯୋଗାଭ୍ୟାସ କରାଯିବାର ବାର୍ତ୍ତା ଉପରେ ସଂଗଠକ ମାନେ ଆଲୋକପାତ କରିଥିଲେ । ବିଶେଷ କରି ବର୍ତ୍ତମାନର କରୋନା ମହାମାରୀଜନିତ ସଙ୍କଟ କାଳରେ ଯୋଗ ଦ୍ୱାରା କିଭଳି ବିମର୍ଷ ଭାବକୁ ଦୂର କରାଯାଇ ମାନବ ମନରେ ସାକାରାତ୍ମକ ଚିନ୍ତା ଧାରା ଅନୁପ୍ରବେଶ କରାଯାଇପାରିବ, ସେ ସମ୍ପର୍କରେ ଚର୍ଚ୍ଚା କରାଯାଇଥିଲା । ଯୋଗ ବିଜ୍ଞାନ ଅନୁଶୀଳନ ଦ୍ୱାରା ଶାରୀରିକ ଓ ମାନସିକ ସ୍ତରରେ ସନ୍ତୁଳନ ଓ ସଂହତି ରକ୍ଷା କରାଯିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଫଳସ୍ୱରୂପ ମାନବ ସମାଜର ସର୍ବମଙ୍ଗଳ ସକାଶେ ବ୍ୟକ୍ତିଗତ ସଚେତନତା ତଥା ସାମୂହିକ ସଚେତନତା ଉଦ୍ରେକ କରାଯିବା ସମ୍ଭବପର ହୋଇପାରୁଥିବା ମତ ପ୍ରକାଶ ପାଇଥିଲା ।

ବାହାରିନ ଓଡ଼ିଆ ସମାଜର ସଭାପତି ଦୀନେଶ ମହାନ୍ତିଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ଭର୍ଚୁଆଲ କାର୍ଯ୍ୟକ୍ରମକୁ ସଂଗଠନର ମହିଳା ସଦସ୍ୟ ମାନେ ପରିଚାଳନା କରିଥିଲେ । ଉତ୍ସବ ଆୟୋଜନ କରିବାରେ ଓଡ଼ିଆ ସମାଜର ସଦସ୍ୟ ବିଦୁଶ ନନ୍ଦ, ସସ୍ମିତା ରାଉତ, ଜୟଦୀପ ଜେନା, ଅନିତା ସଂଗ୍ରାମ ରଣସିଂହ ଏବଂ ସୁଶାନ୍ତ ପଣ୍ଡା ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

ରୋଟାରୀ କ୍ଲବ ଭୁବନେଶ୍ୱର ସେଣ୍ଟ୍ରାଲ ପକ୍ଷରୁ ଯୋଗଦିବସ ପାଳିତ

ଭୁବନେଶ୍ୱର,୨୨/୬ (ନି.ପ୍ର): ଆନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଆଜି ସେଣ୍ଟ ଜାଭିୟର ସ୍କୁଲ୍ ସମୂହ ଓ ରୋଟାରୀ କ୍ଲବ ଭୁବନେଶ୍ୱର ସେଣ୍ଟ୍ରାଲ ପକ୍ଷରୁ ମିଳିତ ଭାବେ ଏକ ଯୋଗ ଆଲୋଚନା ଚକ୍ର ଓ ପ୍ରଦର୍ଶନ ଜୁମ୍ ଭିଡ଼ିଓ ଯୋଗେ କ୍ଲବର ସଭାପତି ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବିଶିଷ୍ଟ ବୈଦିକ ବିଦ୍ୱାନ ତଥା ଆର୍ଯ୍ୟସମାଜ, ଓଡ଼ିଶାର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଲେ ଯେ, ଆମ ଭାଷା, ସାହିତ୍ୟ, ସଂସ୍କୃତିରେ ହଜାର ହଜାର ବର୍ଷ ପୂର୍ବରୁ ଯୋଗ ଶିକ୍ଷାର ପ୍ରଚଳନ ଥିଲା । ଯୋଗୀମାନଙ୍କର ଈଶ୍ୱର ଥିଲେ ଭଗବାନ ଶ୍ରୀକୃଷ୍ଣ । ଏଣୁ ଯୋଗ ଦ୍ୱାରା କେବଳ ଶରୀର ରକ୍ଷା ନୁହେଁ ଅସମ୍ଭବକୁ ସମ୍ଭବ କରିପାରୁଥିଲେ ଆମ ଭାରତବର୍ଷର ମୁନି ଋଷିମାନେ । ଯୋଗାଚାର୍ଯ୍ୟ ଡଃ ବିଶ୍ୱରଞ୍ଜନ ରଥ ଛାତ୍ରଛାତ୍ରୀମାନଙ୍କୁ ଯୋଗ ଦ୍ୱାରା ଉପକାର ବିଷୟରେ ମାର୍ଗଦର୍ଶନ ଦେବା ସହ କେତେକ ସାଧାରଣ କୌଶଳ ପ୍ରଦର୍ଶନ କରିଥିଲେ ।

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ ସହ ନିତି ଆୟୋଗ ଆଡ୍‌ଭାଇଜରୀ ଟିମ୍‌ର ଆଲୋଚନା

ଭୁବନେଶ୍ୱର,୨୨/୬ (ନି.ପ୍ର): କେନ୍ଦ୍ର ନିତି ଆୟୋଗର ଏକ ତିନି ଜଣିଆ ଟିମ୍ ଖାରବେଳ ଭବନଠାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ଅସିତ୍ ତ୍ରିପାଠୀଙ୍କୁ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି । ଏହି ଟିମ୍ ରେ ନିତି ଆୟୋଗର ଏସ୍‌ଡିଜି ଓ ଗ୍ରାମୀଣ ବିକାଶର ପରାମର୍ଶଦାତ୍ରୀ ଶ୍ରୀମତୀ ସଂଯୁକ୍ତା ସମାଦାର, ଏସ୍‌ଡିଜି ଅଧିକାରୀ ଆଲେନ୍ ଜନ୍ ଏବଂ ଏସ୍‌ଡିଜିର ବରିଷ୍ଠ ପରାମର୍ଶଦାତା ସୁନ୍ଦର ମିଶ୍ର ଅଛନ୍ତି । ପଶ୍ଚିମ ଓଡ଼ିଶାର ଗ୍ରାମୀଣ ବିକାଶ କ୍ଷେତ୍ରରେ କେତେକ ଅଭିନବ ପ୍ରକଳ୍ପ କାର୍ଯ୍ୟକାରୀ ଦିଗରେ ରାଜ୍ୟ ସରକାର ନେଇଥିବା ପଦକ୍ଷେପ ସଂପର୍କରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ତ୍ରିପାଠୀ ସମ୍ୟକ ଧାରଣା ଦେଇଥିଲେ । ଏଥି ସହିତ ନିତି ଆୟୋଗର କେତେକ ପୋଷଣୀୟ ଯୋଜନା ଉପରେ ବଶେଷ ଭାବେ ଆଲୋଚନା କରାଯାଇଥିଲା ।

ଦେବାଶିଷଙ୍କ ପ୍ରତି ଅସମ୍ମାନ ହୋଇଛି : କଂଗ୍ରେସ

ଭୁବନେଶ୍ୱର,୨୨/୬ (ନି.ପ୍ର): ଓଡ଼ିଶାର ସହ ପୋଲିସ ମହାନର୍ଦ୍ଦେଶକ ଓ ରାଜ୍ୟ ଭିଜିଲାନ୍ସର ନିର୍ଦ୍ଦେଶକ ତଥା ଜଣେ ବିଶିଷ୍ଟ ସାହିତ୍ୟକାର ଡଃ ଦେବାଶିଷ ପାଣିଗ୍ରାହୀଙ୍କ ଦେହାନ୍ତ ପରେ ରାଜ୍ୟ ସରକାର ତାଙ୍କୁ ଯେଉଁ ଭଳି ସମ୍ମାନ ଦେବା କଥା ତାହା ସେଥିରେ ଅବହେଳା କରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି । କର୍ତବ୍ୟରେ ଥିଲାବେଳେ ଡଃ ପାଣିଗ୍ରାହୀ କରୋନା ଆକ୍ରାନ୍ତ ହେଲେ ଏବଂ ଚିକିତ୍ସାଧୀନ ଥିବା ବେଳେ ମୃତ୍ୟୁବରଣ କଲେ । ସେ କେବଳ ଜଣେ ଦକ୍ଷ ଓ ସଚ୍ଚୋଟ ପୋଲି ଅଫିସର ନଥିଲେ । ଜଣେ ଅତି ଉଚ୍ଚ କୋଟିରର ସାହିତ୍ୟକ ମଧ ଥିଲେ । ମୃତ୍ୟୁ ପରେ ତାଙ୍କୁ ଗାର୍ଡ଼ ଅଫ ଅନର ବା ପୋଲିସ ସଲାମୀ ଦିଆ ନଯିବା ଓଡ଼ିଶାର ବହୁ ବୁଦ୍ଧିଜୀବିଙ୍କୁ ବ୍ୟଥିତ କରିଛି । ଏପରିକି ତାଙ୍କୁ ଶେଷ ଦର୍ଶନ ଓ ସମ୍ମାନ ଜଣାଇବା ପାଇଁ ପୋଲିସ ମହାନିର୍ଦ୍ଦେଶକ, ଗୃହ ସଚିବ ଓ ଅନ୍ୟାନ୍ୟ ବରିଷ୍ଠ ସରକାରୀ ପଦାଧିକାରୀ ଉପସ୍ଥିତ ନହେବା ଡ. ଦେବାଶିଷଙ୍କ ପ୍ରତି ଅସମ୍ମାନ ବୋଲି କଂଗ୍ରେସ ପକ୍ଷରୁ ଏକ ପ୍ରେସ ବାର୍ତାରେ କଂଗ୍ରେସ ଦଳର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଅଭିଯୋଗ ଆଣିଛନ୍ତି । ଡଃ ପାଣିଗ୍ରାହୀ ଭିଜିଲାନ୍ସ ବିଭାଗରେ ଥିବା ଯୋଗୁଁ ପୋଲିସ ସଲାମୀ ପାଇବାର ଯୋଗ୍ୟ ନୁହଁନ୍ତି ବୋଲି ସରକାର ସଫେଇ ଦେବା ଆହୁରି ଦୁଃଖ ଦାୟକ ।

ପ୍ରଖର ରାଷ୍ଟ୍ରବାଦୀ ନେତା ଶ୍ୟାମାପ୍ରସାଦ ମୁଖାର୍ଜୀ

(ପୂର୍ବପ୍ରକାଶିତ ଉତ୍ତାରୁ)

ଏହାର ପ୍ରତିବାଦରେ ଜମ୍ମୁପ୍ରଦେଶରେ ପ୍ରଜାପରିଷଦ ଦଳର ନେତୃତ୍ୱରେ ଜମ୍ମୁକାଶ୍ମୀରକୁ ଭାରତ ବର୍ଷରେ ସଂପୂର୍ଣର୍ ବିଲୟ କରିବା ପାଇଁ ଆନ୍ଦୋଳନ ଚାଲିଥାଏ। ଏହି ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ କରି ଡ. ଶ୍ୟାମାପ୍ରସାଦ ଦିଲ୍ଲୀରେ ପ୍ରତିବାଦ ସଭାର ଅୟୋଜନ କରିଥିଲେ ଏବଂ ବନ୍ଦୀ ହୋଇଥିଲେ । ପରେ ଏହି ଅନ୍ଦୋଳନରେ ଭାଗ ନେବାପାଇଁ ଜମ୍ମୁରେ ପହଞ୍ଚିଥିଲେ। ଜମ୍ମୁରେ ବ୍ୟକ୍ତିଗତ ସତ୍ୟାଗ୍ରହରେ ଭାଗନେଇ ମେ ୧୧ ତାରିଖରେ ଡ.ଶ୍ୟାମାପ୍ରସାଦ କାଶ୍ମୀର ସୀମାରେ ପ୍ରବେଶ କରିଥିଲେ ଏବଂ ବନ୍ଦୀହୋଇ ଜେଲ ବରଣ କରିଥିଲେ। ତାଙ୍କ ସହିତ ଯେଉଁ ଦୁଇ ସତ୍ୟାଗ୍ରହୀ ବନ୍ଦୀ ଜେଲରେ ଥିଲେ ସେମାନେ ହେଲେ ଶ୍ରୀ ଗୁରୁଦ୍ଦତ୍ତବୈଦ ଏବଂ ଶ୍ରୀ ଟେକ୍‌ଚାନ୍ଦ ଶର୍ମା। ଏହି ଆନ୍ଦୋଳନର ପ୍ରସିଦ୍ଧ ସ୍ଲୋଗାନ ଥିଲା 'ଏକ ଦେଶ ମେଁ ଦୋ ପ୍ରଧାନ, ଦୋ ନିଶାନ, ଦୋ ବିଧାନ ନହି ଚଲେଗା, ନହି ଚଲେଗା'। ଶ୍ୟାମାପ୍ରସାଦଙ୍କ ଏହି ସ୍ଲୋଗାନ ସାରା ଦେଶରେ ଆବାଳବୃଦ୍ଧବନିତାଙ୍କ ମନରେ ଉଦ୍ଦୀପନା ଭରିଦେଇଥିଲା ଏବଂ କାଶ୍ମୀର ବଚାଓ ଆନ୍ଦୋନରେ ହଜାର ହଜାର ଯୁବକ ଭାଗ ନେଇଥିଲେ। ଶେଖ୍ ଅବଦୁଲ୍ଲାଙ୍କ କାଶ୍ମୀର ସରକାର ଏହି .ସତ୍ୟାଗ୍ରହୀକୁ ଦୃଢ ହସ୍ତରେ ଦମନ କରିଥିଲେ। ଅନେକ ସତ୍ୟାଗ୍ରହୀ ଜେଲ ଯାତନା ସହିତ ପୋଲିସର ବର୍ବରତାର ସମ୍ମୁଖୀନ ହୋଇଥିଲେ। ଶେଖ୍ ଅବଦୁଲ୍ଲାଙ୍କ କୁଟଚକ୍ରାନ୍ତର ଶରବ୍ୟ ହୋଇଥିଲେ ନିଜେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ। ବନ୍ଦୀ ହେବାର କିଛି ଦିନ ପରେ ଡ.ଶ୍ୟାମାପ୍ରସାଦ ଅସୁସ୍ଥ ହୋଇ ପଡିଲେ ଏବଂ ତାଙ୍କର ଫୁସ୍ ଫୁସ୍ ଓ ଶ୍ୱାସନଳୀରେ ଭୀଷଣ ଯନ୍ତ୍ରଣା ଅନୁଭବ କରୁଥିଲେ। ଜେଲଖାନା ଭିତରେ ଡ ଶ୍ୟାମାପ୍ରସାଦଙ୍କର ଉପଯୁକ୍ତ ଚିକିତ୍ସା କରାଗଲା ନାହିଁ ଏବଂ ଯନ୍ତ୍ରଣା ଆରମ୍ଭର ଚାରି ଦିନ ପରେ ୨୩ ଜୁନ୍ ୧୯୫୩ ତାରିଖରେ ତାଙ୍କର ଅକାଳ ମୃତ୍ୟୁ ହୋଇଥିଲା। ଏହି ୫୨ ବର୍ଷର ସ୍ୱଳ୍ପକାଳୀନ ଆୟୁ ଭିତରେ ଡ. ଶ୍ୟାମାପ୍ରସାଦ ସାରା ଦେଶପାଇଁ ଯେଉଁ ଦୁଃସାହାସିକ ପଥ ପ୍ରଦର୍ଶନ କରିଯାଇଛନ୍ତି ତାହା ଦେଶର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧହୋଇ ରହିଥିବ। ଶ୍ୟାମାପ୍ରସାଦ ମୁଖାର୍ଜୀ ଆଜି ଆମ ଗହଣରେ ନାହାନ୍ତି ମାତ୍ର ତାଙ୍କ ହାତରେ ତିଆରି ହୋଇଥିବା ଭାରତୀୟ ଜନସଂଘ ନାମକ ରାଜନୈତିକ ଦଳ ଆଜି ଏକ ବିରାଟ ବଟ ବୃକ୍ଷରେ ପରିଣତ ହୋଇଛି। ପରବର୍ତ୍ତୀ ସମୟରେ ଏହି ଦଳ ଭାରତୀୟ ଜନତା ପାର୍ଟି ନାମ ଧାରଣ କରି ସମଗ୍ର ଦେଶରେ ନିଜର ବିଚାର ଓ ସଂଗଠନର କାୟା ବିସ୍ତାର କରିପାରିଛି। ଏହି ବିଚାରକୁ ଆଧାରକରି ୧୯୯୮ ରୁ ୨୦୦୪ ପର୍ଯ୍ୟନ୍ତ ଅଟଳ ବିହାରୀ ବାଜପେୟୀ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ ଏବଂ ୨୦୧୪ ସାଧାରଣ ନିର୍ବାଚନରେ ଜୟଯୁକ୍ତ ହୋଇ ଶ୍ରୀ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହୋଇଥିଲେ ପୁଣି ୨୦୧୯ ସାଧାରଣ ନିର୍ବାଚ଼ନରେ ଜୟଯୁକ୍ତ ହୋଇ ନରେନ୍ଦ୍ର ମୋଦି ପୁଣି ପ୍ରଧାନମନ୍ତ୍ରୀ ପଦ ଗ୍ରହଣ କଲେ।ଆଜି ସେହି ପ୍ରଖର ରାଷ୍ଟ୍ରବାଦୀ ନେତା,ମହାନାୟକ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ।

+ ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍ - ୭୫୨୦୩୫
ମୋ: ୬୩୭୦୨୦୮୪୨୮

ବାଲେଶ୍ୱର ରୋଟାରୀ କ୍ଲବ୍‌ର 'ସବୁଜ ବନାନୀ ପ୍ରକଳ୍ପ ଉଦ୍‌ଘାଟିତ

ବାଲେଶ୍ୱର,୨୨/୦୬ (ନି.ପ୍ର): ବାଲେଶ୍ୱର ଠାରୁ ୧୨ କିଲୋମିଟର ଦୂରରେ ବୁଢ଼ାବଳଙ୍ଗ ନଦୀ କୂଳରେ 'ସୁଦୀର୍ଘ ୫୦ ଏକର ଜମିରେ ବାଲେଶ୍ୱର ରୋଟାରୀ କ୍ଲବ ତରଫରୁ ଗଢ଼ି ଉଠିଥିବା ସବୁଜ ବନାନୀ ପ୍ରକଳ୍ପକୁ ସାହୁପଡ଼ାଠାରେ ଆସନ୍ତା ବର୍ଷର ରୋଟାରୀ ଜିଲ୍ଲା ଗଭର୍ଣ୍ଣର ଶାନ୍ତନୁ କୁମାର ପାଣିଙ୍କ ଦ୍ୱାରା ପୂର୍ବାହ୍ନ ୧୧ଟା ସମୟରେ ଉଦ୍‌ଘାଟିତ ହୋଇଯାଇଛି । ରେମୁଣା ତହସିଲଦାର ମନୋଜ କୁମାର ସେନାପତି ଏହି ପ୍ରକଳ୍ପର ତୋରଣକୁ ଆନୁଷ୍ଠାନିକ ଭାବେ ଫିତା କାଟି ଉନ୍ମୋଚନ କରିଥିଲେ । ବାଲେଶ୍ୱର ରୋଟାରୀ କ୍ଲବର ସଭାପତି ଭାବଗ୍ରାହୀ ମହାନ୍ତି ପ୍ରକଳ୍ପ ବିଷୟରେ ସୂଚନା ଦେଇ କହିଥିଲେ ଯେ ଦୀର୍ଘ ୩ ବର୍ଷ ତଳୁ ଏହି ବନାନୀ ସୃଷ୍ଟି କରାଯାଇ ଆଜି ୧୬ ହଜାର ବୃକ୍ଷର ଜଙ୍ଗଲ ସୃଷ୍ଟି ହୋଇଅଛି । ପୂର୍ବତନ ସଭାପତି ସପନ କୁମାର ମହାପାତ୍ର, ଦେବେନ୍ଦ୍ର କୁମାର ଧଳ ଏବଂ ମାତୃଦତ୍ତ ଦାସଙ୍କର ଏହି ବନାନୀ ପ୍ରକଳ୍ପ ପାଇଁ ଉଲ୍ଲେଖନୀୟ ଅବଦାନ ରହିଛି । ଜିଲ୍ଲା ଗଭର୍ଣ୍ଣର ଶାନ୍ତନୁ କୁମାର ପାଣି ଏହିଭଳି ସବୁଜ ବନାନୀ ପ୍ରକଳ୍ପ ସୃଷ୍ଟି କରିବା ପାଇଁ ଆଗାମୀ ବର୍ଷରେ ସମସ୍ତଙ୍କୁ ପ୍ରତ୍ସୋହିତ କରାଯିବ, ରେମୁଣା ତହସିଲ୍‌ଦାର ମନୋଜ କୁମାର ସେନାପତି ତାଙ୍କ ବକ୍ତବ୍ୟରେ ସାହୁପଡ଼ା ଓ ଦୁମୁଦା ଗ୍ରାମର ଗ୍ରାମବାସୀମାନଙ୍କର ଅକ୍ଲାନ୍ତ ଶ୍ରମଦାନ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି କହିଥିଲେ ଏବଂ ଅର୍ଜୁନ କମିଲା, ଶିବବ୍ରତ ଦାସଙ୍କ ସମେତ ସବୁ ଗ୍ରାମବାସୀ ମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ । ପ୍ରାକ୍ତନ ସଭାପତି ଦେବେନ୍ଦ୍ର କୁମାର ଧଳ ଏବଂ ସପନ ମହାପାତ୍ର ଏହି ପ୍ରକଳ୍ପ ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରୋଟାରୀଆନ୍ ନନ୍ଦୀକିଶୋର ମହାନ୍ତି, ସନ୍ତୋଷ କୁମାର ନାହକ ଏବଂ ଜଳେଶ୍ୱର ରୋଟାରୀ କ୍ଲବର ସଭ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଏହି ପ୍ରକଳ୍ପ 'ଇକୋ ଟୁରିଜିନ୍'ର ଏକ ଅଂଶବିଶେଷ ଯାହାକି ଭବିଷ୍ୟତରେ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବ ବୋଲି ସଭାପତି ତାଙ୍କ ଅଭିଭାଷଣରେ କହିଥିଲେ ଓ ସ୍ଥାନୀୟ ସରପଞ୍ଚ ଏବଂ କେତେଜଣ ମୁଖ୍ୟ ସଂଗ୍ରାମୀ ଗ୍ରାମବାସୀଙ୍କର ସହାୟତା ପାଇଁ ଆଗକୁ ଏହାର ବୃଦ୍ଧି ଘଟିବ । ଶେଷରେ ପ୍ରାକ୍ତନ ସଭାପତି ମାତୃଦତ୍ତ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ରୋଟାରୀ ଗଭର୍ଣ୍ଣର ଶାନ୍ତନୁ ପାଣି ରୋଟାରୀ ସହିତ ଯୋଡ଼ିହୋଇ ରହିବା ପାଇଁ ଆହ୍ୱାନ କରିଥିଲେ । ବାଲେଶ୍ୱର ଡି.ଏଫ୍.ଓ ପଣ୍ଡା ବାବୁଙ୍କର ଯୋଗଦେବାର ଥିଲେ ମଧ ସେ ଆସିପାରି ନଥିଲେ ।

ଦିନକରେ ଚିହ୍ନଟ ୨୪୭ ନୂଆ କରୋନା ସଂକ୍ରମିତ ଓ ସୁସ୍ଥ ହେଲେ ୩୬୪

ବାଲେଶ୍ୱର,୨୨/୦୬ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୨୪୭ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ବାଲେଶ୍ୱର ସହରର ସହଦେବଖୁଣ୍ଟାରୁ ୬ଜଣ, ସୁନହଟରୁ ୪, ନେଳିଆବାଗରୁ ୩, ଅଙ୍ଗାରଗଡିଆରୁ ୨, ଅଜିମାବାଦରୁ ୨, ମଠସାହିରୁ ୨, ମୋତିଗଞ୍ଜରୁ ୨ ଓ ପୁରୁଣା ବାଲେଶ୍ୱରରୁ ୨ଜଣଙ୍କ ସମେତ ବାଲୁବଜାର, ଗୋପାଳଗାଁ, ଜେଲ ରୋଡ, ଶୋଭାରାମପୁର, ସୁଏଲପୁର, ଟୁଲଙ୍କସାହି ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ଅଛନ୍ତି। ସେହିଭଳି ବାହାନଗା ବ୍ଲକରୁ ୨୩ଜଣ, ବାଲିଆପାଳରୁ ୧୦, ବସ୍ତାରୁ ୨୨, ଭୋଗରାଇରୁ ୭, ଜଳେଶ୍ୱରରୁ ୨୩, ଖଇରାରୁ ୩୬, ନୀଳଗିରରୁ ୨୨, ଔପଦାରୁ ୨, ରେମୁଣାରୁ ୨୮, ସଦରରୁ ୨୭, ସିମୁଳିଆରୁ ୫ ଓ ସୋର ବ୍ଲକରୁ ୧୩ଜଣ ବ୍ୟକ୍ତି ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୧,୩୨୬ରେ ପହଞ୍ଚିଥିବା ବେଳେ ଗତ ୨୪ ଘଣ୍ଟା ମଧରେ ୩୬୪ଜଣ ସୁସ୍ଥ ହୋଇଛନ୍ତି। ଆଜି ଦିନକରେ ୩୬୪ ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ବେଳେ ଏବେ ସୁଦ୍ଧା ଜିଲାରେ ସୁସ୍ଥଙ୍କ ସଂଖ୍ୟା ୨୮,୫୦୮ ଛୁଇଁଛି। ଅନ୍ୟପକ୍ଷରେ ଏବେ ସକ୍ରିୟ ଥିବା ୨୬୮୮ଜଣ କରୋନା ଆକ୍ରାନ୍ତଙ୍କ ମଧରୁ ୨,୫୫୭ଜଣ ଗୃହ ସଙ୍ଗରୋଧରେ ଏବଂ ୧୩୧ଜଣ ଦୁଇଗୋଟି କୋଭିଡ ଡାକ୍ତରଖାନା ଓ ୩ ଗୋଟି କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ମାଲକାନଗିରି ଜିଲ୍ଲାପାଳଙ୍କ ବିରୋଧରେ....

ଜିଲ୍ଲାପାଳ ସ୍ପଷ୍ଟିକରଣ ରଖିବା ବୋଲି ଗଣମାଧ୍ୟମକୁ ଓ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ସୂଚନା ଦେଇଛନ୍ତି । ପୁଣି ଚର୍ଚ୍ଚାରେ ମାଲକାନଗିରି ଜିଲ୍ଲାପାଳ । ଏଥର ଚର୍ଚ୍ଚାରେ ଡାକ୍ତର ୟେଦୁଲା ବିଜୟ । ଟେଣ୍ଡର ଫିକ୍ସିଙ୍ଗ ପରି ସାଂଘାତିକ ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲାପାଳ ଡାକ୍ତର ୟେଦୁଲା ବିଜୟଙ୍କ ନାଁରେ । ଜିଲ୍ଲାୱାରି ଲଘୁ ଖଣିଜ ପଦାର୍ଥର ନିଲାମ ଲାଗି ତହସିଲଦାର ମାନଙ୍କ କ୍ଷମତା ରହିଛି । ତେବେ ମାଲକାନଗିରି ଜିଲ୍ଲାପାଳ କିଛି ଉଦ୍ଦେଶ୍ୟ ରଖି ସମସ୍ତ ୬ଟି ତହସିଲର ଖଣି ଲିଜ୍ ପ୍ରକ୍ରିୟା ନିଲାମ ଭାର ନିଜେ ତୁଲାଇ ଥିବା ଅଭିଯୋଗ ହୋଇଛି । ଗତ ମାର୍ଚ୍ଚ ୩ ତାରିଖରେ ଏଥିପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ୨୦ ତାରିଖ ୫ଟା ୩୦ ମିନିଟ ଥିଲା ଆବେଦନ ର ଶେଷ ତାରିଖ । ତେବେ ଏଥିରେ ବ୍ୟାପକ ପକ୍ଷପାତିତା କରି ଥିବା ଅଭିଯୋଗ କରିଛି କଂଗ୍ରେସ । ଟେଣ୍ଡର ବକ୍ସକୁ ନିଜ ବାସଭବନରେ ରଖି କାଗଜ ପତ୍ର ହେରଫେର କରି ସିଏଚ୍ ବେନିଗୋପାଳ ନାମକ ବ୍ୟକ୍ତିଙ୍କୁ ଅନୁକମ୍ପା ଦେଖାଇଥିବା ଅଭିଯୋଗ ଆଣିଛନ୍ତି ପ୍ରଦୀପ ମାଝୀ । ଟେଣ୍ଡର ଅବଧି ସରିବାରେ କେଇ ଘଂଟା କିମ୍ବା ତାହାର ପର ଦିନ ଟେଣ୍ଡର ବକ୍ସ ଖୋଲିବାର ସରକାରୀ ନିୟମ ରହିଛି । ତେବେ କେଉଁ କାରଣ ରୁ ଟେଣ୍ଡର ବକ୍ସ ଖୋଲିବାକୁ ୧୦ ଦିନ ଲାଗିଲା ଏବଂ କାହିଁକି ଏହା ଟ୍ରେଜରି ରେ ରଖିବାକୁ ପଡିଲା ତାହାକୁ ନେଇ ଉଠିଛି ପ୍ରଶ୍ନ । ୨୦ ତାରିଖରେ ଟେଣ୍ଡର ବକ୍ସ ହସ୍ତାନ୍ତର କରାଯାଇ ଥିବା ଟେଣ୍ଡର ପ୍ରୋସିଡିଙ୍ଗସରେ ଉଲ୍ଲେଖ ରହି ଥିବା ବେଳେ ୨୩ ତାରିଖ ଦିନ ଗୋଟାଏ ୩୫ ମିନିଟରେ ବକ୍ସ ରିଭିସ କରାଯାଇ ଉଲ୍ଲେଖ ରହିଛି । ଯାହା ସନ୍ଦେହ ବଢ଼ାଉଛି । କେବଳ ଟେଣ୍ଡର ଫିକ୍ସିଙ୍ଗ ନୁହଁ । ସିଏଚ୍ ବେଣୁଗୋପାଲ ନାମକ ବ୍ୟକ୍ତି ଯାହାର କି ମୋଟୁ ଠାରେ ଭିଜି ଗ୍ରାନାଇଟ୍ସ ନାମକ ଏକ କମ୍ପାନୀ ରହିଛି, ସେଇ କମ୍ପାନୀକୁ ଅହେତୁକ ଅନୁକମ୍ପା ଦେଖାଇ ଡଙ୍ଗର ଓ ଧାନ ଜମିରେ ୫ କୋଟି ଟଙ୍କାର ଘର ଦ୍ୱାର ଓ ପ୍ଲାନ୍ଟ ଥିବା ଦର୍ଶାଇ କୋଟିଏ ଟଙ୍କାର ସଲଭେନ୍ସି ପ୍ରାଦନ କରା ଯାଇଛି । ଏବଂ ସେଇ ସଲଭେନ୍ସି କୁ ଆଧାର କରି କୋଟିଏ ଟଙ୍କା ସ୍ଥାନରେ ୨ କୋଟି ୩୮ ଲକ୍ଷ ଟଙ୍କାର ପଥର କୁଆରି ଟେକି ଦିଆ ଯାଇ ଥିବା ଅଭିଯୋଗ ହୋଇଛି । ମାଲକାନଗିରି ଭଳି ଉପାନ୍ତ ଅଂଚଳରେ କ୍ରଶର ଠାରୁ ଆରମ୍ଭ କରି ନିର୍ମାଣ କାମ, ସବୁ ଆନ୍ଧ୍ର ଠିକାଦାରଙ୍କ ହାତରେ ଟେକି ଦିଆ ଯାଉଥିବା ଅଭିଯୋଗ ହୋଇଛି ।

ପ୍ରଧାନମନ୍ତ୍ରୀଙ୍କ ସର୍ବ ଦଳୀୟ ବୈଠକରେ ....

୭ଟି ରାଜନୈତିକ ଦଳ ଗୁଡିକୁ ନେଇ ଏହିମେଂଟ ଗଠନ ହୋଇଛି । ନ୍ୟାସନାଲ କନଫରେନ୍ସ ମୁଖ୍ୟ ତଥା ଜମ୍ମୁ କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲା ଗୁପକାର ମେଂଟର ଅଧକ୍ଷ ଅଛନ୍ତି । ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ସମ୍ମୁଖରେ ନିଜ ଦାବି ଉପସ୍ଥାପନ କରିବ ଗୁପକାରମେଂଟ । ତେବେ କେନ୍ଦ୍ର ସରକାରଙ୍କ ଯାହା ଏଜେଣ୍ଡା ରହିଥାଉ ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ନିଜ ପ୍ରସଙ୍ଗ ରଖିବେ ଏବଂ ଜେଲରେ ବନ୍ଦ ଥିବା କଏଦୀଙ୍କୁ ମୁକ୍ତ କରିବାର ବାଟ ଫିଟିବ ବୋଲି ମେହବୁବା ମୁଫତି କହିଛନ୍ତି । ଏହା ଫଳରେ ଲୋକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି ହେବ ବୋଲି କହିଛନ୍ତ ମେହବୁବା । କେବଳ ସେତିକି ନୁହେଁ ସମସ୍ୟାର ସମାଧାନ ପାଇଁ ପାକିସ୍ତାନ ସହ ମଧ ଆଲୋଚନା କରିବା ଉଚିତ ବୋଲି ମେହବୁବା କହିଛନ୍ତି । ସେପଟେ ନିଜ ସମସ୍ୟାକୁ ମୋଦୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି କହିଛନ୍ତି ଫାରୁକ ଅବଦୁଲ୍ଲା । କେନ୍ଦ୍ରସରକାରଙ୍କ ଆଲୋଚନା ପ୍ରସ୍ତାବକୁ ପୂର୍ବରୁ ହିଁଘାଟିର ଅଧିକାଂଶ ରାଜନୈତିକ ଦଳ ସ୍ୱାଗତ କରିଛନ୍ତି । ତେବେ ଏହି ଆଲୋଚନାକୁ ହୁରିଅତକୁ ଡକାଯାଇ ନାହିଁ । କେନ୍ଦ୍ରସରକାରଙ୍କ ପକ୍ଷରୁଏହିବୈଠକ ପାଇଁ ଜମ୍ମୁ-କାଶ୍ମୀରର ୧୬ଟି ନେତାଙ୍କୁବୈଠକ ପାଇଁଡକାଯାଇଥିଲା । ଜମ୍ମୁ-କାଶ୍ମୀରରୁ ଧାରା ୩୭୦ ଓ ୩୫ ଏ ହଟାଯିବା ପରେକେନ୍ଦ୍ର ଦ୍ୱାରାଘାଟିରନେତାଙ୍କସହଏହା ପ୍ରଥମ ଆଲୋଚନା ।

୨୭ ଯାଏଁ ବର୍ଷା....

ଆଦି ଜିଲ୍ଲାରେ ବଜ୍ରପାତ ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୩ ତାରିଖ ସକାଳ ଠାରୁ ୨୪ ତାରିଖ ,ସକାଳ ମଧ୍ୟରେ ଝାରସୁଗୁଡା, ସମ୍ବଲପୁର ବରଗଡ, ସୁନ୍ଦରଗଡ ଓ ଦେବଗଡ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହା ବ୍ୟତୀତ ବାଲେଶ୍ୱର , ଭଦ୍ରକ, ଯାଜପୁର ,କେନ୍ଦ୍ରାପଡା, କଟକ , ଜଗତସିଂହପୁର, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୁରଭଂଜ, ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ନୟାଗଡ ଓ ଖୋର୍ଦ୍ଧା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏଥିସହ୨୭ ତାରିଖ ମଧରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବା ନେଇ ପୂର୍ବାନୁମାନ କରାଯାଇଛି।

ସିବିଏସଇ ଓ ଆଇସିଏସଇର ....

ବୋଲି ଦର୍ଶାଇଥିଲେ ଆବେଦନକାରୀ । ଏଥିସହ ପରୀକ୍ଷାର୍ଥୀ, ଅଭିଭାବକ, ଶିକ୍ଷକ ପାଇଁ ସ୍ୱାସ୍ଥ୍ୟ ସମ୍ପର୍କୀତ ସମସ୍ତ ସୁରକ୍ଷା ବ୍ୟବସ୍ଥା କରିବାକୁ ଆବେଦନରେ ଦର୍ଶାଇଥିଲେ । ଆଇନଜୀବୀ ମଞ୍ଜୁ ଜେଠଲିଙ୍କ ଜରିଆରେ ଛାତ୍ରଛାତ୍ରୀ ଆବେଦନ କରିଥିଲେ । ଦ୍ୱାଦଶ ଛାତ୍ରଛାତ୍ରୀଙ୍କର କେମିତି ମୂଲ୍ୟାୟନ, କେଉଁ ଆଧାରରେ ହେବ ସେନେଇ ୧୭ ତାରିଖରେ ସୁପ୍ରିମକୋର୍ଟଙ୍କୁ ବିସ୍ତୃତ ତଥ୍ୟ ଦେଇଥିଲେ ସିବିଏସଇ କର୍ତ୍ତୃପକ୍ଷ । ସିବିଏସଇର ଏହି ଫର୍ମୁଲାକୁ ଗ୍ରହଣ କରିଥିଲେ ସୁପ୍ରିମକୋର୍ଟ । ତେବେ ଆଜି ଏହି ମାମଲାର ଶୁଣାଣୀ କରି ସିବିଏସଇ ଓ ଆଇସିଏସଇର ମୂଲ୍ୟାୟନ ପଦ୍ଧତିକୁ ସୁପ୍ରିମକୋର୍ଟ ଅନୁମତି ଦେଇଛନ୍ତି । ଅର୍ଥାତ ପୂର୍ବ ନିର୍ଦ୍ଧାରିତ ପଦ୍ଧତି ଅନୁଯାୟୀ ମୂଲ୍ୟାୟନ କରାଯିବ ।

ଧାଡ଼ିରେ ଛିଡ଼ା ହେବା ପରେ ବି ମିଳୁନି ଟିକା : ମେଡିକାଲ ପରିସରରେ ଚାପା ଉତ୍ତେଜନା

ବାରିପଦା,୨୨/୦୬(ନି.ପ୍ର): ବାରିପଦା ରାସଗୋବିନ୍ଦପୁର ବ୍ଲକ ତୋଟାପଦା ଡାକ୍ତର ଖାନାରେ ଟୀକା ନେବାକୁ ଧାଡିରେ ଛିଡ଼ା ହୋଇଥିଲେ ଶତାଧିକ ଲୋକ । କିନ୍ତୁ ଅନେକ ସମୟ ଧାଡିରେ ଛିଡା ହେବା ପରେ ମଧ ଟୀକା ମିଳୁନଥିବା ଅଭିଯୋଗ ହୋଇଛି । ତେବେ ଏହି ଟୀକା କେବଳ ୧୮ ରୁ ୪୪ ବର୍ଷ ପର୍ଯ୍ୟନ୍ତ ହୋଇଥିବା ବେଳେ ପ୍ରଥମ ଦିନରେ ୫ଶହରୁ ଉର୍ଦ୍ଧ୍ୱ ଲୋକ ଟୀକା ନେବା ପାଇଁ ମେଡିକାଲ ଆସିଥିଲେ । ତେବେ ୧ଶହ ଡୋଜ ଟୀକା ମେଡିକାଲରେ ପହଞ୍ଚିଥିବା ତୋଟାପଦା ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ । ତେବେ ଟୀକା ନେବାକୁ ଆସି ପ୍ରବଳ ଭିଡ଼ ହୋଇଥିବା ବେଳେ ହସ୍ପିଟାଲରେ ଚାପା ଉତ୍ତେଜନା ଦେଖାଦେଇଥିଲା । ମାତ୍ର ଘୋଷଣା ମୁତାବକ ଯେଉଁ ମାନେ ଅନଲାଇନ କରିଥିଲେ ତାଙ୍କ ପାଇଁ ପଚାଶ ଓ ଅଫଲାଇନ ପାଇଁ ପଚାଶ ଟୀକା ଆସିଥିଲା । କିନ୍ତୁ ସେତେବେଳକୁ ୫ଶହରୁ ଅଧିକ ଲୋକ ଧାଡିରେ ଛିଡ଼ା ହୋଇଥିବାରୁ ଲୋକ ମାନେ ପରସ୍ପର ମଧ୍ୟରେ ଟଣାଓଟରା ଆରମ୍ଭ କରି ଦେଇଥିଲେ । ଦିନ ୯ଟାରୁ ଟୀକା କରଣ ଆରମ୍ଭ ହୋଇଥିବା ବେଳେ ସ୍ୱାସ୍ଥ୍ୟକର୍ମୀ ଅଞ୍ଜନା ବତି ବେହେରା, ପ୍ରିତମ ନାୟକ, ଲିଜା ପରିଡ଼ା, ଆଶା କର୍ମୀ ଶ୍ରୀମତୀ ମହାନ୍ତ ଏବଂ ସରସ୍ୱତୀ ମହାନ୍ତ, ବଡାମପୁର ଫାର୍ମିରୁ ସାହୁ ବାବୁ ଓ ତୋଟାପଦା ମେଡିକାଲ କର୍ମଚାରୀ ମାନେ ଟୀକା ପ୍ରଦାନ କରିବାରେ ସାହାଯ୍ୟ କରିଥିଲେ । ଦିନ ୧୧ ଟା ସୁଦ୍ଧା ୧ ଶହ ଡୋଜ ଟୀକା ଶେଷ ହୋଇଯାଇଥିଲା । ପରିଶେଷରେ ୪ଶହରୁ ଉର୍ଦ୍ଧ୍ୱ ଲୋକ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ରହିବା ପରେ ନିରାଶ ହୋଇ ଫେରିଯାଇଥିଲେ । ସରକାର ଏଥିପ୍ରତି ଧ୍ୟାନ ଦେବା ଦରକାର ବୋଲି ଯୁବ ସମାଜସେବୀ ଗଗନ ସାହୁ, ସନ୍ତୋଷ କୁମାର ମହାନ୍ତ, ଲଳିତ ମହାନ୍ତ, ବାବୁଲୁ ନାୟକ, ଅଭିଲାଷ ଦୀକ୍ଷିତ, ଲଲାଟ ରାୟ, ସାମ୍ବାଦିକ ସୁଦୀପ୍ତ କୁମାର ପଣ୍ଡା,ଏବଂ ଅଞ୍ଚଳ ବାସି ଦାବୀ କରିଛନ୍ତି ।

ସଂସ୍କାର ଓ ନୀତି ନିର୍ଦ୍ଧାରଣ ଉପରେ ବ୍ଲଗ ପୋଷ୍ଟ ସେୟାର କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୨୨/୦୬ (ନି.ପ୍ର): କୋଭିଡ୍ ମହାମାରୀ ସମୟରେ ସଂସ୍କାର, କେନ୍ଦ୍ର ଓ ରାଜ୍ୟ ଭାଗିଦାରୀ, ଅଭିନବ ନୀତି ନିର୍ଦ୍ଧାରଣ ଉପରେ ନିଜର ବ୍ଲଗ ପୋଷ୍ଟକୁ ସେୟାର କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଏହି ପୋଷ୍ଟ ଲିଙ୍କ୍‌ଡଇନ୍ ପ୍ଲାଟଫର୍ମରେ ପୋଷ୍ଟ କରାଯାଇଛି । ଏକ ଟ୍ୱିଟ୍ ମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି: "ଇଚ୍ଛାଶକ୍ତି ଓ ପ୍ରୋତ୍ସାହନ ମାର୍ଗରେ ସଂସ୍କାର... କୋଭିଡ ମହାମାରୀ ସମୟରେ କେନ୍ଦ୍ର ରାଜ୍ୟ ଭାଗିଦାରୀ ଭାବନା ନେଇ ଅଭିନବ ନୀତି ନିର୍ଦ୍ଧାରଣ ଉପରେ ମୋର ଲିଙ୍କ୍‌ଡଇନ ପୋଷ୍ଟ" । https://www.linkedin.com/pulse/reforms-conviction-incentives-narendra-modi/?published=t

ଅସହାୟ ପରିବାରକୁ ଶିକ୍ଷକଙ୍କ ସହାୟତା

ବାଲେଶ୍ୱର,୨୨/୦୬ (ନି.ପ୍ର): ମଧୁମେହ ରୋଗରେ ମୃତ୍ୟୁ ବରଣ କରିଥିବା ସଦର ବ୍ଲକ ଶାସଙ୍ଗ ପଞ୍ଚାୟତ ମଲିକ ସାହିର ସ୍ୱର୍ଗତ ବିଦ୍ୟାଧର ମଲିକଙ୍କ ପରିବାରକୁ ସହାୟତା କରିଛନ୍ତି ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ତଥା ସମାଜସେବୀ ଡ. ହରପ୍ରସାଦ ପାଳ। ସ୍ୱାମୀଙ୍କ ମୃତ୍ୟୁରେ ଅତ୍ୟନ୍ତ ଦୁଃଖ କଷ୍ଟରେ ଥିବା ପରିବାର ପାଖରେ ପୈହଞ୍ଚି ଡ.ପାଳ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ଦେଇଥିଲେ। ଏଥି ସହିତ ସ୍ଥାନୀୟ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ବାପଛେଉଣ୍ଡ କନ୍ୟାକୁ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ଆଗାମୀ ଦିନରେ ପାଠପଢ଼ା ପାଇଁ ଆବ୍ୟାକ ସହଯୋଗ ପ୍ରଦାନ କରିବେ ବୋଲି ଡ.ପାଳ ପ୍ରତିଶ୍ରୁତି ବି ଦେଇଛନ୍ତି। ଡ. ପାଳଙ୍କର ଏତାଦୃଶ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳର ଲୋକେ ପ୍ରଶଂସା କରିଛନ୍ତି।

ଗୋଟିଏ ଦିନରେ ୨୯୫୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୨/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୯୫୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୮୮୩୪୯୦ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୮୪୪୮୦୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୩୪୯୬୫ ରହିଛି। ଆଜି ଚିହ୍ନଟ ହୋଇଥିବା ୨୯୫୭ ଜଣଙ୍କ ମଧ୍ୟରୁ ୧୬୯୮ଜଣ ସଂଗରୋଧରୁ ହୋଇଥିବା ବେଳେ ୧୨୫୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୪୦୮ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୪୭ ଜଣ, ବରଗଡ଼ରୁ ୪୧ ଜଣ, ଭଦ୍ରକରୁ ୧୯୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୩୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୪୭, କଟକରୁ ୨୭୨ ଜଣ, ଦେବଗଡ ଜିଲ୍ଲାରୁ ୧୦ ଜଣ, ଢେଙ୍କାନାଳ ଜିଲ୍ଲାରୁ ୪୨ ଜଣ, ଗଜପତି ଜିଲ୍ଲାରୁ ୨୪ , ଗଞ୍ଜାମରୁ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୧୦୩ ଜଣ, ଯାଜପୁରରୁ ୨୬୦ ଜଣ, ଝାରସୁଗୁଡ଼ାରୁ ୩ ଜଣ, କଳାହାଣ୍ଡିରୁ ୩୮ ଜଣ, କନ୍ଧମାଳ ଜିଲ୍ଲାରୁ ୫୧ ଜଣ. କେନ୍ଦ୍ରାପଡ଼ାରୁ ୧୧୬ ଜଣ, କେନ୍ଦୁଝରରୁ ୫୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

ପାରାଦୀପ ବନ୍ଦରାଂଚଳରେ ଯୋଗ ଦିବସ ପାଳିତ

ପାରାଦୀପ,୨୨/୦୬ (ନି.ପ୍ର): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସୋମବାର ଦିନ ଆର୍ନ୍ତଜାତୀୟ ଯୋଗ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ବନ୍ଦର ଉପାଧ୍ୟକ୍ଷ ଏ.କେ. ବୋଷ ଉଦ୍‌ଘାଟନ କରିଥିଲେ । ବନ୍ଦରର ବରିଷ୍ଠ ଉପ ସଚୀବ ଟି.କେ. ହାଜିରା ଚୌଧୁରୀଙ୍କ ସମେତ ଆର୍ଟ ଅଫ ଲିଭିଙ୍ଗ୍‌ର ସଂପାଦକ ଏସ୍.କେ. ସେଠୀ ଓ ଯୋଗ ପ୍ରଶିକ୍ଷକ ତାପସ ରଂଜନ ପତି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପାରାଦୀପ ବନ୍ଦରର ୧୨୦ ଜଣ ଅଧିକାରୀ, କର୍ମଚାରୀ ସେମାନଙ୍କ ପରିବାର ସହିତ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଡି ହୋଇ ଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ସିଆଇଏସ୍‌ଏଫ୍ କର୍ମଚାରୀ ମଧ୍ୟ ସାମିଲ ହୋଇଥିଲେ । ସେହିପରି ମନସା ଚାରୀଟେବୁଲ ଟ୍ରଷ୍ଟ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତରଫରୁ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଗ ଦିବସ ପାଳିତ ହୋଇଯାଇଛି ।

ବାଉଁଶ ପୋଲ ହିଁ ସାହା ଏକମାତ୍ର ଭରସା

ବାରମ୍ବାର ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ବାରିପଦା/ବଡ଼ସାହି,୨୨/୦୬ (ନି.ପ୍ର): ସାଧାରଣ ଲୋକଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଛି । କିନ୍ତୁ ସ୍ଥାନୀୟ ବିଧାୟକ, ଲୋକ ପ୍ରତିନିଧି ଏବଂ ସରକାରୀ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଆଜି ସ୍ୱାଧୀନତାର ୭୪ ବର୍ଷ ପରେ ବି ଗ୍ରାମବାସୀଙ୍କ ପାଇଁ ବାଉଁଶ ପୋଲ ସାଜିଛି ଏକ ମାତ୍ର ସାହା ଭରସା । ସରକାର ମାଳ ମାଳ ଯୋଜନା ପ୍ରଣୟନ କରିଛନ୍ତି ସତ କିନ୍ତୁ ଯୋଜନା କେବଳ କାଗଜ କଲମରେ ସିମୀତ ହୋଇ ରହି ଯାଉଛି । କିଛି ଖାମଖିଆଲି ମନଭାବ ଥିବା ସରକାରୀ ଅଧିକାରୀଙ୍କ ପାଇଁ ଲୋକେ ହେଉଛନ୍ତି ହନ୍ତସନ୍ତ । ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଅନ୍ତର୍ଗତ ରାଇଡିହି ସାମିଲ କମଳାଶୋଳ ଗାଁରେ ବସବାସ କରୁଥିବା ୩ଶହରୁ ଉର୍ଦ୍ଧ୍ୱ ଲୋକ ଦୀର୍ଘ ବର୍ଷ ଧରି ସମସ୍ୟାର ସମ୍ମୁଖୀନ ହେଉଥିବା ସତ୍ତ୍ୱେ ସରକାରଙ୍କ ଦୃଷ୍ଟି ପଡିନାହିଁ । ରାଇଡିହି ଗାଁକୁ ନା ଅଛି ଯାତାୟତ ଲାଗି ରାସ୍ତାଟିଏ ନା ଅଛି ପିଇବା ପାଇଁ ପାଣିର ସୁବନ୍ଦୋବସ୍ତ । ନିଜ ଖର୍ଚ୍ଚରେ ଗ୍ରାମବାସୀଙ୍କ ଦ୍ୱାରା ଦୈନନ୍ଦିନ ଯାତାୟତ ପାଇଁ ନିର୍ମିତ ହୋଇଥିବା ବାଉଁଶପୋଲ ହିଁ ଗ୍ରାମବାସୀଙ୍କ ଏକମାତ୍ର ସାହା ଭରସା । ପକ୍କା ପୋଲ ନିର୍ମାଣ ହୋଇ ପାରି ନଥିବାରୁ ବିପଦସଂକୁଳ ଅବସ୍ଥାରେ ଗର୍ଭବତୀ ମହିଳା ହୁଅନ୍ତୁ କି ଛୋଟ ପିଲା ଓ ବୃଦ୍ଧ ଯିବା ଆସିବା ପାଇଁ ବାଧ ହେଉଛନ୍ତି ସେହି ବାଉଁଶ ପୋଲରେ । ଏପରିକି ଗାଁ ମଧ୍ୟକୁ ଆମ୍ବୁଲାନ୍ସ ଆସିବା ସ୍ୱପ୍ନ ହୋଇ ଯାଇଛି । ୩୦୦ ରୁ ଅଧିକ ଲୋକେ ଏହି ବିପଦସଂକୁଳ ବାଉଁଶପୋଲ ଉପରେ ଯାତାୟତ କଲାବେଳେ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଅଭିଯୋଗ ମଧ ହୋଇଛି । ବର୍ଷା ଋତୁରେ ଚାରିମାସ ଗ୍ରାମବାସୀ ଏକ ପ୍ରକାର ଜଳବନ୍ଦୀ ଜୀବନ ବିତାଇଥାନ୍ତି । ପାନୀୟ ଜଳ ପାଇଁ ଗାଁରେ ଥିବା ଏକ ମାତ୍ର କୂଅ ଗ୍ରାମବାସୀଙ୍କ ପାଇଁ ସାହା ଭରସା । ଏନେଇ ବ୍ଲକ୍ ପ୍ରଶାସନଠାରୁ ଆରମ୍ଭ କରି ବିଧାୟକଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ । ତେବେ ଏଠାରେ କେବେ ପୋଲ ନିର୍ମାଣ ହେବ ଆଉ ଗାଁ ଲୋକେ ଗମନାଗମନ ଭଳି ଏକ ଅତ୍ୟାବଶ୍ୟକୀୟ ସମସ୍ୟାରୁ ମୁକୁଳିବେ ତାହା ଦେଖିବା ପାଇଁ ବାକି ରହିଲା ।

ବାଲେଶ୍ୱର ବୁଧବାର, ୨୩ ଜୁନ୍, ୨୦୨୧

ଧ୍ୱନି ପ୍ରତିଧ୍ୱନି

କର୍ଣ୍ଣାଟକରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଲୋକାର୍ପିତ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୨/୦୬ (ନି.ପ୍ର): କର୍ଣ୍ଣାଟକ ସମେତ ସମଗ୍ର ଭାରତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାରଙ୍କ ପକ୍ଷରୁ କୋଭିଡ୍-୧୯କୁ ମୁକାବିଲା କରିବା ତଥା ଦେଶବାସୀଙ୍କ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ପାଇଁ ସବୁପ୍ରକାର ଉଦ୍ୟମ କରାଯାଉଥିବା ବେଳେ ଦେଶରେ ମାଗଣା ଟିକାକରଣ ଅଭିଯାନ ଆରମ୍ଭ କରାଯାଇଛି । ଅନେକ ସ୍ଥାନରେ ଟିକାକୁ ନେଇ ଦ୍ୱନ୍ଦ ଉପୁଜିଥିବା ବେଳେ ସମସ୍ତ ଷ୍ଟେକ୍ ହୋଲଡରମାନେ ଏହି ଦ୍ୱିକା ଦ୍ୱନ୍ଦକୁ ଦୂର କରିବା ଦିଗରେ କାମ କରିବା ଦରକାର ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମଙ୍ଗଳବାର ନୂଆଦିଲ୍ଲୀରୁ ଭିଡ଼ିଓ କନଫରେନ୍ସିଂ ଜରିଆରେ କର୍ଣ୍ଣାଟକ ଠାରେ ବିଭିନ୍ନ ସମାଜିକ ଏବଂ ବିକାଶମୂଳକ ପ୍ରକଳ୍ପର ଉଦଘାଟନ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କର୍ଣ୍ଣାଟକର ମାଣ୍ଡ୍ୟା ଠାରେ ଅକ୍ସିଜେନ୍ ଉତ୍ପାଦନ ପ୍ଲାଂଟ୍, ମୁଦବିଦ୍ରି ଠାରେ କୋଭିଡ୍ ରୋଗୀଙ୍କ ପାଇଁ ୫୦ ହସ୍ପିଟାଲ ବେଡର ଲୋକାର୍ପଣ କରିଛନ୍ତି। କେଆଇଓସିଏଲର ସହଯୋଗରେ ଏହି ଉଭୟ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଇଥିବା ବେଳେ ଏହା କର୍ଣ୍ଣାଟକକୁ କୋଭିଡ୍ ମହାମାରୀ ବିରୋଧରେ ଲଢ଼ିବାକୁ ସହାୟକ ହେବ ବୋଲି ସେ କହିଛନ୍ତି। ସେହିପରି ତୁମକୁର ଜିଲ୍ଲା କାଥ୍ରିକେହାଲ ଗ୍ରାମରେ କେଆଇଓସିଏଲ ଦ୍ୱାରା ୨୪.୪୪ କୋଟି ଟଙ୍କାରେ ପ୍ରତିଷ୍ଠା ହୋଇଥିବା ୫ ମେଗାୱାଟ ସୋଲାର ପାୱାର ପ୍ଲାଂଟକୁ ମଧ୍ୟ ଉତ୍ସର୍ଗ କରାଯାଇଛି। ଏହାସହ କେଆଇଓସିଏଲର ମାଙ୍ଗାଲୋର ପେଲେଟ ପ୍ଲାଂଟ ଠାରେ ଘଂଟା ପ୍ରତି ୧୦୦୦ ଟନ୍ କ୍ଷମତା ବିଶିଷ୍ଟ ବାରେଲ୍ ଟାଇପ୍ ବ୍ଲେଣ୍ଡର ରିକ୍ଲେମରର ଶୁଭାରମ୍ଭ କରିଛନ୍ତି କେନ୍ଦ୍ରମନ୍ତ୍ରୀ। ଏହି ପ୍ରକଳ୍ପର ମୂଲ୍ୟ ରହିଛି ୧୭ କୋଟି ୫୦ ଲକ୍ଷ ଟଙ୍କା । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମାଗଣା ମେଗା ଟିକାକରଣ କାର୍ଯ୍ୟକ୍ରମରେ ଗୋଟିଏ ଦିନରେ ରେକର୍ଡସଂଖ୍ୟକ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଟିକା ନେଇଛନ୍ତି। କର୍ଣ୍ଣାଟକ ସରକାର ମଧ୍ୟ ଏହି ଟିକାକରଣ ଅଭିଯାନରେ ସାମିଲ ହୋଇଥିବାରୁ ଅଭିନନ୍ଦନ। ଆମକୁ ଏହିଭଳି ଶାନ୍ତି ବଜାୟ ରଖିବାକୁ ହେବ।

ପଞ୍ଚାୟତ ଅଧିକାରୀ ବିଜୟ ନାୟକ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୨୨/୦୬(ନି.ପ୍ର): କର୍ତବ୍ୟନିଷ୍ଠ ଆଉ ଦାୟିତ୍ୱବାନ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ବିଜୟ କୁମାର ନାୟକ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି କରୋନା ଯୋଦ୍ଧା ଭାବରେ ସମ୍ବର୍ଦ୍ଧିତ ହୋଇଛନ୍ତି ।ଗତକାଲି ବିଧାନସଭା ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶାର ବାଚସ୍ପତି ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ପାତ୍ର ଶ୍ରୀଯୁକ୍ତ ବିଜୟ ନାୟକଙ୍କୁ ଶ୍ରେଷ୍ଠ କରୋନା ଯୋଦ୍ଧା ସଂମ୍ମାନରେ ସମ୍ବର୍ଦ୍ଧିତ କରିଛନ୍ତି ।ସମ୍ବର୍ଦ୍ଧିତ କରିବା ସମୟରେ ଶ୍ରୀଯୁକ୍ତ ପାତ୍ର କହିଛନ୍ତି ବିଜୟ ନାୟକଙ୍କ ପରି ସମସ୍ତ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କର୍ତବ୍ୟନିଷ୍ଠ ଆଉ ଦାଇତ୍ୱବାନ ହୋଇ କାର୍ଯ୍ୟ କରିପାରିଲେ ପଂଚାୟତର ଉନ୍ନତି ହେବା ସହିତ ଆମ ରାଜ୍ୟର ମଧ ଉନ୍ନତି ହେବ ।ବାଚସ୍ପତି ଶ୍ରୀଯୁକ୍ତ ପାତ୍ର ଆହୁରି ମଧ କହିଛନ୍ତି ବିଜୟ ନାୟକ ହେଉଛନ୍ତି ଯୁବପିଢ଼ିଙ୍କ ଆଦର୍ଶ ଆଉ ଅନ୍ୟ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତାଙ୍କ ପରି ହେବାକୁ ଚେଷ୍ଟା କରିବା ଉଚିତ ।ଓଡ଼ିଶାରେ ଜଣେ ପଞ୍ଚାୟତ ଅଧିକାରୀ ବାଚସ୍ପତିଙ୍କ ପାଖରୁ ପୁରସ୍କାର ପାଇବା ଓଡିଶା ଇତିହାସରେ ପ୍ରଥମ ଘଟଣା ।ବିଜୟ ନାୟକ ବାଚସ୍ପତିଙ୍କ ପାଖରୁ ପୁରସ୍କୃତ ହେଇ ନୂତନ ଇତିହାସ ସୃଷ୍ଟି କରିଛନ୍ତି ।୧୯୬୭ ମସିହାରେ ପିତା ଶ୍ରୀଯୁକ୍ତ ଗୋପୀନାଥ ନାୟକ ଏବଂ ମାତା ଶ୍ରୀମତୀ ଗୌରୀ ନାୟକଙ୍କ ଠାରୁ ଜନ୍ମ ଗ୍ରହଣ କରିଥିଲେ ସୁଯୋଗ୍ୟ ସନ୍ତାନ ବିଜୟ ନାୟକ ।୧୯୮୯ ମସିହାରୁ ଆଜି ପର୍ଯ୍ୟନ୍ତ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ କାର୍ଯ୍ୟ କରି ଆସୁଛନ୍ତି ।ଶ୍ରୀଯୁକ୍ତ ନାୟକ ଦୀର୍ଘ ବତୀଶ ବର୍ଷ ହେବ ନିରବିଛିନ ଭାବରେ ସେବା କାର୍ଯ୍ୟ କରି ଆସୁଛନ୍ତି ।ଗତବର୍ଷ କ୍ୱାରେଣ୍ଟାଇନ ଚାଲିଥିବା ସମୟରେ କଠିନ ପରିଶ୍ରମ ଆଉ ଦାଇତ୍ୱପୂର୍ଣ ଭାବରେ ସମସ୍ତ ପ୍ରବାସୀ ମାନଙ୍କର ଦାଇତ୍ୱ ନେଇ ଉଚ୍ଚ ପ୍ରଶଂସିତ ହୋଇଥିଲେ। ସରକାରୀ ଚାକିରୀ କରିବା ସହିତ ଶ୍ରୀଯୁକ୍ତ ନାୟକ ଏକାଧାରରେ ଜଣେ ଗୀତିକାର, କଣ୍ଠଶିଳ୍ପୀ ଆଉ ଜଣେ ଆଦର୍ଶ ସମାଜସେବୀ ଅଟନ୍ତି।

ଭଦ୍ରକରୁ ୧୯୨ ଚିହ୍ନଟ

ଭଦ୍ରକ,୨୨/୦୬ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଆଉ ୧୯୨ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ସମୟ ମଧ୍ୟରେ ୨୧୪ଜଣ ସୁସ୍ଥ ମଧ୍ୟ ହୋଇଛନ୍ତି। ତେବେ ଜିଲ୍ଲାରୁ ମୋଟ ୪ ଲକ୍ଷ ୫୧ ହଜାର ୫୯୨ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ୨୧ ହଜାର ୨୬୫ଜଣ। ସେମାନଙ୍କ ମଧ୍ୟରୁ ସୁସ୍ଥ ହୋଇ ସାରିଛନ୍ତି ୧୯ ହଜାର ୪୪୭ଜଣ। ଏବେ ସକ୍ରିୟ ଆକ୍ରାନ୍ତ ଅଛନ୍ତି ୧୭୭୭ ଜଣ। ନୂଆ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ବାସୁଦେବପୁର ପୌରପାଳିକାରୁ ୭ଜଣ, ଭଦ୍ରକ ପୌରପାଳିକାରୁ ୧୧ଜଣ, ବନ୍ତ ବ୍ଲକରୁ ୨୮ଜଣ, ଭଣ୍ଡାରିପୋଖରୀ ବ୍ଲକରୁ ୧୦ଜଣ, ଧାମନଗର ବ୍ଲକରୁ ୨୩ଜଣ, ତିହିଡ଼ି ବ୍ଲକରୁ ୧୮ଜଣ, ବାସୁଦେବପୁର ବ୍ଲକରୁ ୩୯ଜଣ, ଚାନ୍ଦବାଲି ବ୍ଲକରୁ ୯ଜଣ, ଭଦ୍ରକ ବ୍ଲକରୁ ୨୪ଜଣ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ଭଦ୍ରକ ଜିଲ୍ଲାର ୧୮ଜଣ ଜିଲ୍ଲା ବାହାରେ ଚିହ୍ନଟ ହୋଇଥିବା ବେଳେ ବାହାର ଜିଲ୍ଲାର ୫ଜଣ ଭଦ୍ରକ ଜିଲ୍ଲାରେ ଚିହ୍ନଟ ହୋଇଛନ୍ତି।

କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୬ ଗିରଫ

ଭୁବନେଶ୍ୱର,୨୨/୦୬ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୬ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୪୬୪ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୬,୩୫,୬୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

ଟାଉନ ଥାନାରେ ନାହାନ୍ତି ଅଧିକାରୀ : ସକ୍ରିୟ ଚୋରା ମଦ ବେପାରୀ

ବାଲେଶ୍ୱର,୨୨/୦୬ (ନି.ପ୍ର): କୋଭିଡ ସମୟରେ ବାଲେଶ୍ୱର ଟାଉନଥାନାର ଅଧିକାରୀ ପଦବୀ ଖାଲି ପଡ଼ିବାକୁ ନେଇ ଏବେ ସବୁଠି ଆଲୋଚନା ଚାଲିଛି। ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ସାଙ୍ଗକୁ ଅସାମାଜିକ କାର୍ଯ୍ୟକଳାପ ହ୍ରାସ କରିବାରେ ଟାଉନଥାନାର ଭୂମିକା ସର୍ବାଗ୍ରେ ରହି ଆସିଛି। ବିଶେଷ କରି ଗ୍ରାମାଞ୍ଚଳ ଓ ସହରାଞ୍ଚାଳର ସଂଯୋଗ ସ୍ଥଳରେ ଥିବା ଏହି ଥାନାର ପୁଲିସକୁ ସର୍ବଦା ସକ୍ରିୟ ରହିବାକୁ ପଡ଼ିଥାଏ। ଅନ୍ୟପକ୍ଷରେ କରୋନା ପାଇଁ ଏବେ ଚାଲିଥିବା ତାଲାବନ୍ଦ ସମୟରେ ଥାନାର ମୁରବୀ ପଦବୀ ଖାଲି ପଡ଼ିବାକୁ ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଥାନାଧିକାରୀଙ୍କ ଅନୁପସ୍ଥିତିରେ ତଳିଆ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ବେପରୱା ଭାବେ କାର୍ଯ୍ୟ ଜାରି ରଖିଥିବା ଅଭିଯୋଗ ହେଉଛି। ସବୁଠାରୁ ବଡ଼କଥା ହେଲା ଥାନା ସମ୍ମୁଖରେ ସକାଳେ ନାହିଁ ନଥିବା ଭିଡ଼ ହେଉଥିଲେ ବି କହିବାକୁ କେହି ନାହିଁ। ଲୋକେ ମାସ୍କ ପିନ୍ଧନ୍ତୁ ବା ନପିନ୍ଧନ୍ତୁ, ସାମାଜିକ ଦୂରତା ରଖନ୍ତୁ ବା ନ ରଖନ୍ତୁ, ଥାନାର ପୁଲିସ ସବୁ ଦେଖୁଥିଲେ ବି କାହାକୁ କିଛି କହୁନାହାନ୍ତି। ଅନ୍ୟପକ୍ଷରେ ଅଧିକାରୀଙ୍କ ଅନୁପସ୍ଥିତିରେ ଥାନାରେ ଅରାଜକତା ଚାଲିଥିବା ବେଳେ ଚୋରା ଦେଶୀମଦ ବ୍ୟବସାୟୀ ବି ସକ୍ରିୟ ହୋଇଗଲେଣି। ଏଭଳି ସ୍ଥିତିରେ ଶୁଭ୍ରାଂଶୁ ନାୟକଙ୍କ ଭଳି ଜଣେ କର୍ତ୍ତବ୍ୟନିଷ୍ଠ ଓ ସଚୋଟ ଅଧିକାରୀଙ୍କୁ ତୁରନ୍ତ ଦାୟିତ୍ୱ ପ୍ରଦାନ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

ତାଲାବନ୍ଦରେ ପ୍ରଭାବିତ ସେଲୁନ କାରିଗରଙ୍କୁ ସହାୟତା ପାଇଁ ନିବେଦନ

ବାଲେଶ୍ୱର,୨୨/୦୬ (ନି.ପ୍ର): କରୋନା ଜନିତ ତାଲାବନ୍ଦ ଓ ସପ୍ତାହାନ୍ତ ବନ୍ଦ ପ୍ରଭାବରେ ଜୀବିକା ହରାଇଥିବା ସେଲୁନ କାରିଗର ଏବଂ ବାରିକମାନେ ସହାୟତା ପାଇଁ ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ବାଲେଶ୍ୱର ଜିଲା ବାରିକ ସମିତିର କର୍ମକର୍ତ୍ତାମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ ସହ ସାମ୍ପ୍ରତିକ ତାଲାବନ୍ଦ ସ୍ଥିତିରେ ସେମାନେ ସାମ୍ନା କରୁଥିବା ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ତାଲାବନ୍ଦ ଯୋଗୁଁ ସେଲୁନ, ସ୍ପା ଓ ବିୟୁଟି ପାର୍ଲର ଆଦି ବନ୍ଦ କରାଯିବା ଯୋଗୁଁ ସେମାନଙ୍କ ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିଥିବା ସଂଗଠନର କର୍ମକର୍ତ୍ତାମାନେ କହିଥିଲେ। ସମ୍ପ୍ରତି କରୋନା ସଂକ୍ରମଣ ହ୍ରାସ ପାଉଥିବା ବେଳେ ୨୦୨୦ ମସିହା ଭଳି କୋଭିଡ କଟକଣା ଓ ନିୟମ ପାଳନ ସହ ସେଲୁନ ଓ ପାର୍ଲର ପ୍ରଭୃତି ଖୋଲିବାକୁ ଅନୁମତି ଦେବା ପାଇଁ ସେମାନେ ଜିଲାପାଳଙ୍କୁ ନେହୁରା ହୋଇଥିଲେ। ଏଥି ସହିତ ଏଭଳି ଦୁର୍ବିପାକ ସମୟରେ ତାଲାବନ୍ଦ ପ୍ରଭାବିତ ଅନ୍ୟାନ୍ୟ ବର୍ଗଙ୍କ ଭଳି ବାରିକମାନଙ୍କୁ କିଛି କିଛି ଆର୍ଥିକ ସହାୟତା ପ୍ରଦାନ ପାଇଁ ସେମାନେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ବାରିକ ସମିତି ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ର ପ୍ରଦାନ ବେଳେ ସମିତିର ସଭାପତି ଅରବିନ୍ଦ ବାରିକ, ଉପ-ସଭାପତି ପରମାନନ୍ଦ ବାରିକ, ସମ୍ପାଦକ ଶୁଭ୍ରଲୋଚନ ବାରିକ, କୋଷାଧ୍ୟକ୍ଷ ହରେକୃଷ୍ଣ ବାରିକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

ଲୁଣିବନ୍ୟାରେ ନଷ୍ଟ ଏସଏଚଜିଙ୍କ ମାଛଚାଷ

ବ୍ୟାଙ୍କଋଣ ଛାଡ଼ ପାଇଁ ଜିଲ୍ଲାପାଳଙ୍କଠାରେ ମହିଳାଙ୍କ ଗୁହାରୀ

ବାଲେଶ୍ୱର,୨୨/୦୬ (ନି.ପ୍ର): ବ୍ୟାଙ୍କ ଋଣରେ କରାଯାଇଥିବା ମାଛଚାଷ 'ୟସ' ବାତ୍ୟାରେ ନଷ୍ଟ ହୋଯାଇଥିବା ବେଳେ ଆର୍ଥିକ ସହାୟତା ପାଇଁ ପରିଖି ପଞ୍ଚାୟତର ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନେ ଜିଲାପାଳଙ୍କଠାରେ ଗୁହାରୀ କରିଛନ୍ତି। ରାଜ୍ୟ ସରକାରଙ୍କ 'ଓଡ଼ିଶା ଜୀବିକା ମିଶନ'ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଖି ପଞ୍ଚାୟତର ସମୁଦ୍ର ଉପକୂଳ 'ନନ୍ଦଚକ' ଅଞ୍ଚଳର ମାଆ ମାତୃଶକ୍ତି, ବାବା ବଟେଶ୍ୱର ଓ ନାଗେଶ୍ୱର ସ୍ୱୟଂ ସହାୟିକା ଗୋଷ୍ଠୀ (ଏସଏଚଜି) ବ୍ୟାଙ୍କରୁ ଋଣ ନେଇ ଏକାଧିକ ପୋଖରୀରେ ମାଛ ଓ ପନିପରିବା ଚାଷ କରିଥିଲେ। ତେବେ ଗତ ୨୬ ତାରିଖର ବାତ୍ୟା 'ୟସ'ର ପ୍ରଭାବରେ ସମୁଦ୍ରରେ ଉଚ୍ଚ ଜୁଆର ଉଠିବା ଫଳରେ ଲୁଣାପାଣି ଚାଷଜମୀ ସମେତ ମାଛପୋଖରୀରେ ପଶିଯାଇଥିଲା। ୨୪ ଘଣ୍ଟା ମଧ୍ୟରେ ସବୁମାଛ ମରିଯିବା ସହ ହୋଇଥିବା ପରିବା ଚାଷ ମଧ୍ୟ ନଷ୍ଟ ହୋଇଯାଇଛି ବୋଲି ଏସଏଚଜି ମହିଳାମାନେ କହିଛନ୍ତି। ଓଡ଼ିଶା ଜୀବିକା ମିଶନର ସହାୟତାରେ ବ୍ୟାଙ୍କରୁ ଋଣ ଆଣି ସେମାନେ ଗତ କିଛିବର୍ଷ ଧରି ମାଛ ଓ ପରିବା ଚାଷ କରି ସ୍ୱାବଲମ୍ବୀ ହେବାକୁ ଉଦ୍ୟମ ଜାରି ରଖଥିଲେ। ଏବେ ସବୁକିଛି ନଷ୍ଟ ହେବା ଯୋଗୁଁ ପରିବାର ଗୁଜରାଣ ମେଣ୍ଟାଇବା କଷ୍ଟକର ବ୍ୟାପାର ହୋଇଥିବା ବେଳେ ଋଣ ସୁଝିବା ଚିନ୍ତା ଘାରିଛି। ସୁଝିବାକୁ ଥିବା ଋଣଅର୍ଥ ଛାଡ଼ ସହ ବ୍ୟାଙ୍କ ପକ୍ଷରୁ ପୁନଃ ଦୀର୍ଘକାଳୀନ ଋଣ ପ୍ରଦାନ ପାଇଁ ମହିଳାମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏଥି ସହିତ ନନ୍ଦଚକ ଅଞ୍ଚଳରେ ନଷ୍ଟ ହୋଇ ଯାଇଥିବା ଲୁଣିବନ୍ଧ ମରାମତି ସାଙ୍ଗକୁ ସ୍ଥାୟୀ ପ୍ରତିକାର ପାଇଁ ସେମାନେ କହିଛନ୍ତି। ଏନେଇ ସେମାନେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

ଇଫ୍କୋରେ କର୍ପୋରେଟ୍ କୋଭିଡ୍-୧୯ ଟିକା କେନ୍ଦ୍ର ଉଦ୍ଘାଟିତ

ପାରାଦ୍ୱୀପ,୨୨/୦୬ (ନି.ପ୍ର): ଇଫ୍କୋ ପାରାଦ୍ୱୀପ ୟୁନିଟ୍ ପରିସରରେ ଏକ କର୍ପୋରେଟ୍ କୋଭିଡ୍-୧୯ ଟିକା ଗ୍ରହଣ କେନ୍ଦ୍ର ସୋମବାର ଦିନ ଉଦ୍ଘାଟିତ ହୋଇଯାଇଛି । ସାମ୍ପ୍ରତିକ ମହାମାରୀ ପରିସ୍ଥିତିରେ ପାରାଦ୍ୱୀପ ରେ ପ୍ରଶାସନ ପକ୍ଷରୁ ଦୁଇଟି ଚିହ୍ନିତ ଟୀକା ଗ୍ରହଣ କେନ୍ଦ୍ର ପାରାଦ୍ୱୀପ ବନ୍ଦର ଚିକିତ୍ସାଳୟ ଓ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ସାଧାରଣରେ ଟୀକା ପ୍ରଦାନ କରାଯାଉଥିବା ବେଳେ ଇଫ୍କୋ ଠାରେ ଏହି ଟିକାଗ୍ରହଣ କେନ୍ଦ୍ରରେ ଇଫ୍କୋର କର୍ମଚାରୀମାନେ ଟୀକା ଗ୍ରହଣ କରିବା ଦ୍ୱାରା ଉପରୋକ୍ତ ଦୁଇ ଟୀକା ଦାନ କେନ୍ଦ୍ରରେ କିଛିଟା ଗହଳି ଓ ପ କମିବାର ଆଶା କରାଯାଏ । କରୋନା ସଂକ୍ରମଣ ର ଦ୍ୱିତୀୟ ତରଙ୍ଗ ରେ ବହୁ ଲୋକ ସଂକ୍ରମିତ ଓ ମୃତ୍ୟୁମୁଖରେ ପଡିଥିବା ବେଳେ, ଇଫ୍କୋ ଦ୍ୱାରା ପ୍ରତିଷ୍ଠିତ ଏହି ଟୀକାକରଣ କେନ୍ଦ୍ର ସଠିକ ସମୟରେ ସ୍ଥାପିତ ହୋଇଛି । ଏହି ଟୀକାଗ୍ରହଣ କେନ୍ଦ୍ର ଇଫ୍କୋର ସମସ୍ତ କର୍ମଚାରୀ ଓ ୧୮ ବର୍ଷରୁ ଉର୍ଦ୍ଧ୍ୱ ପରିବାର ବର୍ଗଙ୍କୁ ଉପକୃତ ହେବେ । ଏହି ଟୀକାକରଣ କେନ୍ଦ୍ରକୁ ଜଗତସିଂହପୁର ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଉଦ୍ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଫ୍କୋ ପାରାଦ୍ୱୀପ ୟୁନିଟ୍ ମୁଖ୍ୟ ଏବଂ ବରିଷ୍ଠ କାର୍ଯ୍ୟକାରୀ ନିର୍ଦ୍ଦେଷକ କେ.ଜେ.ପଟେଲଙ୍କ ସମେତ, ଜଗତସିଂହପୁର ସିଡିଏମ୍ଓ ଡା. ବିଜୟା ପଣ୍ଡା, ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ଡ. କାହ୍ନୁ ଚରଣ ଧୀର, ଇଫ୍କୋ ଜିଏମ୍ ଏ.କେ.ମଲ୍ଲ, ଡା.ପୁଷ୍ପା ମହାନ୍ତି, ଏଚଆର୍ ଡିଜିଏମ୍ ଜ୍ଞାନ ନ ଦ ଆର୍ଯ୍ୟ, ପ୍ରଶାସନିକ ଅଧିକାରୀ ପ୍ରଶନ୍ନ କୁମାର ବେଉରାଙ୍କ ସମେତ ଇଫକୋ ଅଫିସର୍ସ ସଂଘ ଓ କର୍ମଚାରୀ ୟୁନିଅନର ସଭାପତି ଓ ସାଧାରଣ ସଂପାଦକ ପ୍ରମୁଖ ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ମନରେଗା ମଜୁରି ପ୍ରଦାନ ବ୍ୟବସ୍ଥା ସରଳୀକରଣ ଦାବି

ବାଲେଶ୍ୱର,୨୨/୦୬ (ନି.ପ୍ର): ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି 'ମନରେଗା' ଯୋଜନାରେ କେନ୍ଦ୍ର ସରକାରଙ୍କ ଜାତି ଭିତ୍ତିକ ମଜୁରି ପ୍ରଦାନ ନୀତିକୁ ବିରୋଧ କରିଛି ବାଲେଶ୍ୱରର ଓଡ଼ିଶା କ୍ଷେତ ମଜଦୁର ୟୁନିୟନ ଓ ଦଳିତ ଶୋଷଣମୁକ୍ତ ମଞ୍ଚ। ପୂର୍ବରୁ ସମଗ୍ର ଦେଶରେ ଚାଲିଥିବା ସମାନ କାମକୁ ସମାନ ମଜୁରି ବ୍ୟବସ୍ଥାକୁ ନଷ୍ଟ ସହ ଜାତି ଜାତି ମଧ୍ୟରେ ବିଭେଦ ସୃଷ୍ଟି ପାଇଁ କେନ୍ଦ୍ର ସରକାର ଉଦ୍ୟମ କରୁଛନ୍ତି ବୋଲି ସଂଗଠନର କର୍ମକର୍ତ୍ତାମାନେ ଆରୋପ ଉଠାଇଛନ୍ତି। ଆଗାମୀ ଦିନରେ ମନରେଗା ପାଣ୍ଠି ପ୍ରଦାନ ବେଳେ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଏ ସମ୍ପର୍କରେ ନୂତନ ମାର୍ଗଦର୍ଶିକା ଜାରି କରିବାକୁ ଯାଉଛନ୍ତି ବୋଲି ସେମାନେ ସୂଚିତ କରିଛନ୍ତି। ତେବେ କେନ୍ଦ୍ର ସରକାର ଜାତି ଜାତି ମଧ୍ୟରେ ବିଭେଦ ସୃଷ୍ଟି ପାଇଁ ଉଦ୍ୟମ ନ କରି ମନରେଗା ଯୋଜନାରେ ମଜୁରି ପ୍ରଦାନ ବ୍ୟବସ୍ଥା ସରଳୀକରଣ ପାଇଁ ସଂଗଠନ ପକ୍ଷରୁ ଦାବି ହୋଇଛି। ଏନେଇ ଦୁଇ ସଂଗଠନ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବାଲେଶ୍ୱର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ଶ୍ରମିକ ନେତା ନିର୍ମଳ ନାୟକ, ଶିଶିର ହୁଇ, ବିଜୟ ପାତ୍ର, ନିକୁଞ୍ଜ ବସନ୍ତ ରାୟ, ରାଜକିଶୋର ଲେଙ୍କା, ଦୀପ୍ତିମାନ ଆଚାର୍ଯ୍ୟ ପ୍ରମୁଖଙ୍କ ସମେତ ଓଡ଼ିଶା କ୍ଷେତ ମଜଦୁର ୟୁନିୟନ ଓ ଦଳିତ ଶୋଷଣମୁକ୍ତ ମଞ୍ଚର ବହୁ ସଦସ୍ୟ ଉପସ୍ଥିତ ଥିଲ।

ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ବାଲେଶ୍ୱର,୨୨/୦୬ (ନି.ପ୍ର): ନେହରୁ ଯୁବ କେନ୍ଦ୍ର ସଂଗଠନ ଓ ଉତ୍କଳ କୁଲଚରାଲ୍ ଏକାଡେମୀ ଓ ସହଯୋଗରେ ଓ ନସ୍ୟନାଲ୍ ହେଲ୍ଥ ମିଶନ ମିଳିତ ଆନୁକୁଲ୍ୟରେ ସଦର ବ୍ଲକ ବାସନ୍ତୀ ଶିନ୍ଧିଆ ଉପ ଚିକିଶ୍ୟଲୋରେ ଯୋଗ ଦିବସ ପାଳନ କରାଯାଇଛି ଏଥିରେ ମୁଖ୍ୟ ଅତିଥି ଭାବେ ବାସନ୍ତୀ ସିନ୍ଧୀୟା ହସ୍ପିଟାଲ୍‌ର ଡାକ୍ତର ପ୍ରସନ୍ନ ମାରାଣ୍ଡି ଉଦଘାଟନ କରିଥିଲେ ଓ ଅନ୍ୟ ସହଯୋଗୀ ଭାବେ ଆୟୁଷ ଡାକ୍ତର ମଧୁସ୍ମିତା ପ୍ରଧାନ ଯୋଗ ବିଷୟରେ ସମ୍ୟକ୍ ବକ୍ତବ୍ୟ ରଖିଥିଲେ ଓ ଯୋଗ ଶିକ୍ଷକ ବିକ୍ରମ ବାରିକ୍ ସମସ୍ତଙ୍କୁ ଯୋଗ ଶିକ୍ଷା ଦେଇଥିଲେ ଏହି କାର୍ଯ୍ୟକ୍ରମରେ ବଭଞ୍ଜ ଦିଦି ଭାରତୀ ପରମାଣିକ୍ ଓ ନେହରୁ ଯୁବ କେନ୍ଦ୍ର ସଂଗଠନ ର ସ୍ୱେଚ୍ଛାସେବୀ ବିକ୍ରମ ବାରିକ୍ ଗାୟତ୍ରୀ ବାରିକ୍ ଓ ଅନ୍ୟ ସ୍ୱେଚ୍ଛାସେବୀ ଉପୋସ୍ଥିତ ଥିଲେ, ଉତ୍କଳ କଲଚରାଲ୍ ଏକାଡେମୀର ପ୍ରଦୀପ ପ୍ରଧାନ ଧନ୍ୟବାଦ୍ ଦେଇ ସଭା ସୋଙ୍ଗୋ କରିଥିଲେ ।

ବାରିପଦାରେ ବିଜେଡିର ସାଂଗଠନିକ ବୈଠକ

ବାରିପଦା ମ୍ୟୁନିସିପାଲିଟି ସ୍ତରୀୟ
ସାଂଗଠନିକ ବୈଠକ
ସୌଜନ୍ୟ: ବିଜୁ ଜନତା ଦଳ, ବାରିପଦା

ବାରିପଦା,୨୨/୦୬ (ନି.ପ୍ର): ବିଜୁ ଜନତା ଦଳ, ବାରିପଦା ତରଫରୁ ମ୍ୟୁନିସିପାଲିଟି ସ୍ତରୀୟ ସାଂଗଠନିକ ବୈଠକ ଆଜି ସ୍ଥାନୀୟ ସ୍ୱସ୍ତିକ କଲ୍ୟାଣ ମଣ୍ଡପଠାରେ ବାରିପଦା ମ୍ୟୁନିସିପାଲିଟିର ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ବାରିପଦା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାରାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲା ବିଜେଡି ସହ-ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କା ମୁଖ୍ୟ ଅତିଥିଭାବେ ଯୋଗ ଦେବା ସହିତ ରାଜ୍ୟସଭା ସାଂସଦ ମମତା ମହାନ୍ତ, ମୋରଡା ନିର୍ବାଚନ ମଣ୍ଡଳୀର ବିଧାୟକ ରାଜକିଶୋର ଦାସ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମାରାଣ୍ଡି, କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ଅତିଥିଭାବେ ଯୋଗଦାନ କରି ସେମାନଙ୍କ ବହୁ ମୂଲ୍ୟ ବକ୍ତବ୍ୟ ଉପସ୍ଥାପନ କରିବା ସହିତ ତୃଣମୂଳ ସ୍ତରରୁ ସଂଗଠନକୁ ମଜବୁତ କରିବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥି ତଥା ଜିଲ୍ଲା ସହ-ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ଜନ୍ମେଜୟ ଲେଙ୍କା ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଲୋକମାନଙ୍କ ନିକଟରେ ପହଞ୍ଚାଇ ତାହାର ସୁଫଳ ଯେପରି ସାଧାରଣ ଜନତା ପାଇପାରିବେ ସେଥିପ୍ରତି ଆବଶ୍ୟକ ଧ୍ୟାନ ଦେବା ପାଇଁ ପରାମର୍ଶ ଦେବା ସହିତ ସଂଗଠନକୁ ଅଧିକ ମଜବୁତ କରିବା ପାଇଁ ଆଗାମୀ ଦିନରେ ବିଭିନ୍ନ ୱାର୍ଡସ୍ତରୀୟ ବୈଠକ କରାଯିବା ସହିତ ସାଧାରଣ କର୍ମୀଙ୍କ ମତାମତକୁ ଗୁରୁତ୍ୱ ଦିଆଯିବା ଏବଂ ଲୋକଙ୍କ ସୁଖଦୁଃଖରେ ସାମିଲ ହେବା ପାଇଁ ଦଳ କାର୍ଯ୍ୟ କରିବ ବୋଲି ଗୁରୁତ୍ୱଆରୋପ କରିଥିଲେ । ସଭାରେ ଗତ କିଛି ଦିନ ତଳେ 'ୟଶ' ବାତ୍ୟାରେ ପ୍ରଭାବିତ ବାରିପଦା ପୌରାଞ୍ଚଳର ଗରିବ ଜନସାଧାରଣଙ୍କୁ ଦଳ ତରଫରୁ ରିଲିଫ ଏବଂ ପାଲ ବଣ୍ଟନ କାର୍ଯ୍ୟରେ ସାହାଯ୍ୟ କରିଥିବା ହେତୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯିବା ସହିତ 'ୟଶ' ବାତ୍ୟାରେ ସମୟରେ ସମଗ୍ର ମୟୂରଭଞ୍ଜ ଜିଲ୍ଲାକୁ ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ତୋଫାନୀ ଗସ୍ତ କରିବା ସହିତ ଜନସାଧାରଣଙ୍କ ସାହାଯ୍ୟ କରିବା ପାଇଁ କର୍ମୀ ମାନଙ୍କୁ ଉତ୍ସାହିତ କରିବା ସହିତ ସମସ୍ତ ସହଯୋଗର ହାତ ବଢାଇଥିବାରୁ ସଭାରେ ସର୍ବ ସମ୍ମତିକ୍ରମେ ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

କମଳା ନେହେରୁ ମହିଳା ମହାବିଦ୍ୟାଳୟରେ ଅନ୍ତର୍ରାଷ୍ଟ୍ରୀୟ ଯୋଗ ଦିବସ ପାଳିତ

ଭୁବନେଶ୍ୱର,୨୨/୦୬ (ନି.ପ୍ର): ଭୁବନେଶ୍ୱରଠାରେ ଥିବା କମଳା ନେହେରୁ ମହିଳା ମହାବିଦ୍ୟାଳୟ ରେଡକ୍ରସ ଓ ଜାତୀୟ ସେବା ଯୋଜନାର ମିଳିତ ସହଯୋଗରେ ତା-୨୧-୦୬-୨୧ରିଖରେ ଆଭାସୀ ମାନଙ୍କ ମାଧ୍ୟମରେ ଅନ୍ତର୍ରାଷ୍ଟ୍ରୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼.ପ୍ରଫୁଲ୍ଲ ଚନ୍ଦ୍ର ରଥଙ୍କ ତତ୍ତ୍ୱାବଧାନରେ ଉକ୍ତ ଦିବସଟି ପାଳିତ ହେବା ସହିତ ସେ ଛାତ୍ରଛାତ୍ରୀମାନଙ୍କୁ ଯୋଗ ଓ ଯୋଗ ଦିବସର ତାତ୍ପର୍ଯ୍ୟ ବିଷୟରେ ଅଭିଭାଷଣ ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଯୋଗ ବିଜ୍ଞାନ ବିଭାଗରେ ଗବେଷକ ଭାବେ କାର୍ଯ୍ୟରତ ଶ୍ରୀ ଅଜିତ କୁମାର ନାୟକ ମହୋଦୟ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇ ଯୋଗ ଭାରତର ବିଶ୍ୱ ସଂପ୍ରଦାୟକୁ ଏକ ଅମୂଲ୍ୟ ଦାନ ଓ ଆଜିର ପରିପ୍ରେକ୍ଷୀରେ ଯୋଗର ଉପାଦେୟତା ସଂପର୍କରେ ଅବଗତ କରାଇଥିଲେ। ଅନ୍ୟତମ ଅତିଥି ଭାବରେ ଦର୍ଶନ ବିଭାଗର ଅଧ୍ୟାପିକା ଡ଼. ଅଭିଜିତା ଦାସ ଯୋଗ ଦେଇ ରୋଗରୁ ମୁକ୍ତି ପାଇଁ ଯୋଗର ଉପାଦେୟତା ସଂପର୍କରେ ଆଲୋଚନା କରିଥିଲେ। ଅପରାହ୍ନ ଯୋଗ ଶିବିର 'ଆର୍ଟ ଅଫ୍ ଲିଭିଂ'ର ଯୋଗ ପ୍ରଶିକ୍ଷିକା ମଧୁସ୍ମିତା ସାହୁ, ଲୋଖୀମଣୀ ଜେନା, ସିପ୍ରା ମହାନ୍ତି ଓ ଡ଼. ତରୁଲତା ପରିଡା ପ୍ରତ୍ୟକ୍ଷ ଭାବେ ଯୋଗାଭ୍ୟାସ କରାଇ ଶ୍ରୀ ରବିଶଙ୍କର ଙ୍କର ସୁଦର୍ଶନ କ୍ରିୟା ବିଷୟରେ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ମହାବିଦ୍ୟାଳୟ ରେଡକ୍ରସ ଅଧ୍ୟକ୍ଷା ଡ଼. ଶାଶ୍ୱତୀ ସୌମ୍ୟା ସାହୁ ଓ ସହାୟତା ପ୍ରଦାନ କରିଥିଲେ ରାଷ୍ଟ୍ରୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ଼. ସୁଶାନ୍ତ କୁମାର ପଟ୍ଟନାୟକ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଡ଼.ବିନିତା ମହାନ୍ତି। ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ସହାୟତା କରିଥିଲେ ମହାବିଦ୍ୟାଳୟର ରାଷ୍ଟ୍ରୀୟ ସେବା ଯୋଜନାର ଓ ରେଡକ୍ରସର ସ୍ୱେଚ୍ଛାସେବୀ ସେଜଲ ସରିତା ମହାନ୍ତି, ସାଗରିକା ମହାରଣା, ଭାଗର୍ବୀ ସାଇକୃପା, ଝରଣା ଦାସ ଓ ସଂଗୀତା ପ୍ରଜ୍ଞା ପ୍ରଧାନ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at
Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo